ବର୍ଷ-୨୫, ସଂଖ୍ୟା-୨୫
ଭୁବନେଶ୍ୱର
୨୫, ଜାନୁଆରୀ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 25
Bhubaneswar
25 January, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଆଜି ଭାରତ-ଇଂଲଣ୍ଡ
୨ୟ ଟି୨୦

# ପଂଚାୟତ ପ୍ରତିନିଧି ହେବେ ସ୍ୱତନ୍ତ୍ର ଅତିଥି

ପ୍ରୟାଗରାଜ, ୨୪।୧(ମହାଭାରତ): ଆସନ୍ତା ୨୬ ତାରିଖରେ ନୂଆଦିଲ୍ଲୀର କର୍ତବ୍ୟପଥରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବା ପାଇଁ ପଂଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ୬୦୦ରୁ ଉର୍ଦ୍ଧ୍ୱ ପଂଚାୟତ ନେତାଙ୍କୁ ଆମନ୍ତ୍ରଣ କରାଯାଇଛି । ନିଜ ନିଜ ପଂଚାୟତରେ ବିଭିନ୍ନ ସରକାରୀ ଯୋଜନାକୁ ସଫଳ ରୂପାୟନ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସ୍ୱତନ୍ତ୍ର ଅତିଥିମାନଙ୍କୁ ମନୋନୀତ କରାଯାଇଛି । ହର ଘର ଜଲ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମିଶନ ଇନ୍ଦ୍ରଧନୁଷ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା, ପିଏମ ମୁଦ୍ରା ଯୋଜନା, ପିଏମ ବିଶ୍ୱକର୍ମା ଯୋଜନା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, କିଷାନ କ୍ରେଡିଟ କାର୍ଡ ଯୋଜନା ପରି ବିଭିନ୍ନ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଂଚାଇ ସଫଳତା ପାଇଥିବା ନେତାଙ୍କୁ ଆମନ୍ତ୍ରଣ କରାଯାଇଛି । ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜଳ ଓ ପରିମଳ ପରି ବିଭିନ୍ନ କ୍ଷେତ୍ରରେ ନିଜ ନିଜ ଅଂଚଳରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତିତ୍ୱ ଏହି ଅବସରରେ ଆମନ୍ତ୍ରିତ ହୋଇଛନ୍ତି । ସାଧାରଣତନ୍ତ୍ର ଦିବସରେ ନିଜ ନିଜ ପରିବାର ସହ ଏହି ପଂଚାୟତ ନେତାମାନେ ପରେଡ ଦେଖିବାକୁ ସୁଯୋଗ ପାଇବେ ବୋଲି ସୂଚିତ କରାଯାଇଛି । କର୍ମ କ୍ଷେତ୍ରରୁ କର୍ତବ୍ୟପଥ ଆଡକୁ ଅଗ୍ରସର ହେବା ପାଇଁ ଏହା ଏକ ଆହ୍ୱାନ ବୋଲି କୁହାଯାଇଛି ।

ନୂଆଦିଲ୍ଲୀର ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ଅଫିସର୍ସ ଇନଷ୍ଟିଚ୍ୟୁଟଠାରେ ୨୫ ଜାନୁୟାରୀରେ ଏହି ପଂଚାୟତ ନେତାମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବ । ଏହି ଅବସରରେ ଗ୍ରାମୋଦୟ ସଂସ୍କରଣ ମାଗାଜିନର ପଂଚଦଶ ସଂସ୍କରଣ ଉନ୍ମୋଚିତ ହେବା ସହ ନୋ ୟୁଅର କନଷ୍ଟିଚ୍ୟୁସନ କୁଇଜ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ । ଗତବର୍ଷ ସମ୍ବିଧାନ ଦିବସ ଉପଲକ୍ଷେ ପଂଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଏହି କୁଇଜ ପ୍ରତିଯୋଗିତା ହୋଇଥିଲା । କେନ୍ଦ୍ର ପଂଚାୟତିରାଜ ମନ୍ତ୍ରୀ ରାଜୀବ ରଂଜନ ସିଂ ଓରଫ ଲଲନ ସିଂ, ପଂଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ.ପି.ସିଂ ବାଘେଲ, ପଂଚାୟତିରାଜ ସଚିବ ବିବେକ ଭରଦ୍ୱାଜ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିବେ ବୋଲି କୁହାଯାଇଛି ।



ଏନସିସି କ୍ୟାଡେଟ, ଏନଏସଏସ ସ୍ୱେଚ୍ଛାସେବୀ, ଆଦିବାସୀ ଅତିଥି ଏବଂ ପ୍ରଜ୍ଞାପନ ମେଢ କଳାକାରଙ୍କ ସହ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ

# ଐତିହାସିକ ହେବ ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭ୍ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୧(ମହାଭାରତ):** ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭ୍-୨୦୨୫ ଆସନ୍ତା ୨୮-୨୯ରେ ଅନୁଷ୍ଠିତ ହେବ। ଏହି ବିଶାଳ ବ୍ୟବସାୟିକ ସମାରୋହ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ଜନତା ମଇଦାନରେ ଏହାର ପ୍ରସ୍ତୁତି ସଂପର୍କିତ ଅନୁଧ୍ୟାନ କରିଛନ୍ତି। ପ୍ରସ୍ତୁତିସ୍ଥଳ ବୁଲିଲା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହି କାର୍ଯ୍ୟକ୍ରମ ସବୁ ଦୃଷ୍ଟିକୋଣରୁ ଐତିହାସିକ ହେବଙ୍ଗ ରାଜ୍ୟ ପାଇଁ ଏକ ସୁଦୃଢ଼ ଅର୍ଥନୈତିକ ଓ ଶିଳ୍ପ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।



ରାଜ୍ୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ୫ଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବାର ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ନିଶ୍ଚୟ ପୂରଣ ହେବ। ଏହାସହିତ ଶ୍ରମିକ, କୃଷକମାନଙ୍କ ପରି ସାଧାରଣ ଲୋକଙ୍କ ପାଇଁ ମଧ୍ୟ ବିପୁଳ ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଇନଭେଷ୍ଟର୍ସ ମିଟ୍ ରେ ୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିବାର ସମ୍ଭାବନା ରହିଛି ଏବଂ ଏହାଦ୍ୱାରା ୩.୫ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ମଧ୍ୟ ସୃଷ୍ଟି ହେବ। ୧୦୦ଟି ଅଧିକ ନିବେଶକ ଏମଓୟୁ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜାନୁଆରୀ ୨୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଉଦ୍‌ଘାଟନ କରିବେ। ଗତ ୭ ମାସ ମଧ୍ୟରେ ଓଡିଶାକୁ ଏହା ତାଙ୍କର ପଞ୍ଚମ ଗସ୍ତ ହେବ। ଓଡ଼ିଶାରେ ପୁଞ୍ଜିନିବେଶ ପ୍ରତି ତାଙ୍କର ସ୍ୱତନ୍ତ୍ର ଧ୍ୟାନ ରହିଛି ଏବଂ ଓଡିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ ଭାବେ ଅଗ୍ରସର ହେଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ୍ ଏବଂ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ମେକ୍ ଇନ୍ ଓଡ଼ିଶା ୱେବସାଇଟରେ ୭୫୦୦ରୁ ଅଧିକ ଡେଲିଗେଟ ପଞ୍ଜୀକରଣ କରିଛନ୍ତି। ଏଥିରେ ୨୦ଟିରୁ ଅଧିକ ଦେଶର ୧୦୦ରୁ ଅଧିକ ଆନ୍ତର୍ଜାତିକ ଡେଲିଗେଟ୍ ଅଛନ୍ତି। ସିଙ୍ଗାପୁର, ଅଷ୍ଟ୍ରେଲିଆ ଓ ମାଲେସିଆ ପରି ଆମର ପାର୍ଟନର ଦେଶ ମାନଙ୍କରୁ ଅଧିକ ଡେଲିଗେଟ୍ ଆସିବାର ସମ୍ଭାବନା ଅଛି ।

ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭ୍-୨୦୨୫ରେ କେତେକ କଣ୍ଟ୍ରି ଅଫ୍ ଫୋକସ୍ ସେସନ ଅନୁଷ୍ଠିତ ହେବ, ଯେଉଁଥିରେ ପ୍ରାୟ ୨୦ଟି ଦେଶର ପ୍ରତିନିଧିମାନେ ଆଲୋଚନା କରିବେ। ଏହା ଦ୍ୱାରା ଆନ୍ତର୍ଜାତିକ ଶିଳ୍ପ କ୍ଷେତ୍ରରେ ଓଡିଶାର ପ୍ରତିଷ୍ଠା ବୃଦ୍ଧି ପାଇବ।ଏହି କନକ୍ଲେଭରେ ଏକ ମେକ୍ ଇନ୍ ଓଡିଶା ଏକ୍ସପୋ ମଧ୍ୟ ଅନୁଷ୍ଠିତ ହେବ। ପ୍ରାୟ ୧୫୦ ଜଣ ଏକ୍ସିବିଟର ସେମାନଙ୍କର ପ୍ରଡକ୍ଟ , ସର୍ଭିସ୍ ଓ ଇନୋଭେସନ ଆଦି ପ୍ରଦର୍ଶନ କରିବେ। ୨୮-୨୯, ଦୁଇ ଦିନ ଧରି ଏହା କେବଳ ଡେଲିଗେଟ୍‌ମାନଙ୍କ ପାଇଁ ଖୋଲା ରହିବ। ୩୦ ତାରିଖ ଦିନ ଏହାକୁ ସର୍ବସାଧାରଣଙ୍କ ପାଇଁ ଖୋଲା ରଖାଯିବ। ଏହାସହିତ ଷ୍ଟାର୍ଟ ଅପ୍ ଓଡିଶା, ସ୍କିଲଡ୍ ଇନ୍ ଓଡିଶା ଓ ସୁଭଦ୍ରା ଜରିଆରେ ମହିଳା ଉଦ୍ୟୋଗୀକରଣ ପରି ତିନୋଟି ଥିମାଟିକ୍ ସେସନ ମଧ୍ୟ ଅନୁଷ୍ଠିତ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସମାରୋହରେ ବିଭିନ୍ନ ରାଉଣ୍ଡ ଟେବୁଲ ବୈଠକ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ମହିଳାଙ୍କ ନେତୃତ୍ୱ ରାଉଣ୍ଡଟେବୁଲ, ସି.ଇ.ଓ ରାଉଣ୍ଡଟେବୁଲ ଓ ଏଡିଟର୍ସ ରାଉଣ୍ଡଟେବୁଲ ଆଦି ଆଲୋଚନା ଜରିଆରେ ଶିଳ୍ପଦ୍ୟୋଗୀ ଓ ବିଶେଷଜ୍ଞ ମାନଙ୍କ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ ହେବ। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟଙ୍କା ଭର୍ତ୍ତି ଏଟିଏମ ମେସିନ ଲୁଟ୍

ଭୁବନେଶ୍ୱର, ୨୪।୧(ମହାଭାରତ): ରାଜଧାନୀରେ କମିଶନରେଟ ପୋଲିସକୁ ଅପରାଧୀଙ୍କୁ ଖୋଲା ଚାଲେଞ୍ଜ । ଟଙ୍କା ଭର୍ତି ଏଟିଏମ ମେସିନ ଟେକିନେଇଗଲେ ଦୁର୍ବୃତ୍ତ । ଏଭଳି ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱର ସାମନ୍ତରାପୁର ଶ୍ରୀରାମନଗର ଅଂଚଳରେ । ଗତକାଲି ବିଳମ୍ବିତ ରାତିରେ ଶ୍ରୀରାମନଗରରେ ଥିବା ଏସବିଆଇ ଏଟିଏମ ମେସିନ ସହ ଲୁଟି ନେଇଛନ୍ତି ଦୁର୍ବୃର୍ତ୍ତ । ଲୁଟ ବେଳର ସିସିଟିଭି ଫଟୋ ମଧ୍ୟ ସାମ୍ନାକୁ ଆସିଛି । ଯେଉଁଥିରେ ଦୁଇଜଣ ଦୁର୍ବୃର୍ତ୍ତ ମୁଖା ପିନ୍ଧି ଏଟିଏମ ଭିତରେ ପଶିଥିଲେ । ଖବର ପାଇ ସକାଳୁ ସକାଳୁ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା । ସ୍ଥାନୀୟ ଅଂଚଳର ସିସିଟିଭି ଯାଂଚ ପରେ ସୁନ୍ଦରପଦା ଜଟଣୀ ରାସ୍ତାରେ ଥିବା ଗଙ୍ଗୁଆ ନାଳରୁ ଭଙ୍ଗାରୁଜା ଅବସ୍ଥାରେ ଏଟିଏମକୁ ଜବତ କରାଯାଇଛି । ଦୁର୍ବୃର୍ତ୍ତ ଏଟିଏମ ମେସିନ ଭାଙ୍ଗି ଟଙ୍କା ନେଇଯାଇ ଥିବାବେଳେ ଏଟିଏମ ଫିଙ୍ଗି ଛୁ ମାରିଛନ୍ତି ।

ଭୁବନେଶ୍ୱର ସାମନ୍ତରପୁର ଛକରୁ ଏଟିଏମ ତାଡି ନେବା ମାମଲାରେ ଭୁବନେଶ୍ୱର ଡିସିପି ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଏନେଇ ସକାଳୁ ଖବର ହସ୍ତଗତ ହୋଇଛି । ଲୋକାଲ ଦୁର୍ବୃତ୍ତ କି ରାଜ୍ୟ ବାହାର ଗ୍ୟାଙ୍ଗର ହାତ ରହିଛି ଜଣାପଡିନି ।

# ୨ରେ ଅନଲାଇନ ଟିକେଟ ବିକ୍ରି

**ଭୁବନେଶ୍ୱର,୨୪।୧(ମହାଭାରତ):** ଐତିହାସିକ ବାରବାଟୀ କ୍ରିକେଟ ଷ୍ଟାଡିୟମରେ ଆୟୋଜିତ ହେବାକୁ ଯାଉଥିବା ବହୁ ପ୍ରତୀକ୍ଷିତ ଭାରତ-ଇଂଲଣ୍ଡ ଦିନିକିଆ ଦିବାରାତ୍ର କ୍ରିକେଟ୍ ମ୍ୟାଚ୍ର ଟିକେଟ୍ ବିକ୍ରି ନେଇ ତାରିଖ ଘୋଷଣା ହୋଇଯାଇଛି। ଦର୍ଶକମାନଙ୍କ ପାଇଁ ଆସନ୍ତା ଫେବ୍ରୁଆରି ୨ ତାରିଖରେ ଅନଲାଇନରେ ଉପଲବ୍ଧ ହେବ। ସେହିପରି କ୍ରିକେଟପ୍ରେମୀମାନେ ଆସନ୍ତା ୫-୬ରେ କାଉଣ୍ଟର ଟିକେଟ୍ କିଣିପାରିବେ। କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। କ୍ରୀଡ଼ା ମନ୍ତ୍ରୀ କହିଛନ୍ତି, ଆସନ୍ତା ୫ ଓ ୬ ତାରିଖରେ ବାରବାଟୀ ମ୍ୟାଚ୍ ପାଇଁ କାଉଣ୍ଟରରେ ଟିକେଟ୍ ବିକ୍ରି ହେବ। ଏହା ପୂର୍ବରୁ ୨ ତାରିଖ ଦିନ ଅନଲାଇନ୍‌ରେ ୪ ହଜାର ଟିକେଟ୍ ବିକ୍ରି କରାଯିବ। ଚଳିତ ଥର ଷ୍ଟାଡିୟମରେ ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯିବ।

# ୩୨,୭୩୬ କୋଟିର ପୁଞ୍ଜିନିବେଶକୁ ମଞ୍ଜୁରୀ

ଭୁବନେଶ୍ୱର, ୨୪।୧(ସ୍ୱାଧିକାରନ୍ୟୁଜ): ଓଡ଼ିଶା ସରକାର ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫ ପାଇଁ ପ୍ରସ୍ତୁତ ହେଉଥିବାବେଳେ ରାଜ୍ୟ ପାଇଁ ପୁଞ୍ଜି ବିନିଯୋଗ ଆସୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୩୯ତମ ଉଚ୍ଚ ସ୍ତରୀୟ କ୍ଲିୟରାନ୍ସ ଅଥରିଟି (ଏଚ୍‌ଏଲ୍‌ସିଏ) ବୈଠକରେ ରାଜ୍ୟ ୮ଟି ପରିବର୍ତ୍ତନଶୀଳ ଶିଳ୍ପ ପ୍ରକଳ୍ପରେ ୩୨୭୩୬ କୋଟି ମୂଲ୍ୟର ନିବେଶକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପଗୁଡିକ ମୁଖ୍ୟତଃ କେମିକାଲ୍ସ, ସବୁଜ ଶକ୍ତି ଉପକରଣ, ଜାହାଜ ନିର୍ମାଣ ଏବଂ ମରାମତି ଏବଂ ଇସ୍ପାତ ଉପରେ ପର୍ଯ୍ୟବେସିତ। ଏହି ପୁଞ୍ଜିବିନିଯୋଗ ୧୮,୬୮୮ ରୁ ଅଧିକ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବାକୁ ସ୍ଥିର ହୋଇଛି, ଯାହା ଓଡିଶାର ଶିଳ୍ପ ଏବଂ ଅର୍ଥନୈତିକ ଭିତ୍ତିଭୂମିକୁ ଦୃଢ଼ କରୁଛି। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଖୋର୍ଦ୍ଧା, ଜଗତସିଂହପୁର, ଗଞ୍ଜାମ, ସମ୍ବଲପୁର ଏବଂ ଭଦ୍ରକ ଭଳି ପ୍ରମୁଖ ଜିଲ୍ଲାରେ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଉତ୍କର୍ଷ ଓଡିଶା ୨୦୨୫ ପୂର୍ବରୁ ଏହି ବୃହତ ପ୍ରକଳ୍ପଗୁଡିକର ଅନୁମୋଦନ ଆମ ରାଜ୍ୟର ବଢୁଥିବା ଶିଳ୍ପ ଶକ୍ତିର ଏକ ସ୍ପଷ୍ଟ ସଙ୍କେତ ଅଟେ। ଏହି ବିନିଯୋଗ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ ଏବଂ ଓଡିଶାର ଲୋକଙ୍କୁ ସିଧାସଳଖ ଉପକୃତ କରିବ। ଆମର ଧ୍ୟାନ ହେଉଛି ସୁନିଶ୍ଚିତ କରିବା ଯେ ଓଡିଶା ଆମ ଲୋକଙ୍କ ପାଇଁ ପ୍ରଗତି ଏବଂ

ସମୃଦ୍ଧତା ପାଇଁ ଏକ ପ୍ରମୁଖ ପୁଞ୍ଜି ବିନିଯୋଗ ସ୍ଥଳ ହୋଇ ରହିଛି । ଖୋର୍ଦ୍ଧାରେ ୬୯୪୮ କୋଟିର ସବୁଜ ଶକ୍ତି ଉପକରଣ କରିବ ଖୋସମା ଗ୍ରୀନ୍ ଏନର୍ଜି ଟେକ୍ନୋଲୋଜି ଲିମିଟେଡ୍। ଏଥିରେ ୨୮୯୮ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଧୁନସେରି ଭେର୍ନ୍ସ ଲିଃ ୬୨୫୦ କୋଟି ବ୍ୟୟରେ କେମିକାଲ ମ୍ୟାନୁଫ୍ୟାକ୍ଚରିଂ ୟୁନିଟ୍ ଜଗତସିଂହପୁରରେ କରିବ ଓ ୧୯୦୦ ଜଣ ଏଥିରେ କାର୍ଯ୍ୟ କରିବେ। ସେହିପରି ୟୁନାଇଟେଡ୍ ପେଟ୍ରୋ ସିପିଂ ପିଟିଓ ଲିମିଟେଡ୍ ଜଗତସିଂହପୁରରେ ୫୬୩୭ କୋଟି ବ୍ୟୟରେ ଜାହାଜ ନିର୍ମାଣ, ମରାମତି ଓ ନିର୍ମାଣ କରିବ ଏବଂ ଏଥିରେ ୧୬୯୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗଞ୍ଜାମରେ ୪୦୦୧ କୋଟି ବିନିମୟରେ ୟୁପିଏଲ୍ କେମିକାଲ୍ ସେକ୍ଟର ନିର୍ମାଣ କରିବ ଓ ଏଥିରେ ୪୧୦୦ ଜଣ ନିଯୁକ୍ତ ହେବେ।



# ପୁରୀରୁ ଆବାସ ସର୍ଭେ ଆରମ୍ଭ

**ପୁରୀ,୨୪।୧(ସ୍ୱାଧିକାରନ୍ୟୁଜ):** ନିଜର ଘରଟିଏ କରିବା ସମସ୍ତଙ୍କ ପାଇଁ ସ୍ୱପ୍ନ ଥାଏ। ନୂତନ ସରକାର ଏହି ସ୍ୱପ୍ନକୁ ବାସ୍ତବ କରିବାକୁ ସଂକଳ୍ପବଦ୍ଧ ବୋଲି କହିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ। ଆଜି ପୂର୍ବାହ୍ନରେ ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତର ଅର୍ଜୁନସିଂହପୁର ଗ୍ରାମରେ ରାଜ୍ୟ ସ୍ତରୀୟ ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ସର୍ଭେର ଶୁଭାରମ୍ଭ ମନ୍ତ୍ରୀ ଶ୍ରୀ ନାଏକଙ୍କ ଦ୍ୱାରା ହୋଇଛି।

ଏହା ପରେ ସାତସଙ୍ଖ ମେଳଣ ପଡିଆ ଠାରେ ଏକ ସାଧାରଣ ସଭା ରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ନାଏକ ରାଜ୍ୟ ର ସମସ୍ତ ଅଧିବାସୀ ଙ୍କ ପାଇଁ ପକ୍କାଘରର ବାସ୍ତବତା ପୂରଣ ହେବାକୁ ଯାଉଛି ବୋଲି କହିଥିଲେ। ଏ ସରକାର ଲୋକ ଙ୍କ ସରକାରସରକାର। ଆବାସଯୋଜନା ୨୦୨୪ ନାମରେ ଏକ ଆପ ବ୍ୟବସ୍ଥା କରିଛନ୍ତି। ଏହାକୁ ହିତାଧିକାରୀ ଉପଯୋଗ କରି ଆବେଦନ କରି ପାରିବେ। ୧୪ ହଜାର ଅଧିକାରୀ ଓ କର୍ମଚାରୀ ଏହି ସର୍ଭେ କାର୍ଯ୍ୟ ତଦାରଖ କରିବେ। କୌଣସି କ୍ଷେତ୍ରରେ ଅବହେଳା ବା ସର୍ଭେରେ ତୃଟି କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଦେଇଥିଲେ। ଏହାର ଉପଯୁକ୍ତ ତଦନ୍ତ ପରେ ଯୋଗ୍ୟ ହିତାଧିକାରୀ ଙ୍କୁ ଘର



ଯୋଗାଇବାର ବ୍ୟବସ୍ଥା କରାଯିବଦୁଇ ପ୍ରକାର ଘର ଦିଆଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ଏଥିରୁ ବଞ୍ଚିତ ରହୁଥିବା ବା ବିପର୍ଯ୍ୟୟ ସମୟରେ କ୍ଷତି ଗ୍ରସ୍ତ ଲୋକଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ଗୃହ ଯୋଗାଇ ଦିଆଯିବ। ଗଙ୍ଗୁଆ ନଈରେ ଫିଲଟର ପ୍ଲାଣ୍ଟ କରାଯାଇ କଣାସ ଓ ପିପିଲିର ବିଭିନ୍ନ ଗ୍ରାମ ମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଶ୍ରୀ ନାଏକ କହିବା ସହ ସମସ୍ତେ ଏଥିରେ ସହଯୋଗ ପାଇଁ ଅନୁରୋଧ କରିଥିଲେ।ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଆବାସ ଯୋଜନାରୁ ବଞ୍ଚିତ ପ୍ରତ୍ୟେକ

ହିତାଧିକାରୀଙ୍କ ମୁହଁ ରେ ହସ ଫୁଟାଇବାକୁ ଆଜି ଠାରୁ ଶୁଭାରମ୍ଭ ହେଲା। ନିଜେ ଯୋଗ୍ୟ ହିତାଧିକାରୀ ମଧ୍ୟ ଆବାସ ଆପ ମାଧ୍ୟମରେ ଘର ପାଇଁ ଆବେଦନ କରି ପାରିବେ। ଆବେଦନ ପାଇଁ ପୂର୍ବ ତୁଳନାରେ ଅଧିକ ସହଜ ପ୍ରକ୍ରିୟା କରାଯାଇଛି ବୋଲି ମତ ଦେଇଥିଲେ ।

ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଦଳମତ ନିର୍ବିଶେଷରେ ପ୍ରତ୍ୟେକ ଙ୍କୁ ଆବାସ ଯୋଗାଇ ଦିଆଯିବ। ତେଣୁ ସରକାର, ପ୍ରଶାସନ ଓ ସାଧାରଣ ଜନତା ଙ୍କ ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରାଯିବ ବୋଲି ସେ କହିଥିଲେ। ପାନୀୟ ଜଳର ସୁ ବ୍ୟବସ୍ଥା କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆ। ଯାଉଛି ବୋଲି କହିଥିଲେ। ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ପ୍ରତ୍ୟେକ ଙ୍କ ପାଇଁ ଆବଶ୍ୟକତା ଅଛି ଆବାସ ଟିଏ ଅପେକ୍ଷା ର ଅନ୍ତ ଘଟିଛି ଓ ସମଗ୍ର ରାଜ୍ୟ ପାଇଁ ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ସର୍ଭେର ରାଜ୍ୟ ସ୍ତରୀୟ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ପାନୀୟ ଜଳର ବ୍ୟବସ୍ଥା ଖୁବ୍ ଶିଘ୍ର କରାଯିବ ବୋଲି ସେ କହିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ ଏନ ଗିରିଶ ସ୍ୱାଗତ ଭାଷଣ ଦେବା ସହ ୧୪ ହଜାର ଅଧିକାରୀ ଙ୍କୁ ଘରକୁ ଘର ବୁଲି ସର୍ଭେ କରିବାକୁ ତାଲିମ ପ୍ରଦାନ କରାଯାଇଛି ବୋଲି କହିଥିଲେ।

# ଶରଣାର୍ଥୀ ପୁନର୍ବାସ କାର୍ଯ୍ୟକ୍ରମ ରଦ୍ଦ

**ନୂଆଦିଲ୍ଲୀ,୨୪।୧(ଏଜେନ୍ସି):** ଜାନୁଆରୀ ୨୦ରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ଡୋନାଲ୍ଡ ଟ୍ରମ୍ପ। ସେ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଗୋଟିଏ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶନାମାରେ ଦସ୍ତଖତ କରିଛନ୍ତି। ଏହି ନିର୍ଦ୍ଦେଶନାମାରେ ଦସ୍ତଖତ କରି ଟ୍ରମ୍ପ ଆମେରିକାରେ ଦୀର୍ଘ ବର୍ଷ ହେଲା ପ୍ରଚଳିତ ଶରଣାର୍ଥୀ ପୁନର୍ବାସ କାର୍ଯ୍ୟକ୍ରମକୁ ରଦ୍ଦ କରି ଦେଇଛନ୍ତି। ଟ୍ରମ୍ପଙ୍କ ଏପରି ପଦକ୍ଷେପ ପରେ ଆମେରିକାରେ ଶରଣ ନେବାକୁ ଚାହୁଁଥିବା ହଜାର ହଜାର ଲୋକ ବିଶ୍ୱର ବିଭିନ୍ନ ସ୍ଥାନରେ ଫସି ଯାଇଛନ୍ତି। ସେମାନେ ଆମେରିକାକୁ ନେଇ ଦେଖିଥିବା ସ୍ୱପ୍ନ ସବୁ ଚୂରମାର ହୋଇଯାଇଛି। ଏହାଛଡ଼ା ଟ୍ରମ୍ପ ବିଶ୍ୱର ସବୁ ଦେଶକୁ ସୂଚାଇ ଦେଇଛନ୍ତି ଯେ, ଅବୈଧ ଭାବେ ଆମେରିକାରେ ପ୍ରବେଶ କଲେ ପରିଣାମ ଭୟଙ୍କର ହେବ।



ଯୁଦ୍ଧ ଓ ଉତ୍ପୀଡ଼ନକୁ ସହ୍ୟ ନ କରିପାରି ନିଜ ନିଜ ଦେଶ ଛାଡ଼ିଥିବା ଶରଣାର୍ଥୀଙ୍କୁ ଆମେରିକାରେ ରହିବାକୁ ମଞ୍ଜୁରୀ ମଧ୍ୟ ମିଳି ସାରିଥିଲା। କିନ୍ତୁ ଟ୍ରମ୍ପଙ୍କ ଗୋଟିଏ ଦସ୍ତଖତ ସେମାନଙ୍କୁ ସମସ୍ୟାରେ ପକାଇ ଦେଇଛି। ଏମାନଙ୍କ ମଧ୍ୟରେ ୧୬୦୦ରୁ ଅଧିକ ଆଫଗାନ ରହିଛନ୍ତି। ଏହି ଆଫଗାନମାନେ ତାଲିବାନ ବିରୋଧୀ ଯୁଦ୍ଧରେ ଆମେରିକାର ସହାୟତା କରିଥିଲେ। ୨୦୨୧ ଅଗଷ୍ଟ ୧୫ରେ ତାଲିବାନ ବନ୍ଧୁକ ମୁନରେ ଆଫଗାନିସ୍ତାନକୁ ଦଖଲ କରିଥିଲା। ଫଳରେ ଆମେରିକା ପାଇଁ ଏକଦା ଲଢ଼େଇ କରୁଥିବା ୧୬୦୦ରୁ ଅଧିକ ଆଫଗାନ ଜୀବନ ବିକଳରେ ପାକିସ୍ତାନକୁ ଚାଲି ଆସିଥିଲେ। ସେହି ସମୟରେ ଆମେରିକା ପକ୍ଷରୁ ପାକିସ୍ତାନକୁ କୁହାଯାଇଥିଲା ଯେ ଭୟରେ ଆଫଗାନ ଛାଡ଼ିଥିବା ଲୋକଙ୍କୁ କିଛି ଦିନ ପାଇଁ ଆଶ୍ରୟ ଦିଏ। କିଛି ମାସ ପରେ ସେମାନଙ୍କୁ ଆମେରିକା ପ୍ରଶାସନ ନିଜ ପାଖରେ ଆଶ୍ରୟ ଦେବ। ଆମେରିକାର ୪୬ତମ ରାଷ୍ଟ୍ରପତି ଜୋ ବାଇଡେନ ପାକିସ୍ତାନରେ ଆଶ୍ରୟ ନେଇଥିବା ୧୬୦୦ ଆଫଗାନ ଶରଣାର୍ଥୀଙ୍କୁ ଆମେରିକାରେ ଶରଣ ଦେବାକୁ ମଞ୍ଜୁରୀ ଦେଇଥିଲେ। ଏହାପରେ ସେମାନଙ୍କୁ ଆଣିବା ପାଇଁ ବିମାନ ଟିକେଟ ମଧ୍ୟ କଟା ଯାଇଥିଲା। କିନ୍ତୁ ଏବେ ଟ୍ରମ୍ପଙ୍କ ଆଦେଶ ପରେ ସେମାନଙ୍କୁ ନିଜ ନିଜର ବିମାନକୁ ବାତିଲ କରିବାକୁ ପଡ଼ିଛି।

# ବଜେଟ୍ ନେଇ ବିଶିଷ୍ଟ ବ୍ୟକ୍ତିଙ୍କ ମତାମତ ନେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୧(ମହାଭାରତ):** ଗତ ବର୍ଷ ପରି ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାକୁ ଲୋକାଭିମୁଖୀ କରିବା ପାଇଁ ଆମ ସରକାର ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜନସାଧାରଣଙ୍କଠାରୁ ବହୁମୂଲ୍ୟ ମତାମତ ଆହ୍ୱାନ କରିଛନ୍ତି। ବିଭିନ୍ନ ମାଧ୍ୟମରେ ଆସୁଥିବା ଏହି ପରାମର୍ଶ ଗୁଡିକୁ ଅନୁଧ୍ୟାନ ଓ ତର୍ଜମା କରି ଚଳିତ ବଜେଟ୍‌ରେ ସ୍ଥାନିତ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଆଜି ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ଆୟୋଜିତ ପ୍ରାକ୍ ବଜେଟ୍ ଆଲୋଚନା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହିତ ପ୍ରାକ୍ ବଜେଟ୍ ପରାମର୍ଶ ଆଲୋଚନା କରିଛନ୍ତି।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପଞ୍ଚାନନ କାନୁନଗୋ, ଶଶୀଭୂଷଣ ବେହେରା, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ରବି ନାରାୟଣ ସେନାପତି, ଉପେନ୍ଦ୍ର ନାଥ ବେହେରା, ବରିଷ୍ଠ ରାଜନେତା ସମୀର ମହାନ୍ତି, ସଜ୍ଜନ ଶର୍ମା ପ୍ରମୁଖ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୪ ଜଣ ବିଶିଷ୍ଟ ବ୍ୟକ୍ତି ବଜେଟ୍ ସଂକ୍ରାନ୍ତୀୟ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ।

ବୈଠକ ପରେ ଗଣମାଧ୍ୟମକୁ ନିଜର ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷର ବଜେଟ୍ କିପରି ଲୋକାଭିମୁଖୀ ହୋଇପାରିବ ସେ ନେଇ ବୈଠକରେ ସମସ୍ତେ ନିଜର ବହୁମୂଲ୍ୟ ମତାମତ ଦେଇଛନ୍ତି। ଏ ବାବଦରେ ସାଧାରଣ ଲୋକ ଜାନୁଆରୀ ୩୧ ତାରିଖ ସୁଦ୍ଧା ଇ-ମେଲ ଓ ହ୍ୱାଟସ ଅପ୍, ୱେବ୍ ପୋର୍ଟାଲ ମାଧ୍ୟମରେ ସେମାନଙ୍କ ମତାମତ ଦେବା ପାଇଁ ବ୍ୟବସ୍ଥା କରାଯାଇଛି।



ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ। ବିଶେଷ କରି ବଜେଟ୍‌ରେ ଗ୍ରାମାଞ୍ଚଳବାସୀ ଓ ଅର୍ଥନୈତିକ ଅନଗ୍ରସର ଲୋକମାନଙ୍କୁ ଫୋକସ କରାଯାଉଛି। ଏଥି ସହିତ ରାଜସ୍ୱ ବୃଦ୍ଧି, ଆଇ.ଟି, ସେମିକଣ୍ଡକ୍ଟର, ପେଟ୍ରୋକେମିକାଲ, ଷ୍ଟିଲ, ଅକ୍ଷୟ ଶକ୍ତି, ଟେକ୍ସଟାଇଲ, ଆଗ୍ରୋ ଇଣ୍ଡଷ୍ଟି ଭଳି ଶିଳ୍ପ ସହିତ ପର୍ଯ୍ୟଟନକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। କୃଷକ ମାନଙ୍କ ଆୟ ବୃଦ୍ଧି ସହିତ ଶୀତଳ ଭଣ୍ଡାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଗ୍ରାମାଞ୍ଚଳରେ ରୋଜଗାର ବୃଦ୍ଧି ସହିତ ଭିତ୍ତିଭୂମି ସୁଦୃଢ଼ ପାଇଁ ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକାରୀ କରାଯିବ। ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି, ବର୍ତ୍ତମାନ ସୁଦ୍ଧା ୨୦ ହଜାର ନିଯୁକ୍ତି ଦିଆସରିଛି, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪୦ ହଜାର ନିଯୁକ୍ତି ଦିଆଯିବ । ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆମ ସରକାର ୬୫ ହଜାର ନିଯୁକ୍ତି ଦେବାର ଲକ୍ଷ୍ୟ ରଖିଛନ୍ତି । ଶିଳ୍ପ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ଅଢେଇ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ଅନୁମୋଦନ କରାଯାଇଛି, ଯାହା ଦ୍ୱାରା ୧ ଲକ୍ଷ ୧୦ ହଜାର ନିଯୁକ୍ତି ସୃଷ୍ଟି ହେବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବଜେଟ୍ ପାଇଁ ଯେଉଁ ମତାମତ ଆସିଛି ତନ୍ମଧ୍ୟରୁ ଲୋକ ହିତକାରୀ ମତାମତ ଗୁଡିକୁ ଫିସକାଲ ରେସ୍ପନ୍ସ ଟିମ୍ ଗୁରୁତ୍ୱ ଦେବ ଏବଂ ଏହି ବଜେଟ୍ ସମୃଦ୍ଧ ଓଡିଶା ଗଠନ ପାଇଁ ନିଶ୍ଚିତ ଭାବେ ଏକ ପୂର୍ଣ୍ଣାଙ୍ଗ ରୂପରେ ଆସିବ ବୋଲି ସେ କହିଥିଲେ।

ଆସନ୍ତା ଫେବୃଆରୀ ୧୭ ତାରିଖରେ ବଜେଟ୍ ପାଇଁ ଆଲୋଚନା ହୋଇଛି। ପୂର୍ବତନ ଅର୍ଥମନ୍ତ୍ରୀ ଓ ଅର୍ଥ ବିଶେଷଜ୍ଞମାନେ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ଏତଦ୍ ବ୍ୟତୀତ ଜନସାଧାରଣ ମଧ୍ୟ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ମତାମତ ଦେଇପାରିବେ। ଚଳିତ ବର୍ଷ ସରକାର ୪୦ ହଜାର ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ବୈଠକରେ ଅର୍ଥନୀତି ବିଶେଷଜ୍ଞଙ୍କ ପରାମର୍ଶ ନେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହା ପୂର୍ବରୁ ଅର୍ଥ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ମତାମତ ବି ଲୋଡାଯାଇଛି। ୨୦୨୪-୨୦୨୫ ବର୍ଷରେ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ହୋଇଥିବା ବେଳେ ଏଥର ପରିମାଣ ବଢିପାରେ ବୋଲି ଅନୁମାନ କରାଯାଉଛି। ଫେବୃଆରୀ ୧୩ ତାରିଖରୁ ବିଧାନସଭା ବଜେଟ ଅଧିବେଶନ ଆରମ୍ଭ ହେଉଥିବା ବେଳେ ୧୭ ତାରିଖରେ ବଜେଟ ଉପସ୍ଥାପନ ହେବ। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ୍ ଚରଣ ମାଝୀ ବଜେଟ ଉପସ୍ଥାପନ କରିବେ।

## ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ'।



ଖବର

## ଚଳଚ୍ଚିତ୍ର ଜଗତର ୪୯ତମ ବାର୍ଷିକ ଉତ୍ସବ



ଚଳଚ୍ଚିତ୍ର ଜଗତର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ୨୦୨୪ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର ଓ ବିଭିନ୍ନ ଧାରାବାହିକ ମଧ୍ୟରୁ ୩୪ଟି ବିଭାଗରୁ କୃତି କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଚିକିତ୍ସା, ଶିକ୍ଷା, ବିଜ୍ଞାନ, ସାହିତ୍ୟ, କୃଷି, ସଙ୍ଗୀତ, ବୈଷୟିକ ଜ୍ଞାନକୌଶଳ, କଳା ସ୍ଥାପତ୍ୟ ଆଦି ବିଭିଓ କ୍ଷେତ୍ରରେ ୧୧ ଜଣ ପ୍ରତିଷ୍ଠିତ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ସମ୍ମାନ ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ବିଜୟ ରାଉତରାୟ ଓ ବନସ୍ମିତା ରାଉତରାୟ ପରିଚାଳନା କରିଥିଲେ।

ଚଳଚ୍ଚିତ୍ର ଜଗତର ସମ୍ପାଦକ ଆଦିକନ୍ତ ରାଉତଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ପ୍ରଫେସର ଶକ୍ତିପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। ସହ ସମ୍ପାଦକ ବିଜୟ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ ଓ ବିଜୟ ମଲ୍ଲ ମଞ୍ଚ ପରିଚାଳନା କରିଥିଲେ।ଏହି ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ, ଡ଼.ଯଜ୍ଞାଶିଶ ମହାପାତ୍ର, ବରିଷ୍ଠ ଚିକିତ୍ସକ ଡ଼.କୃପାସିନ୍ଧୁ ପଣ୍ଡା, ବରିଷ୍ଠ ସିନେ ନିର୍ଦ୍ଦେଶକ ଶିଶିର ମିଶ୍ର ଓ ପ୍ରଶାସନିକ ଅଧିକାରୀ ପ୍ରଣବ ଜ୍ୟୋତି ନାଥ ପ୍ରମୁଖ ଯୋଗ ଦେଇଥିଲେ।

## ଆଣ୍ଠୁ ଗଣ୍ଠି ବିନ୍ଧାର ଘରୋଇ ଉପଚାର

ଆଜିକାଲି ଆଣ୍ଠୁ ଏବଂ ଅଣ୍ଟା ବିନ୍ଧିବା ଏକ ସାଧାରଣ କଥା। ଅନେକ ଲୋକ ଏହି ସମସ୍ୟାରେ ପୀଡ଼ିତ ଅଛନ୍ତି। ହେଲେ ଅଧିକାଂଶ ଲୋକ ଏହାକୁ ଖାମଖିଆଲି ଭାବେ ନେଇଥାନ୍ତି। ଜାଣନ୍ତୁ ଏହି ସମସ୍ୟାରୁ ମୁକ୍ତି ପାଇବାକୁ କିଛି ଘରୋଇ ଉପଚାର। ଯାହାକୁ ବ୍ୟବହାର କରି ଆପଣ ଏହି ସମସ୍ୟାରୁ ଆରାମ ପାଇ ପାରିବେ।

ଥଣ୍ଡା ପାଣି : ଯଦି ଆପଣଙ୍କର ଆଣ୍ଠୁ ଗଣ୍ଠି କିମ୍ବା ଅଣ୍ଟା ବିନ୍ଧା ହେଉଛି ତେବେ ଥଣ୍ଡା ପାଣିର ପଟି ନେଇ ଆଣ୍ଠୁ ଏବଂ ଅଣ୍ଟାରେ ସେକିଲା ଭଳି କରନ୍ତୁ। ଏହା କଲେ କେବଳ ବିନ୍ଧା କମିବ ନାହିଁ ବରଂ ଦରଜ ଥିଲେ ମଧ୍ୟ ଏହା ଦୂର କରିବ।

ଥଣ୍ଡା ପାଣି ପଟି ବଦଳରେ ଆପଣ ବରଫ ମଧ୍ୟ ବ୍ୟବହାର କରିପାରିବେ। ଏକ କପଡ଼ାରେ ବରଫକୁ ବାନ୍ଧି ବିନ୍ଧୁଥିବା ଗଣ୍ଠି ବା ଅଣ୍ଟାରେ ରଖନ୍ତୁ। ଏହା ଆପଣଙ୍କୁ ଆରାମ ଦେବ ନିଶ୍ଚୟ।



ଆପଲ୍ ସାଇଡର୍ ଭିନେଗାର : ଆପଲ୍ ସାଇଡର୍ ଭିନେଗାରକୁ ମଧ୍ୟ ଆଣ୍ଠୁ ଗଣ୍ଠି ବିନ୍ଧା ସମସ୍ୟାରୁ ଆରାମ ପାଇ ବ୍ୟବହାର କରିପାରିବେ। ଆପଣ ପ୍ରତିଦିନ ଏହାକୁ ଏକ କପ୍ ପାଣିରେ ମିଶାଇ ପିଇଲେ ଏଥିରୁ ମୁକ୍ତି ମିଳିଥାଏ। ଏହାକୁ ଅନ୍ୟ ଏକ ଉପାୟରେ ମଧ୍ୟ ବ୍ୟବହାର କରିପାରିବେ। ଆପଣ ଆପଲ୍ ସାଇଡର୍ ଭିନେଗାର ନେଇ ନଡ଼ିଆ ତେଲରେ ମିଶାଇ ବିନ୍ଧୁଥିବା ଜାଗାରେ ମାଲିସ୍ କରନ୍ତୁ। ଏହା ମଧ୍ୟ ଆପଣଙ୍କୁ ଆରାମ ଦେବ।

ଅଦା : ଅଣ୍ଟା ପିଠି ବିନ୍ଧିବା ସମସ୍ୟାରେ ଅଦା ମଧ୍ୟ ବହୁତ ଲାଭ ଦେଇଥାଏ। ଅଦାରେ ଏକ ପ୍ରକାର ଔଷଧୀୟ ଗୁଣ ରହିଥାଏ। ଯାହା ଦରଜ ବା ବିନ୍ଧା ହେଉଥିଲେ ଶୀଘ୍ର ମୁକ୍ତି ଦିଏ। ଏଥିପାଇଁ ଆପଣ ଏକ ଚାମଚ ଅଦା ରସ ସହ ମହୁ ମିଶାଇ ପିଅନ୍ତୁ। ଏହା ସହ ଆପଣ ଅଦା ତେଲ ମଧ୍ୟ ଅଣ୍ଟାରେ ମାଲିସ୍ କରିପାରିବେ।

## ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ଖେଳଣା

ପିଲାଙ୍କ ଜିଦ୍ ପୂରଣ ଏବଂ ଖୁସି ପାଇଁ ଆମେମାନେ ବଜାରରୁ ସେମାନଙ୍କ ନିମନ୍ତେ ଖେଳାଣା କିଣିଥାଉ। ହେଲେ ଏହି ଖେଳଣା ଯେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ବଡ଼ ପ୍ରଭାବ ପକାଇଥାଏ ତାକୁ ଅଣଦେଖା କରିଥାଉ। ନିକଟରେ କ୍ୱାଲିଟି କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତୀୟ ବଜାରରେ ଉପଲବ୍ଧ ହେଉଥିବା ବିଦେଶୀ ଖେଳଣା ମଧ୍ୟରୁ ୬୭ ପ୍ରତିଶତ ଖେଳଣା ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। କ୍ୱାଲିଟି କାଉନସିଲ ପକ୍ଷରୁ ଦିଲ୍ଲୀ ଏବଂ ଏନସିଆରର ବଜାରରେ ଉପଲବ୍ଧ ହେଉଥିବା ଖେଳଣାକୁ ନେଇ ପରୀକ୍ଷଣ କରାଯାଇଥିଲା।



ଭାରତୀୟମାନଙ୍କ ଅନୁସାରେ ବଜାରରେ ବିକ୍ରି ହେଉଥିବା ୧୨୧ ପ୍ରକାରର ଖେଳଣାକୁ ଯାଞ୍ଚ ପାଇଁ ଲ୍ୟାବ ପଠାଯାଇଥିଲା। ହେଲେ ଏହି ଖେଳଣାର ଗୁଣବତ୍ତା କମ ଥିବା ଜଣାପଡ଼ିଥିଲା।

ରିପୋର୍ଟରେ କୁହାଯାଇଛି ଯେ , ଉପଲବ୍ଧ ହେଉଥିବା ୩୦ ପ୍ରତିଶତ ପ୍ଲା୍‌ଷ୍ଟିକ ଖେଳଣା ପରୀକ୍ଷାରେ ଫେଲ ହୋଇଛି। ସପ୍ଟ ଖେଳଣା ମଧ୍ୟରୁ ୪୫ ପ୍ରତିଶତ ଏବଂ ଇଲେକର୍କ୍ଟିକ ଖେଳଣା ମଧ୍ୟରୁ ୭୫ ପ୍ରତିଶତ ବିଫଳ ହେଇଛି ପରୀକ୍ଷାରେ।

ଏହି ଖେଳରା ଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପଡ଼ିଥାଏ ସେ ନେଇ କୁହାଯାଇଛି ଯେ ଅନେକ ଖେଳଣା ପିଲାଙ୍କ ଚର୍ମ ଉପରେ ପ୍ରଭାବ ପକାଇଥାଏ।

ସେହିପରି ଆଉ କିଛି ଖେଳଣା ବିଶେଷ କରି ଇଲେକ୍ଟ୍ରିକ ଖେଳଣା ଶରୀରକୁ ପ୍ରଭାବିତ କରିଥାଏ। ପ୍ଲାଷ୍ଟିକ ଖେଳଣାରେ ବିଭିନ୍ନ ରସାୟନିକ ତତ୍ତ୍ୱର ଉପଯୋଗ ହେଉଥିବାରୁ ଛୋଟ ପିଲା ଏହାକୁ ପାଟିରେ ଲଗାଇବା ଦ୍ୱାରା ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଏ। ତେଣୁ ବଜାରରେ ଉପଲବ୍ଧ ଖେଳଣା କିଣିବା ପୂର୍ବରୁ ପିଲାର ସ୍ୱାସ୍ଥ୍ୟ ପ୍ରତି ଏହା ପ୍ରଭାବ ପକାଇବ ନା ନାହିଁ ସେଥିପ୍ରତି ଅଭିଭାବକମାନେ ଦୃଷ୍ଟି ଦେବା ଦରକାର।

## ଗ୍ରହ ଦୋଷ ପାଇଁ ରତ୍ନ ଧାରଣ କରୁଛନ୍ତି କି ? ଦୋଷଯୁକ୍ତ ରତ୍ନ ସୃଷ୍ଟି କରିଥାଏ ସମସ୍ୟା

ଜ୍ୟୋତିଷଶାସ୍ତ୍ରରେ ଗ୍ରହ ଦୋଷ ପାଇଁ ଅନେକ ଉପାୟ ରହିଛି। ନବ ଗ୍ରହ ଉପାୟ ପାଇଁ ନବ ରତ୍ନ ଓ ବିଭିନ୍ନ ଉପରତ୍ନ ସମ୍ପର୍କରେ ମଧ୍ୟ ବର୍ଣ୍ଣନା ରହିଛି। ଏହି ନବ ରତ୍ନ ମଧ୍ୟରୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେଲା ହୀରା, ମାଣିକ, ପୋଖରାଜ, ନିଳମ ଓ ପାନ୍ନା। ପ୍ରତ୍ୟେକ ଗ୍ରହ ପାଇଁ ଭିନ୍ନ ଭିନ୍ନ ରତ୍ନ ରହିଛି। ମଙ୍ଗଳଙ୍କ ପାଇଁ ରତ୍ନ ହେଲା ମୁଗା। ଏହା କୋରାଲ ରିଫରୁ ତିଆରି ହୁଏ। ଚନ୍ଦ୍ରମା ପାଇଁ ଧାରଣ କରାଯାଏ ମୋତି। ମୋତି ସମୁଦ୍ରରୁ ଶାମୁକା ଭିତରୁ ମିଳିଥାଏ। ଶାମୁକାର ଜୈବ ଗଠନରୁ ମୋତି ନିର୍ମାଣ ହୋଇଥାଏ। ଆଂଶିକ ଗ୍ରହ ଦୋଷ ଥିଲେ ମୁଗା ଓ ମୋତି ଧାରଣ କରାଯାଇପାରେ। ହୀରା, ମାଣିକ, ପୋଖରାଜ, ନିଳମ ଓ ପାନ୍ନା ପୃଥିବୀରେ ବିଭିନ୍ନ ଧାତୁ ସହ ସମାନ।



ରତ୍ନରେ କଳା, ଲାଲ ଓ ହଳଦିଆ ଚିହ୍ନ ମଧ୍ୟ ଥାଏ। ଉଚ୍ଚମାନର ରତ୍ନ କଟ, ରଙ୍ଗ ଓ କ୍ୱାଲିଟିରେ ଫାଇନ୍ ଥାଏ। ହୀରା, ପୋଖରାଜ ଓ ମାଣିକ ଉପରେ ଗମ୍ଭୀରତାର ସହ ବିଚାର କରାଯାଏ। ହୀରା ଶୁକ୍ର ଗ୍ରହ ପାଇଁ ଧାରଣ କରାଯାଏ। ପୋଖରାଜ ବୃହସ୍ପତିଙ୍କ ପାଇଁ ଓ ମାଣିକ ସୂର୍ଯ୍ୟଙ୍କ ପାଇଁ। ପାଓ୍ୱା ବୁଧଙ୍କ ରତ୍ନ। ବୁଧ ଦୋଷ ଥିଲେ ପାନ୍ନା ଧାରଣ କରିବାକୁ ପରାମର୍ଶ ଦିଆଯାଇଥାଏ।

ଏଥିରେ ରେଖା, ଘର ଥାଏ। ଏହାକୁ ଗଭୀର ଭାବେ ପରଖି କିଣାଯିବା ଉଚିତ। ଯୋଗ୍ୟ ବିଦ୍ୱାନଙ୍କ ଯାଞ୍ଚ ବିନା ଦୋଷପୂର୍ଣ୍ଣ ରତ୍ନ ଧାରଣ କରିବା ଦ୍ୱାରା ବ୍ୟକ୍ତିଙ୍କୁ ଲାଭ ଅପେକ୍ଷା ଅଧିକ କ୍ଷତି ହୋଇଥାଏ। ବିଶେଷକରି ନିଳମ ଓ ପୋଖରାଜ ଉପରେ ଅଧିକ ଦୃଷ୍ଟି ଦେବା ଆବଶ୍ୟକ। ଦୋଷଯୁକ୍ତ ପୋଖରାଜ ଯୋଗୁଁ ଧନହାନୀ ଅଥବା ପଦ ପ୍ରତିଷ୍ଠା ସ୍ଥିତି ଉପରେ ପ୍ରଭାବ ପଡିଥାଏ। ନିଳମରେ ଦୋଷ ଥିଲେ ଆକସ୍ମିକ ଘଟଣା ହେବାର ଆଶଙ୍କା ଥାଏ। ସେହି ଭୟରେ ଅଧିକାଂଶ ଲୋକ ନିଳମ ଧାରଣ କରିନଥାନ୍ତି। ସେଥିପାଇଁ ରତ୍ନ ଧାରଣ କରିବା ପୂର୍ବରୁ ବିଦ୍ୱାନଙ୍କୁ ପରାମର୍ଶ କରିବା ଉଚିତ।



## ବିଭିନ୍ନ ସମସ୍ୟାର ମୁକ୍ତି ପାଇଁ ବ୍ୟବହାର କରନ୍ତୁ 'ବେବି ପାଉଡର'

ଘରେ ଛୋଟ ପିଲାଙ୍କ ପାଇଁ ସାଧାରଣତଃ ବେବି ପାଉଡର ପ୍ରାୟ ସମସ୍ତେ ବ୍ୟବହାର କରିଥାନ୍ତି । ଶିଶୁଙ୍କ ସ୍କିନ ଖୁବ୍ କୋମଳ ଥିବାରୁ ଇଆଡୁ ସିଆଡୁ ପାଉଡର ବଦଳରେ 'ବେବି ପାଉଡର' ବ୍ୟବହାର ପାଇଁ ଡାକ୍ତର ମଧ୍ୟ ପରାମର୍ଶ ଦେଇଥାନ୍ତି। ତେବେ 'ବେବି ପାଉଡର'କୁ କେବଳ ଶିଶୁଙ୍କ ପାଇଁ ନୁହେଁ,ବୟସ୍କମାନେ ବିଭିନ୍ନ ସମସ୍ୟାରୁ ମୁକ୍ତି ପାଇଁ ନିଜେ ବ୍ର୍ବହାର ମଧ୍ୟ କରିପାରିବେ ।



ଏବେ ଆସନ୍ତୁ ଜାଣିବା, ବୟସ୍କମାନେ ଅନ୍ୟ କେଉଁ ସବୁ କାମ ପାଇଁ 'ବେବି ପାଉଡର' ବ୍ୟବହାର କରିପାରିବେ ।

◆ ଯଦି ଆପଣଙ୍କ କେଶ ଅଧିକ ତେଲିଆ ଲାଗି ଚିପ୍‌ଚିପ୍ କରୁଛି ଓ ଏହାକୁ ଶାମ୍ପୁ କରିବା ପାଇଁ ଆପଣଙ୍କ ସମୟ ନାହିଁ,ତେବେ କେଶରେ କିଛି ବେବି ପାଉଡର ଛିଞ୍ଚି ଦିଅନ୍ତୁ କିମ୍ବା ପାନିଆରେ କିଛି ବେବି ପାଉଡର ଲଗାଇ ମୁଣ୍ଡ କୁଣ୍ଡାଇ ଦିଅନ୍ତୁ । ଏତାଦ୍ୱାରା ଚିପ୍‌ଚିପ୍ ଦୂର ହୋଇଯିବ ।

◆ ଆଖି କଜଳ କିମ୍ବା ପିତାରେ ମସ୍କରା ଲଗାଇ ସାରିବା ପରେ ତା'ର ଆଖପାଖ ଅଂଶରେ କିଛି ବେବି ପାଉଡର ମାଲିସ୍ କରି ଦିଅନ୍ତୁ। ଏଭଳି କଲେ,ମସ୍କରା ଆଉ ଆଖିସାରା ବୋଳି ହୋଇଯିବାର ଆଶଙ୍କା ରହିବ ନାହିଁ ।

◆ ଆପଣ ଯଦି ଓଠକୁ 'ମ୍ୟାଟ ଲୁକ୍' ଦେବାକୁ ଚାହୁଁଛନ୍ତି, କିନ୍ତୁ ଆପଣଙ୍କ ପାଖରେ ମ୍ୟାଟ ବଦଳରେ କେବଳ ଗ୍ଲସି ଲିପଷ୍ଟିକ ଅଛି,ତେବେ ବି ଚିନ୍ତା କରନ୍ତୁ ନାହିଁ। ଓଠରେ ଗ୍ଲସି ଲିପଷ୍ଟିକ୍ ଲଗାଇବା ପରେ ଏହା ଉପରେ ଟିକେ ବେବି ପାଉଡର ଥାପି ଥାପି ଲଗାନ୍ତୁ । ଏହାପରେ ଏକ ଟିସୁ ପେପରକୁ ଦୁଇ ଓଠ ମଝିରେ ରଖି ଚାପି ଦିଅନ୍ତୁ, ଦେଖିବେ ଆପଣଙ୍କ ଓଠକୁ 'ମ୍ୟାଟ ଲୁକ୍' ମିଳିଯିବ ।

◆ ଖରାଦିନେ ଅନେକଙ୍କ ପାଦରୁ ଝାଳ ବାହାରି ଜୋତାରୁ ଦୁର୍ଗନ୍ଧ ଆସିଥାଏ । ଆପଣଙ୍କ କ୍ଷେତ୍ରରେ ଯଦି ଏମିତି କିଛି ହେଉଛି, ତେବେ କିଛି ବେବି ପାଉଡର ଜୋତା ଭିତରେ ଛିଞ୍ଚି ଦିଅନ୍ତୁ । କିଛି ସମୟ ପରେ ଆପଣଙ୍କ ଜୋତାରୁ ଦୁର୍ଗନ୍ଧ ବାହାରିବା ବନ୍ଦ ହୋଇଯିବ ।

◆ ଅନେକ ସମୟରେ ଅସାବଧାନତା ଯୋଗୁ ଆପଣଙ୍କ ମନପସନ୍ଦର ଡ୍ରେସ ବା ଅନ୍ୟ କପଡାରେ ପଡି ଦାଗ ହୋଇଯାଇଥାଏ । ଏହା ଦେଖିବାକୁ ଖରାପ ଲାଗିବା ସହ ଏଥିରୁ ତେଲିଆ ଗନ୍ଧ ମଧ୍ୟ ଆସିଥାଏ । କିଛି ବେବି ପାଉଡର ନେଇ ତେଲ ପଡିଥିବା ସ୍ଥାନରେ ଲଗାଇ ଘସି ଦିଅନ୍ତୁ । ଏହାପରେ କପଡାକୁ ସଫା କରି ଦିଅନ୍ତୁ,ଦେଖିବା ତେଲ ଦାଗ ସମ୍ପୂର୍ଣ୍ଣ ଚାଲିଯିବ ।

# ରପ୍ତାନୀ ଆଧାରିତ ଅଭିବୃଦ୍ଧି ଉପରେ ଆଲୋକପାତ କଲେ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪।୧ (ପିଆଇବି): କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଡାଭୋସରେ ଆୟୋଜିତ ବିଶ୍ୱ ଆର୍ଥିକ ମଞ୍ଚ ବୈଠକରେ ବିଶ୍ୱର ଶୀର୍ଷ ନେତୃବର୍ଗ ଏବଂ ଶିଳ୍ପପତିମାନଙ୍କୁ ସମ୍ବୋଧିତ କରିଛନ୍ତି। ସେ ତାଙ୍କର ଉଦବୋଧନରେ ଭାରତର ସମାବେଶୀ ବିକାଶ ଦୃଷ୍ଟିକୋଣ ଏବଂ ଏହାର ଉଲ୍ଲେଖନୀୟ ଅଭିବୃଦ୍ଧି କାହାଣୀ ଉପସ୍ଥାପନ କରିଛନ୍ତି।




କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଆର୍ଥିକ ଅଭିବୃଦ୍ଧି ପାଇଁ ଭାରତ ଗ୍ରହଣ କରିଥିବା ସନ୍ତୁଳିତ ଆଭିମୁଖ୍ୟ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଉଭୟ ଉତ୍ପାଦନ ଏବଂ ସେବା କ୍ଷେତ୍ରର ଦେଶର ବିକାଶ ହେଉଛି। ଉତ୍ପାଦନ ଏବଂ ସେବା କ୍ଷେତ୍ରକୁ ପୃଥକ ଭାବେ ଦେଖାଯାଇପାରିବ ନାହିଁ। ଭାରତର ଆର୍ଥିକ ବିକାଶ ଧାରାରେ ଉତ୍ପାଦ ଏବଂ ସେବା କ୍ଷେତ୍ର ଅଭିନ୍ନ ଅଙ୍ଗ ହୋଇଥିବାରୁ ଉଭୟକୁ ସାଥୀରେ ନେଇ ଆଗକୁ ବିବାକୁ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଦୀର୍ଘସ୍ଥାୟୀ ଏବଂ ସମାବେଶୀ ବିକାଶ ଲାଗି ଦୁଇ କ୍ଷେତ୍ର ମଧ୍ୟରେ ସମନ୍ୱୟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

କେବଳ ଆମଦାନୀ ବିକଳ୍ପ ଉପରେ ଧ୍ୟାନ ଦେବା ଠାରୁ ଆରମ୍ଭ କରି 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ' (ଭାରତରେ ନିର୍ମାଣ ବିଶ୍ୱ ପାଇଁ ନିର୍ମାଣ) ଆଭିମୁଖ୍ୟ ଗ୍ରହଣ କରିବା ପର୍ଯ୍ୟନ୍ତ ଭାରତର ପରିବର୍ତ୍ତନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ଭାରତରେ ବ୍ୟବହୃତ ୯୯% ମୋବାଇଲ ସ୍ୱଦେଶରେ ନିର୍ମିତ ହେଉଛି। ଔଷଧୀୟ ସାମଗ୍ରୀ, ରାସାୟନିକ, ପୋଷାକ ଆଦି କ୍ଷେତ୍ରରେ ବିକାଶ ରଣନୀତି ରପ୍ତାନି ଆଧାରିତ ଅଭିବୃଦ୍ଧି ଦିଗରେ ପରିବର୍ତ୍ତିତ ହୋଇଛି।

ଭାରତର ଭବିଷ୍ୟତକୁ ରୂପ ଦେବାରେ, ନବସୃଜନକୁ ଆଗେଇ ନେବାରେ ଏବଂ ସୁଯୋଗ ସୃଷ୍ଟି କରିବାରେ ସେବା କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ପ୍ରମୁଖ ଭୂମିକା ରହିଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି। କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ପ୍ରତିଭା ଭଣ୍ଡାରକୁ ତାଲିମ ଦେବା ଉପରେ ବିଶେଷ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି।

ବିଶ୍ୱରେ ଶିଳ୍ପ ପାଇଁ ଅଭିନବ ପ୍ରୟୋଗ ସୃଷ୍ଟି କରିବା ଲାଗି ବିଶ୍ୱର 'ୟୁଜ୍ କେସ୍ କ୍ୟାପିଟାଲ୍' ହେବା ପାଇଁ ଭାରତ ନିକଟରେ ଥିବା ସମ୍ଭାବନା ଉପରେ ସେ ଜୋର୍ ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମଡେଲଗୁଡିକ ଅଧିକରୁ ଅଧିକ ବସ୍ତୁବାଦୀ ହେଉଥିବାବେଳେ, ବିଶ୍ୱ ଶିଳ୍ପଗୁଡ଼ିକର ଆବଶ୍ୟକତା ପୂରଣ କରୁଥିବା ୟୁଜ୍ କେସ୍ ବା ବ୍ୟବହାର ମାମଲା, ଆପ୍ଲିକେସନ୍ ଏବଂ ସମାଧାନର ବିକାଶ ଉପରେ ଧ୍ୟାନ ଦିଆଯିବା ଉଚିତ। ବିଶ୍ୱ ସ୍ତରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଭବିଷ୍ୟତକୁ ରୂପ ଦେବା ଲାଗି ଭାରତର ସାମର୍ଥ୍ୟକୁ ରେଖାଙ୍କିତ କରି ମନ୍ତ୍ରୀ କହିଥିଲେ, ''ଭାରତ ଆଇଟି ସେବା କ୍ଷେତ୍ରରେ ଯେପରି ସଫଳତା ହାସଲ କରିଛି ଠିକ୍ ସେହିପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସେବାରେ ବିଶ୍ୱର ନେତୃତ୍ୱ ନେବାର କ୍ଷମତା ଭାରତର ରହିଛି ବୋଲି ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି।

ଅଶ୍ୱିନୀ ବୈଷ୍ଣବ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ବିଶେଷ କରି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ପାଇଁ ଭାରତର ଶ୍ରମଶକ୍ତିକୁ ପ୍ରସ୍ତୁତ କରିବା ଲାଗି ଦକ୍ଷତା ବିକାଶ ଉପରେ ସରକାରଙ୍କ ଗୁରୁତ୍ୱ ଉପରେ ରେଖାପାତ କରିଥିଲେ। ମନ୍ତ୍ରୀ କହିଥିଲେ, ବିଶ୍ୱର ଆବଶ୍ୟକତା ଅନୁଯାୟୀ ଉପଯୋଗ ଏବଂ ପ୍ରୟୋଗ ଲାଗି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପକରଣରେ ପାରଙ୍ଗମ ୧୦ ଲକ୍ଷ ଲୋକଙ୍କୁ ପ୍ରସ୍ତୁତ କରିବା ପାଇଁ ଆମେ ମହତ୍ୱକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛୁ।

ସେ ଦୂରସଞ୍ଚାର ଉଦ୍ୟୋଗ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବା ପାଇଁ ୧୦୦ଟି ବିଶ୍ୱବିଦ୍ୟାଳୟରେ ୫ଜି ପରୀକ୍ଷାଗାର ପ୍ରତିଷ୍ଠା କରିବା ଏବଂ ସେମିକଣ୍ଡକ୍ଟର ଡିଜାଇନରେ ଛାତ୍ରଛାତ୍ରୀମାନଙ୍କୁ ତାଲିମ ଦେବା ସକାଶେ ୨୪୦ଟି ବିଶ୍ୱବିଦ୍ୟାଳୟରେ ଉନ୍ନତ ଇଡିଏ ଉପକରଣ ଉପଲବ୍ଧ କରାଇବା ଭଳି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଅନୁରୂପ ବ୍ୟାପକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ପାଠ୍ୟକ୍ରମକୁ ଶିଳ୍ପ ଆବଶ୍ୟକତା ସହିତ ଯୋଡ଼ି ସରକାର ମୂଲ୍ୟ ଶୃଙ୍ଖଳାର ପ୍ରତ୍ୟେକ ସ୍ତରରେ ଏକ କୁଶଳୀ କାର୍ଯ୍ୟବଳ ସୁନିଶ୍ଚିତ କରୁଛନ୍ତି, ଯାହାର ଫଳାଫଳ ସମସ୍ତ ଶିଳ୍ପରେ ଦୃଶ୍ୟମାନ ହୋଇସାରିଛି।

ସେମିକଣ୍ଡକ୍ଟର ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଭାରତର ଉନ୍ନତି ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଥିଲେ ଯେ, ଭାରତ ଖୁବ୍ ଶୀଘ୍ର ସେମିକଣ୍ଡକ୍ଟର କ୍ଷେତ୍ରରେ ଶ୍ରେଷ୍ଠ ତିନୋଟି ପ୍ରମୁଖ ଗନ୍ତବ୍ୟସ୍ଥଳ ମଧ୍ୟରେ ସାମିଲ ହେବ ବୋଲି ଅଧିକାଂଶ ସେମିକଣ୍ଡକ୍ଟର ଶିଳ୍ପୋଦ୍ୟୋଗୀ ବିଶ୍ୱାସ କରିଥାନ୍ତି।

# ବିବିଧତାରେ ଏକତା ଭାରତର ବିଶେଷତ୍ୱ : ରାଜ୍ୟପାଳ

ଭୁବନେଶ୍ୱର, ୨୪।୧ (ମହାଭାରତ): ରାଜଭବନଠାରେ ୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ସ୍ଥାପନା ଦିବସ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କ ଉପସ୍ଥିତିରେ ଏକ ଉତ୍ସବ ମୁଖରିତ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ରାଜ୍ୟଗୁଡ଼ିକ ହେଲେ ଆସାମ, ମଣିପୁର, ମେଘାଳୟ, ନାଗାଲାଣ୍ଡ, ତ୍ରିପୁରା, ଉତ୍ତର ପ୍ରଦେଶ ଏବଂ କେନ୍ଦ୍ରଶାସିତ ଅଂଚଳ ଦାଦ୍ରା ନଗରହାବେଳୀ ଓ ଡ଼ାମନ୍ ଏବଂ ଡିଉ। ଏହି ଉପଲକ୍ଷେ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡ଼ିଶାରେ ଉଚ୍ଚ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ତଥା ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନ୍ୟ ରାଜ୍ୟର ବ୍ୟକ୍ତି ବିଶେଷଙ୍କର ସକ୍ରିୟ ଅଂଶ ଗ୍ରହଣ ମଧ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ବିବିଧତାରେ ଏକତା ଭାରତର ବିଶେଷତ୍ୱ ବୋଲି କହିବା ସହିତ ବିବିଧତା ଆମ ଗୌରବ ବୋଲି କହିଥିଲେ। ଏକ ଭାରତ ଶ୍ରେଷ୍ଠ ଭାରତ। ବିବିଧତାରେ ଏକତା ଏକ ସ୍ଲୋଗାନ୍‌ରେ ସୀମିତ ନୁହେଁ ବରଂ ଏହା ଅପାର ଶକ୍ତିର ଭଣ୍ଡାର ବୋଲି ସେ ପ୍ରକାଶ କରିଥିଲେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜଭବନରେ ପାଳିତ ରାଜ୍ୟ ସ୍ଥାପନା ଦିବସ ପାଳନ ପରସ୍ପର ମଧ୍ୟରେ ଖୁସି ଏବଂ ଆନନ୍ଦ ବାଂଟିବାର ପର୍ବ ଯାହା ଆମ ରାଷ୍ଟ୍ରୀୟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରାଉଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାରେ ଶିକ୍ଷା ଲାଭ କରୁଥିବା ଅନ୍ୟ ରାଜ୍ୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜ୍ଞାନର ସଂପର୍କ ସେତୁ ସ୍ଥାପନ ଓ କର୍ମକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ରାଜ୍ୟର ବିକାଶ ଓ ପ୍ରଗତିରେ ଅଂଶ ଗ୍ରହଣ ଓ ଅବଦାନକୁ ପ୍ରଶଂସା କରିବା ସହିତ ସାମାଜିକ ଓ ସାଂସ୍କୃତିକ ପରିଚୟକୁ ସମୃଦ୍ଧ କରାଉଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ ଆତିଥେୟତା ଏକତାର ଭାବନାକୁ ମଜବୁତ କରିବାକୁ ପ୍ରତିବଦ୍ଧ ବୋଲି ରାଜ୍ୟପାଳ କହିଥିଲେ। ସ୍ଥାପନା ଦିବସ ପାଳିତ ହେଉଥିବା ରାଜ୍ୟମାନଙ୍କର ତଥା କେନ୍ଦ୍ରଶାସିତ ଅଂଚଳର ଓଡ଼ିଶାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ବିବିଧତାରେ ଏକତା ଉପରେ ଆଧାରିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏତଦ୍‌ବ୍ୟତୀତ ଆସାମ ରାଜ୍ୟର ବିହୁ ନୃତ୍ୟ ଦଳ ଏବଂ ଓଡ଼ିଶାର ସମ୍ବଲପୁର ଜିଲ୍ଲାର ଲୋକ ନୃତ୍ୟ ଦଳ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଭିନ୍ନ ରାଜ୍ୟର ବ୍ୟକ୍ତିବିଶେଷ ନିଜ ରାଜ୍ୟ / କେନ୍ଦ୍ର ଶାସିତ ଅଂଚଳର ସଂସ୍କୃତି, କଳା, ଐତିହ୍ୟ ଏବଂ ମହାନତା ସଂପର୍କରେ ଅବତାରଣା କରିବା ସହିତ ଓଡ଼ିଶା ସହିତ ସେହି ରାଜ୍ୟମାନଙ୍କର ଅତୁଟ ସଂପର୍କ ଏବଂ ଓଡ଼ିଶା ରାଜ୍ୟର ବିଶେଷତ୍ୱ ସଂପର୍କରେ ନିଜର ଅଭିଜ୍ଞତା ଓ ଉପଲବ୍ଧି ସଂପର୍କରେ ଆଲୋକପାତ କରିଥିଲେ।

# ପୁଣି ରିମାଣ୍ଡରେ ଆସିବେ ହଂସିତା

ଭୁବନେଶ୍ୱର, ୨୪।୧ (ମହାଭାରତ): ପୁଣି ରିମାଣ୍ଡରେ ଆସିବେ ହାଇପ୍ରୋଫାଇଲ୍ ଠକ ହଂସିତା-ଅନୀଲ ଉଭୟଙ୍କୁ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଛି ପୁଲିସ। ଯୁବତୀ ଚାଲାଣ ପ୍ରସଙ୍ଗରେ ଅଧିକ ଖୋଳତାଡ଼ ପାଇଁ ଆଣିବ ପୁଲିସ ଓ କମିଶନରେଟ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଜେରା କରିବ। ମିଳିଥିବା ସୂଚନା ମୁତାବକ ହଂସିତା ଓ ଅନୀଲଙ୍କୁ ରିମାଣ୍ଡରେ ଆଣିବାକୁ କମିଶନରେଟ ପୁଲିସ୍ ପକ୍ଷରୁ ପୁଣି ଥରେ ଆବେଦନ କରାଯିବ। ହଂସିତା ନାମରେ ଜାଲ ପାସପୋର୍ଟ ଓ ଯୁବତୀ ଚାଲାଣ ମାମଲା ରୁଜୁ ହୋଇଛି। ପୂର୍ବରୁ ଦିନିକିଆ ରିମାଣ୍ଡରେ ଆସିଥିଲେ ଉଭୟ ହଂସିତା ଓ ଅନୀଲ।

ଏହା ପରେ ଦୁଇଟି ମାମଲା ରୁଜୁ କରିଛି ସ୍ପେଶିଆଲ କ୍ରାଇମ୍ ୟୁନିଟ। ଦେହ ବେପାର ସହ ଯୁବତୀ ଚାଲାଣ ଭଳି ସଂଗୀନ ଅଭିଯୋଗ ହୋଇଛି। ଏନେଇ ଇନଫୋସିଟି ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ପାସପୋର୍ଟ ଜାଲିଆତି ଓ ଯୁବତୀ ଚାଲାଣ ମାମଲାରେ ରିମାଣ୍ଡରେ ଆଣି ପଚରାଉଚୁରା କରିବ କମିଶନରେଟ ପୁଲିସ୍। ଆଜି ଏନେଇ କୋର୍ଟରେ ରିମାଣ୍ଡ ଆବେଦନ କରିବ ବୋଲି ସୂଚନା ଦେଇଛନ୍ତି ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ। ବହୁ ଚର୍ଚ୍ଚିତ ଠକ ଦଂପତି ହଂସିତା ଓ ଅନୀଲଙ୍କୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଥିଲା। ହଂସିତାଙ୍କ ନାମରେ ଯୁବତୀ ଚାଲାଣ ନେଇ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ବଣ୍ଟି-ବବଲି ନାମରେ ଚର୍ଚ୍ଚାରେ ଥିବା ଏହି ଦଂପତିଙ୍କ ବିରୋଧରେ ଇମୋରାଲ ଟ୍ରାଫିକ ପ୍ରିଭେନସନ ଆକ୍ଟର ସେକ୍ସନ ୫ ଲଗାଇ ଇନଫୋସିଟି ପୁଲିସ ମାମଲା ରୁଜୁ କରିଥିଲା।

# ଅସାଧୁ ରୂପେ ମଦ ବିକିଲେ କାର୍ଯ୍ୟାନୁଷ୍ଠାନ : ଅବକାରୀ ମନ୍ତ୍ରୀ

ଭୁବନେଶ୍ୱର, ୨୪।୦୧ (ମହାଭାରତ): ଅସାଧୁ ରୂପେ ମଦ ଅଧିକ ଦାମରେ ବିକ୍ରି କଲେ ଦୃଢକାର୍ଯ୍ୟାନୁଷ୍ଠାନ ହେବ। ଏଭଳି କେସ ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ। ସରକାରଙ୍କ ନିର୍ଦ୍ଧାରିତ ମଦ ଦର ଠାରୁ ଏକ ପଇସା ଅଧିକ ନେବା କୌଣସି ଡିଲରଙ୍କ ଅଧିକାର ନାହିଁ ବୋଲି କହିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କିଛି ଜାଗାରେ ମଦ ଦରବୃଦ୍ଧି ହୋଇଛି, ଏହାସତ୍ତ୍ୱେ ବି ରାଜ୍ୟରେ କିଛି ଅସାଧୁ ବ୍ୟବସାୟୀ ମଦ ଚଢ଼ାଦରରେ ବିକ୍ରି କରୁଛନ୍ତି। ଏଭଳି କିଛି କେସ ଆମ ପାଖକୁ ଆସିଛି। ଗଞ୍ଜାମ ଜିଲ୍ଲାରେ ଗୋଟିଏ ଦୁଇଟି କେସ ଆମ ପାଖକୁ ଆସିଥିଲା ଓ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗକୁ ଏଭଳି ଘଟଣା ସାମ୍ନାକୁ ଆସିଲେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# "ବକ୍ସି ଜଗବନ୍ଧୁଙ୍କ ଉପରେ ଅଧିକ ଗବେଷଣା ହେଉ"

ଭୁବନେଶ୍ୱର, ୨୪।୦୧ (ମହାଭାରତ): ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ଦୃଢ଼ପ୍ରତିଜ୍ଞ ଓ ଅବିଚଳିତ ବ୍ୟକ୍ତିତ୍ୱ ବ୍ରିଟିଶ ଶାସକଙ୍କୁ ଭୟଭୀତ କରାଇଥିଲା। ସେ ଥିଲେ ପାଇକମାନଙ୍କ ମଉଡ଼ମଣି। ତାଙ୍କ ସାହସ ଓ ବୀରତ୍ୱ ଅତୁଳନୀୟ ଥିଲା ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଆଜି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ପାଇକ ବିଦ୍ରୋହ ହେଉଛି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଓଡ଼ିଶାର ଗାରିମାମୟ ଇତିହାସ କହେ ଏ ଜାତି ହେଉଛି ବୀରଜାତି। ତେଣୁ ଜାତିକୁ ପ୍ରଗତିର ଶୀର୍ଷକୁ ନେବାକୁ ହେଲେ ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟକୁ ଲୋକଲୋଚନକୁ ଆଣିବାକୁ ପଡ଼ିବ। ବକ୍ସି ଜଗବନ୍ଧୁଙ୍କ ଭଳି ବ୍ୟକ୍ତିତ୍ୱଙ୍କ ଜୀବନୀ ଓ ସଂଘର୍ଷମୟ ଅଧ୍ୟାୟ ଉପରେ ଅଧିକ ଗବେଷଣା ହେବା ଜରୁରୀ। ଏହି ଗବେଷଣା ଆମ ଇତିହାସକୁ ସମୃଦ୍ଧ କରିବା ସହ ଏହି ଜାତିକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିବ ଏଥିରେ ସନ୍ଦେହନାହିଁ। ବକ୍ସି ଜଗବନ୍ଧୁ ଦୃଢ଼ପ୍ରତିଜ୍ଞ, ଅବିଚଳିତ ବ୍ୟକ୍ତିତ୍ୱ ସାଙ୍ଗକୁ ଯୋଦ୍ଧାପଣ ତାଙ୍କ ଜୀବନକୁ ମହିମାମଣ୍ଡିତ କରିଛି। ତେବେ ଇତିହାସ ବକ୍ସିଙ୍କୁ ଯଥାର୍ଥ ଭାବେ ଉପସ୍ଥାପନ କରିପାରିନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ।




ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ କହିଲେ ଯେ ଯୋଦ୍ଧାର ମୃତ୍ୟୁ ନାହିଁ କି ଯୁଦ୍ଧର ଅନ୍ତ ନାହିଁ। ସ୍ୱାଧୀନତା ରକ୍ଷା ଅନିମନ୍ତେ ଓଡ଼ିଆ। ପାଇକମାନଙ୍କ ସଶସ୍ତ୍ର ସଂଗ୍ରାମର ନେତୃତ୍ୱ ନେଇ ବକ୍ସି ଜଗବନ୍ଧୁ ଅମର। ବକ୍ସିଙ୍କ ପରି ବୀର ପୁରୁଷଙ୍କ ପାଇଁ ଓଡ଼ିଶା ଗର୍ବିତ।

ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସାହିତ୍ୟିକ ଡା. ଶଶାଙ୍କ ଚୂଡ଼ାମଣି ତାଙ୍କ ବକ୍ତବ୍ୟରେ ବକ୍ସି ଜଗବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସର ମହାନାୟକ ବକ୍ସିଙ୍କ ବିଷୟରେ କହିଲେ ଯେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ସେ ଜଣେ ବିରଳ ପୁରୁଷ। ବକ୍ସି ଜଗବନ୍ଧୁ କେବଳ ଲୋକଶକ୍ତିର ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିନିଧି ଓ ସାହସୀ ସଂଗ୍ରାମୀ ଥିଲେ ତାଙ୍କର ସାଙ୍ଗଠନିକ ଦକ୍ଷତା ଦୃଢ଼ ମନୋବଳ ପାଇଁ ସେ କାଳଜୟୀ ବୋଲି ଅଭିହିତ କରିଥିଲେ। ପାଇକ ବିଦ୍ରୋହ ବାବଦରେ ବିଶେଷ ତଥ୍ୟ ପ୍ରଦାନ କରି ସେ କହିଥିଲେ ଯେ ସଶସ୍ତ୍ର ସଂଗ୍ରାମ ଓ ମାତୃଭୂମି ପାଇଁ ଜୀବନ ଉତ୍ସର୍ଗ କରି ବକ୍ସି ଜଗବନ୍ଧୁ ଆଜି ମୃତ୍ୟୁଞ୍ଜୟୀ।

ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ ଯେ ବକ୍ସି ଜଗବନ୍ଧୁ କେବଳ ଓଡ଼ିଶାର ନୁହେଁ ସମଗ୍ର ଭାରତବର୍ଷର ଜଣେ ମହାନ ସଂଗ୍ରାମୀ ଓ କ୍ରାନ୍ତିକାରୀ ବିପ୍ଳବୀ ଥିଲେ। ୧୮୧୭ ମସିହାରେ ଅତ୍ୟାଚାରୀ ବ୍ରିଟିଶ ଶାସନ ବିରୁଦ୍ଧରେ ଅସନ୍ତୋଷର ବହ୍ନି ଜଳୁଥିବାବେଳେ ପାଇକ ସ୍ୱତନ୍ତ୍ର ସେନାନୀର ଅଗ୍ରଦୂତ ସାଜିଥିଲେ ବକ୍ସି ଜଗବନ୍ଧୁ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଦୀପାୟନ ଓ ବକ୍ସିଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ପରେ 'ସ୍ୱରସୁଧା' ଅନୁଷ୍ଠାନର ଶିଳ୍ପୀବୃନ୍ଦ ଆବାହନୀ ସଂଗୀତ ପରିବେଷଣ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୪।୧ (ମହାଭାରତ): ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ପାଳନ ଅବସରରେ ଆଜି ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଭୁବନେଶ୍ୱରର ମ୍ୟୁଜିୟମ୍ ଛକସ୍ଥିତ ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ହୋଇଯାଇଛି। ସକାଳ ୮ ଘଟିକା ସମୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପୂର୍ବତନ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଭୁବନେଶ୍ୱର ଲକ୍ଷ୍ମଣ ବେହେରା, ଆଚାର୍ଯ୍ୟ ବିହାର ପରିଷଦର ସମ୍ପାଦକ, ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଷୋଡ଼ଶ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୪।୧ (ମହାଭାରତ): ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହରୁ ଯୁବ କେନ୍ଦ୍ର ସଂଗଠନ, ଓଡିଶା ପକ୍ଷରୁ ଆସନ୍ତାକାଲି ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଶୋଡ଼ଷ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରିବ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମ ସମୟରେ ନେହରୁ ଯୁବ କେନ୍ଦ୍ର ସଂଗଠନ ଓଡିଶା ଏବଂ ଖୋର୍ଦ୍ଧା ଶାଖା ପକ୍ଷରୁ ୭ ଦିନ ପାଇଁ ଭାରତର ବିଭିନ୍ନ ପ୍ରାନ୍ତରୁ ୨୦୦ ଆଦିବାସୀ ଯୁବକଙ୍କୁ ସ୍ୱାଗତ କରାଯିବ। ଏହି ୭ ଦିନ ମଧ୍ୟରେ ସେମାନେ ଓଡିଶାରେ ଆଦିବାସୀ ଜୀବନର ସଂସ୍କୃତି, ପରମ୍ପରା ଏବଂ ଅନ୍ୟାନ୍ୟ ଦିଗ ଅନୁସନ୍ଧାନ କରିବେ ତଥା ଆଦିବାସୀ ସମ୍ପ୍ରଦାୟ ପାଇଁ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ବିଷୟରେ ଅବଗତ ହେବେ। ସେମାନଙ୍କ ପାଇଁ ୨ ଦିନିଆ ଭ୍ରମଣ କାର୍ଯ୍ୟକ୍ରମ ରହିଛି। ସେଥିମଧ୍ୟରୁ ଗୋଟିଏ ଦିନ ସେମାନେ ସ୍ଥାନୀୟ ଅଂଚଳ ବୁଲିବେ ଏବଂ ଦ୍ୱିତୀୟ ଦିନରେ ରାଜ୍ୟପାଳଙ୍କ ନିମନ୍ତ୍ରଣକ୍ରମେ ରାଜଭବନ ପରିଦର୍ଶନ କରିବେ।

ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଆମର ଆଦିବାସୀ ଯୁବବର୍ଗଙ୍କୁ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ସଚେତନ କରିବା ଏବଂ ବିବିଧତାରେ ଏକତାକୁ ଗ୍ରହଣ କରିବା। ଏଥିସହିତ ବିକାଶ କାର୍ଯ୍ୟକଳାପ, ଶିଳ୍ପ ଉନ୍ନତି ସହିତ ଦେଶର ସାଥୀ ଜନସମୁଦାୟ ସହିତ ଭାବଗତ ସମ୍ପର୍କ ସ୍ଥାପନରେ ସାହାଯ୍ୟ କରିବା। ଆଦିବାସୀ ଯୁବବର୍ଗଙ୍କ ଆତ୍ମସମ୍ମାନକୁ ସୁଦୃଢ଼ କରିବା ସହିତ ନୂଆ ଜିନିଷ ଶିଖିବା, ନୂଆ ଚିନ୍ତାଧାରା ଏବଂ ଜୀବନ ଶୈଳୀର ଅନୁସନ୍ଧାନ କରିବା ଲାଗି ସେମାନଙ୍କ ପାଇଁ ଏହା ଏକ ଉତ୍ତମ ସୁଯୋଗ ହେବ।

ନେହରୁ ଯୁବ କେନ୍ଦ୍ର ସଂଗଠନ ଓଡିଶା ରାଜ୍ୟ କାର୍ଯ୍ୟାଳୟର ସହଯୋଗରେ ଖୋର୍ଦ୍ଧା ନେହରୁ ଯୁବ କେନ୍ଦ୍ର ଏହି କାର୍ଯ୍ୟକ୍ରମ ପରିଚାଳନା କରିବେ। ନେହରୁ ଯୁବା କେନ୍ଦ୍ର ସଂଗଠନ, ପୂର୍ବ କ୍ଷେତ୍ରର ଆଂଚଳିକ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଯୁବ ଅଧିକାରୀ ବିପିନ୍ କୁମାର ଏବଂ ଆକାଉଂଟାଂଟ ସୁଭେନ୍ଦ୍ରନାଥ ସାହୁ ସଂଯୋଜନା କରିବେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଆଂଚଳିକ କାର୍ଯ୍ୟାଳୟର ସହକାରୀ ବିଭାଗ ଅଧିକାରୀ ରୋହିତ ନନ୍ଦେଶ୍ୱର ଶାମରାଓ ସହାୟତା କରିବେ।

## ଜଣକ ପିଛା ଦୁଇ ତିନୋଟି ଘର ବାଂଟିଥିଲା ନବୀନ ସରକାର : ବିଜେପି

ଭୁବନେଶ୍ୱର, ୨୪।୧ (ମହାଭାରତ): ପୂର୍ବ ବିଜେଡ଼ି ସରକାରର ଅହଙ୍କାର ପାଇଁ ଗରିବ ପିଏମ ଆବାସ ପକ୍କା ଘର ପାଇବାରୁ ବଂଚିତ ହେଲେ। ଓଡ଼ିଶା ଯେତେ ଘର ମାଗିଛି, ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ରରୁ ପଠାଇଛନ୍ତି। କିନ୍ତୁ ଯେଉଁ ମାନେ ପକ୍କା ଘର ପାଇବା ପାଇଁ ଯୋଗ୍ୟ ସେମାନେ ପାଇଲେ ନାହିଁ। ବିଜେଡ଼ି ସରକାର ନିଜ ଦଳ ଭିତରେ ପକ୍କା ଘର ସବୁ ବାଂଟି ନେଇଗଲେ। ନିଜ କର୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଜଣକ ପିଛା ଦୁଇ ତିନୋଟି ଘର ବାଂଟିଥିଲା ନବୀନ ସରକାର କହି ବର୍ଷିଛନ୍ତି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ। ସେ ସମୟରେ କେନ୍ଦ୍ର ସରକାର ମଧ୍ୟ ଏ ନେଇ ରିପୋର୍ଟ ଦେଇଥିଲେ। କିନ୍ତୁ ପୂର୍ବ ସରକାରରେ କାହାର ବି ଖାତିର ନଥିଲା। ହେଲେ ଏବେ ଲୋକଙ୍କ ସରକାର ଲୋକଙ୍କୁ ଘର ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ। ପକ୍କା ଘର ନଥିବା ଲୋକଙ୍କ ଖବର ପାଇଲେ ତୁରନ୍ତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ। ପୂର୍ବରୁ କପି ପେଷ୍ଟ ସରକାର ଥିଲା। ଅହଙ୍କାର ଯୋଗୁଁ ପିଏମ ଆବାସ ଯୋଜନାରେ ତିଆରି ହୋଇଥିବା ଘରେ ବିଜୁ ପକ୍କା ଘର ଲୋଗୋ ଲଗାଉଥିଲେ ତତ୍କାଳୀନ ବିଜେଡ଼ି ସରକାର। କିନ୍ତୁ ଯେତେବେଳେ ନେଡ଼ିଗୁଡ଼ କହୁଣୀକୁ ବୋହି ଗଲା, ସେମାନେ ପ୍ରଧାନମନ୍ତ୍ରୀ ଆବାସ ଲଗାଇବାକୁ ବାଧ୍ୟ ହେଲେ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୫ ଲକ୍ଷ ପକ୍କା ଘର ଯୋଗାଇବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ପାଇବାରୁ କେହି ଯେମିତି ବଂଚିତ ନହୁଅନ୍ତୁ, ତାହା ବିଜେପି ସରକାରଙ୍କ ପ୍ରାଥମିକତା। କିନ୍ତୁ ଯଦି କେହି ବଂଚିତ ହେବେ, ତେବେ ଅନ୍ତୋଦ୍ୟୋୟ ଗୃହ ଯୋଜନାରେ ସେମାନଙ୍କୁ ପକ୍କା ଘର ଯୋଗାଇ ଦେବେ ରାଜ୍ୟ ସରକାର।

ବାତ୍ୟା ଅଂଚଳରେ ଘର କ୍ଷୟକ୍ଷତି ରୋକିବା ପାଇଁ ରାଜ୍ୟ ସରକାର ନେବେ ବଡ଼ ପଦକ୍ଷେପ। ଅର୍ଗସ ନ୍ୟୁଜକୁ ଏକ୍ସକ୍ଲୁସିଭ ଇଂଟରଭ୍ୟୁରେ ସୂଚନା ଦେଇଛନ୍ତି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ। ବାତ୍ୟା ଲ୍ୟାଣ୍ଡଫଲ୍ ହେଉଥିବା ଅଂଚଳରେ ଅଧିକ ମଜବୁତ ପକ୍କା ଘର ତିଆରି କରିବେ ରାଜ୍ୟ ସରକାର। ସମୁଦ୍ର କୂଳ ବା ବାତ୍ୟା ବେଳେ ସର୍ବାଧିକ ପ୍ରଭାବିତ ହେଉଥିବା ଘର ଗୁଡ଼ିକ ହେବ ଆହୁରି ଷ୍ଟ୍ରଙ୍ଗ। ବାତ୍ୟା ବେଳେ ଅଧିକ ବେଗରେ ପବନ ହେଲେ ଯେମିତି କିଛି କ୍ଷତି ହେବ ନାହିଁ, ଏଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ଚିନ୍ତା କରୁଛନ୍ତି ରାଜ୍ୟ ସରକାର ବୋଲି କହିଛନ୍ତି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ।

# ଓଡ଼ିଶାରେ ବେଟୀ ବଚାଓ ବେଟୀ ପାଓ ଅଭିଯାନର ସଫଳତା

ଭୁବନେଶ୍ୱର, ୨୪।୧ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବେଟୀ ବଚାଓ ବେଟୀ ପାଓ ଅଭିଯାନକୁ ୧୦ ବର୍ଷ ପୂରଣ ହୋଇଛି। ଏହାକୁ ଦେଶବ୍ୟାପୀ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ସମନ୍ୱିତ ଢଙ୍ଗରେ କାର୍ଯ୍ୟକାରୀ କରାଯାଇଛି। କିଛି ରାଜ୍ୟ ଓ ଜିଲ୍ଲା ପ୍ରଶାସନ ଅଭିଯାନ ଅଧୀନରେ ଅନେକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହିସବୁ ପଦକ୍ଷେପକୁ ମଧ୍ୟ ବିପୁଳ ସଫଳତା ମିଳିଛି। ଓଡ଼ିଶାରେ ମଧ୍ୟ ଶିଶୁ କନ୍ୟାଙ୍କ କଲ୍ୟାଣ ପାଇଁ ଜିଲ୍ଲାସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି।

ବେଟୀ ବଚାଓ ବେଟୀ ପାଓ ଅଭିଯାନ ଅଧୀନରେ ବାଲ୍ୟ ବିବାହକୁ ରୋକିବା ଲାଗି ଗଞ୍ଜାମ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଭୟ କି ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏଥିରେ ୧୧ରୁ ୧୮ ବର୍ଷ ବୟସ୍କ ୧ଲକ୍ଷ ୮୩ ହଜାରରୁ ଅଧିକ କିଶୋରୀଙ୍କୁ ସାମିଲ କରାଯାଇଛି। ୩ ଜାନୁଆରୀ ୨୦୨୨ ସୁଦ୍ଧା ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ ବାଲ୍ୟ ବିବାହମୁକ୍ତ ଜିଲ୍ଲା ଘୋଷିତ ହୋଇଥିଲା। ଜିଲ୍ଲା ପ୍ରଶାସନ ବାଲ୍ୟ ବିବାହକୁ ରୋକିବା ଲାଗି ଶିଶୁ ବିବାହ ନିଷେଧ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଚାଇଲ୍ଡ ଲାଇନ ଓ ପୁଲିସର ସହାୟତା ନେଇଥିଲା। ୩,୬୧୪ ବିଦ୍ୟାଳୟର ୪ ଲକ୍ଷ ୫୦ ହଜାର ଛାତ୍ରୀ ବାଲ୍ୟ ବିବାହକୁ ନା କହିବା ସହିତ ଉଚ୍ଚ ଶିକ୍ଷା ଜାରି ରଖିବାକୁ ଶପଥ ପାଠ କରିଥିଲେ। ସଚେତନତା ସୃଷ୍ଟି ଲାଗି ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ଗଠନ କରାଯାଇଥିଲା। ଏହି ପଦକ୍ଷେପ ଫଳରେ ଜାତୀୟ ପାରିବାରିକ ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ଜିଲ୍ଲାରେ ବାଲ୍ୟ ବିବାହ ୨୯%ରୁ ୨୨%କୁ ହ୍ରାସ ପାଇଛି। ସେହିପରି ଲିଙ୍ଗ ନିରୂପଣକୁ ରୋକିବା ଲାଗି ଜିଲ୍ଲାରେ ମୋ ଗେହ୍ଲା ଝିଅ ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି। ଫଳରେ ଲିଙ୍ଗ ଅନୁପାତ ପ୍ରତି ୧ହଜାର ପୁଅରେ ୮୫୪ ଥିବା ବେଳେ ୨୦୨୪ରେ ଏହା ୯୨୭କୁ ବୃଦ୍ଧି ପାଇଛି ଯ ଜିଲ୍ଲା ପ୍ରଶାସନକୁ ରାଜ୍ୟ ଓ ଜାତୀୟ ସ୍ତରରେ ଏହି ଉପଲବ୍ଧି ପାଇଁ ଅନେକ ପୁରସ୍କାର ମିଳିଛି।

ସେହିପରି ଢେଙ୍କାନାଳ ଜିଲ୍ଲାରେ ବାଲ୍ୟ ବିବାହକୁ ରୋକିବା ଲାଗି ୧୦ରୁ ୧୯ ବର୍ଷ ବୟସ୍କ କିଶୋରୀଙ୍କୁ ନେଇ କଳ୍ପନା ଅଭିଯାନ କାର୍ଯ୍ୟକାରୀ କରାଯାଇଛି। ଏହା ଅଧୀନରେ ୩୪୩ଟି ବାଲ୍ୟ ବିବାହକୁ ରୋକାଯାଇଛି। ୪ ଲକ୍ଷ ୪୫ ହଜାରରୁ ଅଧିକ ଛାତ୍ରୀ ବାଲ୍ୟ ବିବାହ ନକରିବାକୁ ଶପଥ କରିଛନ୍ତିଯ ୧,୨୧୧ଟି ଗାଁରେ ସଚେତନତା ସୃଷ୍ଟି କରାଯାଇଛି।

ଅନୁରୂପ ଭାବେ କେନ୍ଦୁଝର ଜିଲ୍ଲାରେ ୨୦୨୪ ସୁଦ୍ଧା ବାଲ୍ୟ ବିବାହରେ ୫୦% ହ୍ରାସ ଆଣିବା ଲକ୍ଷ୍ୟ ନେଇ ସ୍ୱର୍ଣ୍ଣ କଳିକା ଅଭିଯାନ କାର୍ଯ୍ୟକାରୀ କରାଯାଇଥିଲା। ଆଦ୍ୱିକା ଆପ୍ ଏବଂ ଗ୍ରାମାଞ୍ଚଳରେ ସଚେତନତା ଅଭିଯାନ ଜରିଆରେ ବାଲ୍ୟ ବିବାହ ରୋକିବାକୁ ପଦକ୍ଷେପ ଗ୍ରହଣ କରାଯାଇଥିଲା।

ଦେବଗଡ଼ ଜିଲ୍ଲା ପ୍ରଶାସନ କିଶୋରୀମାନଙ୍କୁ ଆତ୍ମରକ୍ଷା ତାଲିମ ଦେବା ପାଇଁ ବୀରାଙ୍ଗନା ଅଭିଯାନ କାର୍ଯ୍ୟକାରୀ କରିଥିଲା। ଏହା ଅଧୀନରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ୬,୦୦୦ ଝିଅଙ୍କୁ ତାଲିମ ଦିଆଯାଇଥିଲା। ଫଳରେ ଝିଅଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହିତ ପୂର୍ବରୁ ସେମାନେ ଯେଉଁ ନିର୍ଯାତନା ଓ ଶୋଷଣର ଶିକାର ହେଉଥିଲେ ସେଥିରେ ଅନେକ ପରିମାଣରେ ହ୍ରାସ ପାଇଛି। ସ୍ୱତନ୍ତ୍ର ବୀରାଙ୍ଗନା ଅଭିଯାନ ପାଇଁ ଦେବଗଡ଼ ଜିଲ୍ଲା ପ୍ରଶାସନ ସମ୍ମାନଜନକ ସ୍କଚ୍ ପୁରସ୍କାର ପାଇଁ ମନୋନିତ ହୋଇଥିଲା ଏବଂ ଏହାକୁ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଆନୁଷ୍ଠାନିକ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ରୂପେ ସାମିଲ କରାଯାଇଥିଲା।

## ପିଙ୍କି ବେହେରାଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୧ (ମହାଭାରତ): ଇନ୍ଦୋର ଠାରେ ଆୟୋଜିତ ମିଷ୍ଟ୍ରେସ୍ ଇଣ୍ଡିଆରେ ସ୍ୱର୍ଣ୍ଣ ପଦକ ଜିତି ଏସିଆନ ଚାମ୍ପିଅନସିପ ପାଇଁ ଯୋଗ୍ୟତା ହାସଲ କରିଥିବାରୁ ଓଡ଼ିଶାର ପିଙ୍କି ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏନେଇ ମୁଖ୍ୟମନ୍ତ୍ରୀ ଏକ୍ସ ହ୍ୟାଣ୍ଡେଲରେ କହିଛନ୍ତି ଯେ, ୨୯ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଗୋଲ୍ଡ ମେଡାଲ ପାଇବା ସଙ୍ଗେ ଚାମ୍ପିୟନ ଆଖ୍ୟା ଅର୍ଜନ କରିବା ଆମ ଓଡ଼ିଶା ପାଇଁ ଗର୍ବ ଏବଂ ଗୌରବର ବିଷୟ। ପ୍ରଥମ ଓଡ଼ିଆ ବଡ଼ି ବିଲ୍ଡର ଭାବେ ସେ ଆଗାମୀ ଏପ୍ରିଲ ମାସରେ ଓମାନରେ ହେବାକୁ ଥିବା ପ୍ରତିଯୋଗିତାରେ ଐତିହାସିକ ବିଜୟ ହାସଲ କରିବେ ବୋଲି ମୋର ଦୃଢ ବିଶ୍ୱାସ।

# ଭୁବନେଶ୍ୱରରେ ପୂର୍ବୋତ୍ତର ଭାରତର ୨୯ ଛାତ୍ର ଛାତ୍ରୀ

ଭୁବନେଶ୍ୱର, ୨୪।୧ (ମହାଭାରତ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆୟୋଜିତ ଆନ୍ତଃ ରାଜ୍ୟ ଛାତ୍ର ଜୀବନ ଦର୍ଶନ କାର୍ଯ୍ୟକ୍ରମ (ସିଲ୍) ରେ ପୂର୍ବୋତ୍ତର ଭାରତର ୨୯ ଛାତ୍ର ଛାତ୍ରୀ ଆଜି ଭୁବନେଶ୍ୱର ଠାରେ ପହଂଚିଛନ୍ତି। ସେମାନେ ଗୌହାଟୀରୁ ଟ୍ରେନ ଯୋଗେ ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ପହଂଚିବା ପରେ ସେମାନଙ୍କର ଭବ୍ୟ ସ୍ୱାଗତ କରାଯାଇଥିଲା। ପୂର୍ବୋତ୍ତର ଭାରତର ଏହି ପ୍ରତିନିଧି ଦଳରେ ଆସାମ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମେଘାଳୟ, ମିଜୋରାମ, ମଣିପୁର ଓ ତ୍ରିପୁରା ଓ ସିକିମର ଛାତ୍ର ଛାତ୍ରୀ ସାମିଲ ଅଛନ୍ତି।

ସିଲ କାର୍ଯ୍ୟକ୍ରମର ସଂଯୋଜକ ଅରିଜିତ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି। ପ୍ରତ୍ୟେକ ବିଦ୍ୟାର୍ଥୀ ଏକ ଏକ ପରିବାରରେ ଅବସ୍ଥାନ କରୁଛନ୍ତି। ଏହା ସହ ତିନି ଦିନର କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ପରିଦର୍ଶନ ସହ କୁଳପତି ମାନଙ୍କ ସହ ଆଲୋଚନା କରିବେ ଏବଂ ଓଡ଼ିଶାର ଐତିହ ସ୍ଥଳ ମାନଙ୍କର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୬ ତାରିଖ ଦିନ ସନ୍ଧ୍ୟା ୬ ଟା ସମୟରେ ଭୁବନେଶ୍ୱର ମହାନଗର ପକ୍ଷରୁ ଏକ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ସିଲ୍ ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରିବେ। ଭିନ୍ନ ଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ ସଂସ୍କୃତିର ଆଦାନ ପ୍ରଦାନ ହେବ। ଏହି କାର୍ଯ୍ୟକ୍ରମ ଦ୍ୱାରା ଭାରତରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତି ଜଡ଼ିତ ଓ ଆମେ ସମସ୍ତେ ଭାରତ ମାତା ର ସନ୍ତାନ ଅଟୁ ଏହି ସନ୍ଦେଶ ଦିଆଯିବ ବୋଲି ସେ କହିଛନ୍ତି। ଗୌହାଟୀରୁ ଆସିଥିବା ଏହି ପ୍ରତିନିଧି ଦଳର ସଂଯୋଜକ ଚିଟ୍ଟୁ ବୈଶ୍ୟ ଓ ସହ ସଂଯୋଜକ ପାପନ ଦାସ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଗୌହାଟି ଠାରୁ ଏହି ପୂର୍ବୋତ୍ତର ରାଜ୍ୟ ମାନଙ୍କରୁ ମୋଟ ୮ଟି ଦଳ ଦେଶର ବିଭିନ୍ନ ରାଜ୍ୟକୁ ଏହି କାର୍ଯ୍ୟକ୍ରମରେ ଆସିଛନ୍ତି। ଉତର ପୂର୍ବ ରାଜ୍ୟ ମାନଙ୍କର ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ନାମରେ ଏହି ପ୍ରତିନିଧି ଦଳ ଗୁଡିକର ନାମକରଣ କରାଯାଇଛି। ସମସ୍ତ ଦଳ ୨୦ ଦିନ ଧରି ସାରା ଭାରତ ପରିଭ୍ରମଣ କରିବେ ଓ ଶେଷରେ ପୁଣି ଥରେ ଗୌହାଟୀ ପହଂଚିବେ। ଏହା ହୃଦୟକୁ ହୃଦୟକୁ ଯୋଡିବା ପାଇଁ ଏକାତ୍ମତା ଯାତ୍ରା ବୋଲି ସେ କହିଛନ୍ତି। ଭାରତ ବର୍ଷର ବିଭିନ୍ନ ଅଂଚଳର ଭାଷା, ବେଶ ଭୂଷା ଆଦି ଭିନ୍ନ ହେଲେ ମଧ୍ୟ ସମସ୍ତେ ଭାରତ ମାତାର ସନ୍ତାନ, ଏହି ବାର୍ତ୍ତା ଦେବାକୁ ଏହି ଯାତ୍ରା କରାଯାଉଥିବା ସେମାନେ ପ୍ରକାଶ କରିଛନ୍ତି।

# ନଦୀ ସଂଯୋଗୀକରଣ

ଦେଶରେ ବୃହତ ନଦୀ ସଂଯୋଗର ପରିକଳ୍ପନା ଭବିଷ୍ୟତରେ ସମ୍ଭାବ୍ୟ ଜଳ ସଂକଟର ମୁକାବିଲା ପାଇଁ ଉଦ୍ଦିଷ୍ଟ ଏହା ନିସନ୍ଦେହ। ଅଶୀ ଦଶକରେ ତତ୍‌କାଳୀନ ସରକାର ବୃହତ ନଦୀ ସଂଯୋଗ ଯୋଜନାର ପରିକଳ୍ପନା କରିଥିବାବେଳେ ଏଭଳି ପ୍ରଥମ ପ୍ରକଳ୍ପ ଲାଗି ଦୀର୍ଘ ଚାରିଦଶନ୍ଧି ଲାଗିଯାଇଛି। ତେବେ ଏହି ବିଳମ୍ବ ସରକାରୀ ଅବହେଳା କିମ୍ବା ବିରୋଧ ପାଇଁ ହୋଇଛି, ତାହା ସ୍ପଷ୍ଟ ଜଣାପଡିନଥିଲେ ମଧ୍ୟ ଖୁସିବ ବିପକ୍ଷ ଏହା ଯେ, ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ-ବେଟୱା ନଦୀର ସଂଯୋଗୀକରଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ବଜେଟରେ ୪୪,୬୦୫ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା କେନ ନଦୀରୁ ବଳକା ଜଳ କେନାଲ ମାଧ୍ୟମରେ ବେଟୱା ନଦୀରେ ଛଡାଯିବ। କୃଷିକ୍ଷେତ୍ରକୁ ଜଳ ଯୋଗାଣ ଏବଂ ଜନସାଧାରଣଙ୍କୁ ପାନୀୟ ଜଳଯୋଗାଣ ହେଉଛି ଏଭଳି ଯୋଜନାର ମୁଖ୍ୟ ଲକ୍ଷ୍ୟ। କେବଳ ଏତିକି ନୁହେଁ, ବନ୍ୟା ସମୟରେ ତଳିଆ ଅଂଚଳର ଲୋକଙ୍କୁ ସୁରକ୍ଷା ଦେବା ସହ ଜଳ ବିଦ୍ୟୁତ ଉତ୍ପାଦନରେ ସହାୟକ ହେବ। ଏହା ନିସନ୍ଦେହ ଯେ, ଏବେ ଭୂତଳ ଜଳ ସ୍ତର କ୍ରମଶଃ ହ୍ରାସ ପାଉଥିବାବେଳେ ଜଳବାୟୁ ପରିବର୍ତନ ପ୍ରଭାବରେ ୨୦୫୦ ମସିହା ବେଳକୁ ଦେଶରେ ଉକ୍‌ଟ ପାନୀଳ ଜଳ ସଂକଟ ସୃଷ୍ଟି ହେବା ନେଇ ବୈଜ୍ଞାନିକମାନେ ଚେତାବନୀ ଦେଇସାରିଲେଣି। ଆହୁରି ମଧ୍ୟ ଚୀର ସ୍ରୋତା ନଦୀଗୁଡିକ ଖରାଦିନେ ଶୁଖିଲା ପଡିଲାଣି, ଏହା ଭବିଷ୍ୟତରେ ଜଳ ସଂକଟର ପୂର୍ବାଭାଷ ବୋଲି କହିଲେ ହୁଏତ ଅତ୍ୟୁକ୍ତି ହୋଇନପାରେ। ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ଚାରି ଦଶନ୍ଧିର ପରିକଳ୍ପନାକୁ ବାସ୍ତବ ରୂପ ଦେବା ପାଇଁ ଗଲା ୨୦୨୧ରେ କେନ୍ଦ୍ର କ୍ୟାବିନେଟ ନଦୀ ସଂଯୋଗୀକରଣ ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ଏହି ପ୍ରସ୍ତାବକୁ ସେତେବେଳେ ବିରୋଧର ସମ୍ମୁଖୀନ ହୋଇଥିବାବେଳେ ଜାତୀୟ ଗ୍ରୀନ ଟ୍ରିବୁନାଲର ଅନୁମତି ଅପେକ୍ଷାରେ ରହିଛି। ସେହିପରି ଏହି ପ୍ରକଳ୍ପ ଦ୍ୱାରା ଜୈବ ବିବିଧତା କ୍ଷତିଗ୍ରସ୍ତ ହେବା ସହ ପରିବେଶକୁ ପ୍ରଭାବିତ କରିବା ନେଇ ବିଶାରଦମାନେ ମଧ୍ୟ ଚେତାବନୀ ଦେଇଛନ୍ତି। ଏପରିକି ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟି ଓ ବିଶାରଦମାନଙ୍କ ପରାମର୍ଶକୁ ଏଡାଇ ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି। ଉଭୟ କେନ ଓ ବେଟୱା ନଦୀର ଅବବାହିକା ବନ୍ୟା ଓ ମରୁଡି ଦ୍ୱାରା ପ୍ରପିଡିତ ହୋଇ ଆସୁଥିବାବେଳେ ଏହି ପ୍ରକଳ୍ପ ସହାୟକ ହେବା ନେଇ ଆଶା କରାଯାଏ। ଚାଷ ଜମିକୁ ଜଳସେଚନ ଓ ପାନୀୟ ଜଳଯୋଗାଣ ହୋଇପାରିବ। ଏହି ଯୋଜନା ଦ୍ୱାରା ଦେଶର ଦୁଇ ବୃହତ ରାଜ୍ୟ ଉତରପ୍ରଦେଶ ଓ ମଧ୍ୟପ୍ରଦେଶର ବହୁ ଅଂଚଳ ଉଭୟ ବନ୍ୟା ଓ ମରୁଡି ଦାଉରୁ ସୁରକ୍ଷିତ ହେବ, ଏହା ନିସନ୍ଦେହ। ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଦଳ ବିକାଶ ଏଜେନସ୍ ହିମାଳୟ ଓ ଉପଦ୍ୱୀପ ଅଂଚଳରେ ୧୬୮ ବିଲିଅନ ଡଲାର ବିନିଯୋଗରେ ୩୦ଟି ବୃହତ ନଦୀର ସଂଯୋଗୀକରଣ ପାଇଁ ଚିହ୍ନଟ କରିଛନ୍ତି। ଯାହା ଫଳରେ ଦଳର ସୁଷମ ବଂଟନ ହେବା ସହ ବନ୍ୟା ନିୟନ୍ତ୍ରଣ, ମରୁଡି ମୁକାବିଲା, ପାନୀୟ ଜଳଯୋଗାଣ ଏବଂ ଜଳବିଦ୍ୟୁତ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ଆମ ରାଜ୍ୟରେ ନଦୀର ସଂଯୋଗୀକରଣ ନେଇ ୩ଟି ନଦୀକୁ ଚିହ୍ନଟ କରାଯାଇଛି। ଯାହାର ଫିଜିବିଲଟ୍ ରିପୋର୍ଟ ମଧ୍ୟ ପ୍ରସ୍ତୁତ ହୋଇସାରିଛି। ଏହି ଯୋଜନାରେ ମହାନଦୀ-ରଷୁକୁଲ୍ୟା-ଗୋଦାବରୀ, ଗଙ୍ଗା-ଦାମୋଦର-ସୁବର୍ଣ୍ଣରେଖା ଓ ସୁବର୍ଣ୍ଣରେଖା-ମହାନଦୀ-ସଂଯୋଗୀକରଣ ପ୍ରସ୍ତାବ ରହିଛି। ମହାନଦୀ-ରଷିକୁଲ୍ୟା-ଗୋଦାବରୀ ସଂଯୋଗ ଦ୍ୱାରା ଓଡିଶା ଓ ଆନ୍ଧ୍ର ପ୍ରଦେଶ ଉପକୃତ ହେବା ସହ ଗଙ୍ଗା-ଦାମୋଦର-ସୁବର୍ଣ୍ଣରେଖା ଦ୍ୱାରା ଓଡିଶା, ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଚାଷ ଜମି ଜଳସେଚିତ ହେବା ସହ ପାନୀଳ ଜଳ ସଂକଟ ଦୂର ହୋଇପାରିବ। ଆହୁରି ମଧ୍ୟ ଜଳବିଦ୍ୟୁତ ଉତ୍ପାଦନ ଦ୍ୱାରା ବିଦ୍ୟୁତ ସଂକଟ ଦୂରିଭୂତ ହୋଇପାରିବା ନେଇ ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ମହାନଦୀରେ ଛତିଶଗଡର ଏକାଧିକ ବ୍ୟାରେଜ ଯୋଗୁଁ ଏବେ ଓଡିଶାର ଶୁଖିଲା ପଡିଛି। କେବଳ ମହାନଦୀ ନୁହେଁ, ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ, ରଷିକୁଲ୍ୟା, ବଂଶଧାରା ଆଦି ରାଜ୍ୟର ବଡବଡ ନଦୀ ଖରାଦିନେ ଶୁଖିଲା ପଡୁଛି। ଏହି ନଦୀ ସଂଯୋଗୀକରଣ ଦ୍ୱାରା ଭୂତଳ ଜଳସ୍ତରରେ ସୁଧାର ଆସିବ। ପ୍ରତି କାର୍ଯ୍ୟରେ ପ୍ରତିକ୍ରୀୟା ଥିବା ପରି ଏହି ପ୍ରକଳ୍ପ ଦ୍ୱାରା ପରିବେଶ ଉପରେ କି ପ୍ରକାର ପ୍ରଭାବ ପଡିବ, ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ଅନ୍ୟଥା ଏହା ବିପର୍ଯ୍ୟାୟର କାରଣ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ।

# ନେତାଜୀ ସୁଭାଷ ଓ କଟକର ସଚ୍ଚିଦାନନ୍ଦ ମଠ

**ବାଦଲ ଭୂୟାଁ**

ଛାତ୍ର ଜୀବନରୁ ରାଜନୈତିକ ସଂଘର୍ଷ ଓ ସ୍ୱାଧୀନତା ସଂଗ୍ରାମ ସବୁଠି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ମୃତି କଟକ ସହିତ ଜଡ଼ିତ ରହିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୧ରୁ ନେତାଜୀଙ୍କ ଜନ୍ମ ଦିବସ ତଥା ଜାନୁଆରୀ ୨୩କୁ ପରାକ୍ରମ ଦିବସ ଭାବେ ପାଳନ କରାଯାଉଛି। ପ୍ରଥମେ ଏହାକୁ କୋଲକାତା ଓ ପରେ ଲାଲକିଲ୍ଲାରେ ଆୟୋଜନ କରାଯାଉଥିଲା। ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବାରବାଟୀ ଦୁର୍ଗ ମଧ୍ୟରେ ଥିବା ସତ୍ୟବ୍ରତ ଷ୍ଟାଡିୟମରେ ଏହା ପାଳନ ହୋଇଥିଲା। କହିବାକୁଗଲେ ନେତାଜୀଙ୍କ ପରିଚୟ ପ୍ରଦାନରେ ସଂକୀର୍ଣ୍ଣତାର ସ୍ଥାନ ନାହିଁ କାରଣ ସେ କେବଳ କଟକ, ଓଡ଼ିଶା ବା କୋଲକାତା ଭିତରେ ସୀମିତ ରହିନଥିଲେ। ସେ ଥିଲେ ଦେଶର ସମ୍ପତ୍ତି। ଏକ ବିଶ୍ୱବ୍ୟାପ୍ତ ବ୍ୟକ୍ତିତ୍ୱ। ଚଳିତ ବର୍ଷ ନେତାଜୀଙ୍କ ୧୨୫ତମ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜନରେ ଓଡ଼ିଶା ସରକାର ଆଗୁଆ ରହି ନେତାଜୀଙ୍କ ସ୍ମୃତିରକ୍ଷା ପାଇଁ ଅନେକ ପ୍ରକଳ୍ପ ହାତକୁ ନେଇଛନ୍ତି। ନେତାଜୀ ଜୟନ୍ତୀ ଅବସରରେ ଏକ ଅନାଲୋଚିତ ତଥ୍ୟ ଭାବେ ଖୋଦ କଟକ ସହରର ଏକ ମଠରେ ତାଙ୍କ ବାଲ୍ୟ ସ୍ମୃତିର ପାରିବାରିକ ଘଟଣାବଳୀ ମୂକସାକ୍ଷୀ ହୋଇରହିଛି। ଏହି ଲେଖକ ଅତି ବିନମ୍ର ଭାବେ ସେହି ଅପାସୋରା ସ୍ମୃତିକୁ ଉପସ୍ଥାପନ କରୁଛି।

ଯୁଗେ ଯୁଗେ ମୁନି, ଋଷିଗଣ ଆଧ୍ୟାତ୍ମମାର୍ଗରେ ଦେଶ ପରିଚାଳନା ପାଇଁ ପ୍ରଚେଷ୍ଟା କରିଆସିଛନ୍ତି। ତେଣୁ ପିଲାଦିନୁ ନେତାଜୀ ସୁଭାଷ ବୋଷ ଆଧ୍ୟାତ୍ମବାଦ ଆଡ଼କୁ ଆକର୍ଷିତ ହେବା ସ୍ୱାଭାବିକ ଥିଲା। ସେ ପ୍ରତିଦିନ ଗୀତା ପଢ଼ିବା ସହ ମା'ଙ୍କଠାରୁ ରାମାୟଣ, ମହାଭାରତ କଥା ଶୁଣୁଥିଲେ। ବାପାଙ୍କ ସହ ସେ ସଚ୍ଚିଦାନନ୍ଦ ମଠକୁ ଯାଉଥିଲେ। ନେତାଜୀଙ୍କ ପିଲାଦିନରେ ଏହି ଆଧ୍ୟାତ୍ମବାଦର ମୂକସାକ୍ଷୀ ହୋଇଛି କଟକ ବାଉଁଶଗଳିସ୍ଥିତ ସଚ୍ଚିଦାନନ୍ଦ ମଠ। ମଠର ପ୍ରତିଷ୍ଠାତା ପ୍ରଭୁପାଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀଙ୍କ ବନ୍ଧେଇ ଫଟୋ ମଠ ପକ୍ଷରୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ପ୍ରଦାନ କରାଯାଇଛି। ଯାହାକି ସଂଗ୍ରହାଳୟର ୧୦ ନମ୍ବର ଗ୍ୟାଲେରୀରେ ଏହି ଫଟୋ ସ୍ଥାନିତ ହୋଇଛି। ବିଶ୍ୱବ୍ୟାପୀ ଗୌଡ଼ୀୟ ମଠ ପ୍ରତିଷ୍ଠାତା ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ



ପ୍ରଭୁପାଦଙ୍କ ଘର କେନ୍ଦ୍ରାପଡ଼ା ନିକଟ ଛୋଟିମଙ୍ଗଳପୁର ଗ୍ରାମରେ। ସରସ୍ୱତୀ ଗୋସ୍ୱାମୀ ପ୍ରଥମେ କଟକର ଗଣେଶଘାଟ ଓ ପରେ ଓଡ଼ିଆବଜାରସ୍ଥିତ ନେତାଜୀଙ୍କ ଘର ନିକଟସ୍ଥ ଏକ ଭଡ଼ାଘରେ ସଚ୍ଚିଦାନନ୍ଦ ମଠ ସ୍ଥାପନ କରିଥିଲେ। ଗୌଡ଼ୀୟ ମଠର ବରିଷ୍ଠ ସନ୍ନ୍ୟାସୀ ଭକ୍ତିପ୍ରଦୀପ ତୀର୍ଥ ମହାରାଜ ଓ ରେଭେନ୍ସା କଲେଜର ତତ୍କାଳୀନ ବରିଷ୍ଠ ଇତିହାସ ଅଧ୍ୟାପକ ନିଶିକାନ୍ତ ସାନ୍ୟାଲ (ସୁଧାକର ପଣ୍ଡା) ପ୍ରମୁଖ ଜାନକୀନାଥ ବୋଷ ନେତାଜୀଙ୍କ ପିତା ଙ୍କ ଘରକୁ ଭିକ୍ଷାର୍ଥେ ଯିବା ଆସିବା କରୁଥିଲେ। ଜାନକୀନାଥ ବାବୁ ସଚ୍ଚିଦାନନ୍ଦ ମଠରେ ଠାକୁର ଓ ସାଧୁ ବୈଷ୍ଣବଙ୍କ ସେବା ପାଇଁ ପ୍ରତି ମାସରେ ୧୩୦୦ ଟଙ୍କା ପ୍ରଦାନ କରୁଥିଲେ। ମଠରେ ଶ୍ରୀଗୌରହରି ଓ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ବିନୋଦ ରମଣଙ୍କୁ ଆରାଧନା କରାଯାଉଥିଲା। ସକାଳ ସନ୍ଧ୍ୟାରେ ମଧୁର ସଂକୀର୍ତ୍ତନ ଓ ଭକ୍ତ ଗ୍ରନ୍ଥାଦି ପାଠବ୍ୟାଖ୍ୟା ହୁଏ। ସେତେବେଳେ ସଚ୍ଚିଦାନନ୍ଦ ମଠକୁ ଅନେକେ ବୈକୁଣ୍ଠ ବୋଲି ବର୍ଣ୍ଣନା କରୁଥିଲେ। ବାପା ଜାନକୀନାଥଙ୍କ ସହ ସୁଭାଷ ପିଲାଦିନେ ବହୁବାର ସନ୍ଧ୍ୟାରେ ମଠକୁ ଯାଉଥିଲେ। ପରେ ଏହି ମଠ ବାଉଁଶଗଳିରେ ସ୍ଥାୟୀ ଜମିକୁ ସ୍ଥାନାନ୍ତର ହେଲା। ସେଠାରେ ମନ୍ଦିର ନିର୍ମାଣ ହୋଇ ଶ୍ରୀବିଗ୍ରହମାନଙ୍କୁ ସ୍ଥାପନ କରାଯାଇଥିଲା। ପତ୍ରିକା ଅନୁଷ୍ଠାନର ମୁଖଦର୍ପଣ ପରି। ତେଣୁ ୧୯୩୨ରୁ ଓଡ଼ିଆ ପତ୍ରିକା 'ପରମାର୍ଥୀ' ପ୍ରକାଶ ଆରମ୍ଭ ହୋଇଥିଲା। ଏହି ପତ୍ରିକାରେ ପ୍ରାକ୍ତନ ସମ୍ପାଦକ ଯତିଶେଖର ଭକ୍ତିଶାସ୍ତ୍ରୀ ଉପରୋକ୍ତ ବିଷୟରେ ଉଲ୍ଲେଖ କରିଛନ୍ତି। ଜାନକୀନାଥ ଆମିଷାଦି ତ୍ୟାଗ କରି ସଦାଚାର ଜୀବନଯାପନ କରୁଥିଲେ। ଏଥିସହ ଶ୍ରୀଗୌରଙ୍କ ଜନ୍ମସ୍ଥଳୀ ନବଦ୍ୱୀପର ଯୋଗପୀଠ ମନ୍ଦିର ମଧ୍ୟ ଦର୍ଶନ କରୁଥିଲେ। ପିତାଙ୍କ ଏସବୁ ଆଧ୍ୟାତ୍ମିକ କାର୍ଯ୍ୟାବଳୀ ତଥା ମାନସିକତାର ପ୍ରଭାବ ସୁଭାଷଙ୍କ ଉପରେ ପଡ଼ିଥିଲା। କଟକ ରେଭେନ୍ସା କଲିଜିଏଟ ସ୍କୁଲରେ ପଢ଼ିବାବେଳେ ବାବାଜୀ ମହାରାଜଙ୍କ ପାଖକୁ ଯାଇ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଲୀଳା ଶୁଣୁଥିଲେ। ଏହାଦ୍ୱାରା ସୁଭାଷଙ୍କ ମନରେ ଶ୍ରୀଚୈତନ୍ୟ ଦେବଙ୍କ ପ୍ରତି ଶ୍ରଦ୍ଧାଭାବ ଜାଗରିତ ହୋଇଥିଲା। ଥରେ ନେତାଜୀ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସହ କଲିକତା ଗୌଡ଼ୀୟ ମଠକୁ ଆସି ଶ୍ରୀଲ୍ ପ୍ରଭୁପାଦଙ୍କ ଶ୍ରୀଚୈତନ୍ୟ ବାଣୀ ପ୍ରଚାରରେ ବହୁ ଶିକ୍ଷିତ ଯୁବକ ଆକୃଷ୍ଟ ହେଉଥିବା ଜାଣିବାକୁ ପାଇଥିଲେ। କେତେଜଣ ଯୁବକଙ୍କୁ ଭାରତର ସ୍ୱାଧୀନତା ସଂଗ୍ରାମ ନିମନ୍ତେ ଦେବା ଲାଗି ନେତାଜୀ ଶ୍ରୀଲ ପ୍ରଭୁପାଦଙ୍କୁ ଅନୁରୋଧ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଦଧିମାଛଗାଡ଼ିଆ ସାମନ୍ତରାୟପୁରର ଜନୈକ ଲେଖକ ତାଙ୍କ ପ୍ରବନ୍ଧ ଶ୍ରୀଶ୍ରୀଲ ପ୍ରଭୁପାଦ ପଣ୍ଡିତ ମାଲବ୍ୟଜୀ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ରେ ଏ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ଅନୁରୋଧ ଶୁଣି ଶ୍ରୀଲ ପ୍ରଭୁପାଦ ନେତାଜୀଙ୍କୁ ପଚାରିଲେ, ଆପଣ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି ? ନେତାଜୀ ଉତ୍ତର ଦେଇଥିଲେ ଏପରି କେଉଁ ହିନ୍ଦୁ ଅଛି ଯେ ପୁନର୍ଜନ୍ମରେ ବିଶ୍ୱାସ ନରଖିବ। ଏହାପରେ ଶ୍ରୀଲ ପ୍ରଭୁପାଦ କହିଲେ, ଯଦି ଦୈବବଶତଃ ଆପଣଙ୍କ ମୃତ୍ୟୁ ହୋଇଯାଏ ଏବଂ ଆପଣଙ୍କର ପରବର୍ତ୍ତୀ ଜନ୍ମ ଇଂଲଣ୍ଡରେ ହୁଏ, ତେବେ ମଧ୍ୟ କ'ଣ ଆପଣ ଭାରତର ସ୍ୱାଧୀନତା ପାଇଁ ପ୍ରୟାସ କରିବେ। ନେତାଜୀ କହିଥିଲେ ଆପଣଙ୍କ ଅଭିପ୍ରାୟ ବୁଝିପାରିଲି, ତଥାପି ମାତୃଭୂମିର ସେବା କରିବା ପାଇଁ ଚିନ୍ତାକରିବା ମଧ୍ୟ ଉଚିତ। ଶ୍ରୀଲ ପ୍ରଭୁପାଦ କହିଲେ କେବଳ ଭାରତୀୟମାନଙ୍କ ଅନିତ୍ୟ ସ୍ୱତନ୍ତ୍ରତା ପାଇଁ ଆପଣ ଚିନ୍ତିତ। କିନ୍ତୁ ମୁଁ ସମ୍ପୂର୍ଣ୍ଣ ମାନବ ଜାତିକୁ ଏହି ଦୁଃଖାଳୟ ସଂସାର କାରାଗାରରୁ ମୁକ୍ତ କରିବା ପାଇଁ ଚିନ୍ତିତ। ନେତାଜୀ କହିଥିଲେ, ମୁଁ ପୂର୍ବରୁ ଏଭଳି ବିଚାର କେବେ ବି ଶୁଣି ନଥିଲି। ଗୀତାର ଶିକ୍ଷା ମୋତେ କେହି ଏଭଳି ବର୍ଣ୍ଣନା କରି ବୁଝାଇ ନାହାନ୍ତି। ଯାହାହେଉ, ମୁଁ ଏବେ ସ୍ୱାଧୀନତା ସଂଗ୍ରାମରେ ଏତେ ଆଗେଇ ଯାଇଛି ଯେ ଏବେ ଆଉ ପଛକୁ ଫେରିବା ମୋ ପକ୍ଷରେ ସମ୍ଭବ ହେବନାହିଁ। ଏତିକି କହି ଶ୍ରୀଲ ପ୍ରଭୁପାଦଙ୍କୁ ପ୍ରଣାମ ଜଣାଇ ସେଠାରୁ ବିଦାୟ ନେଇଥିଲେ ନେତାଜୀ।

୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୯୨୦୪୬୫୨୦୬୫

# ଉପାସନା ପୀଠ

**ଯୁଧିଷ୍ଠିର ମହାରଣା**

ସଂପ୍ରତି ଦେଶରେ ବିଭିନ୍ନ ବିଶେଷକରି କେତେକ ନିର୍ଦ୍ଦିଷ୍ଟ ଉପାସନା ପୀଠ (ମନ୍ଦିର ଓ ମସଜିଦ) ବିବାଦକୁ ନେଇ ଯେଉଁ ନ୍ୟାୟିକ ଓ ଆଇନଗତ ଜଟିଳତା ସୃଷ୍ଟି ହୋଇଥିଲା ତାହା ଏକ ପ୍ରକାର ସାମୟିକ ଆଶ୍ୱସ୍ତିର ବାଟ ଦେଖାଯାଇଛି। ସୂଚନାଥାଉକି ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଉପାସନା ପୀଠ ବା ସ୍ୱତନ୍ତ୍ର ପ୍ରାବଧାନ ଆଇନ ୧୯୯୧ର ବୈଧତା ପ୍ରସଙ୍ଗରେ ଆସିଥିବା ମାମଲାଟିରେ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ଅବସରରେ, ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ମନ୍ଦିର ମସଜିଦ ସଂକ୍ରାନ୍ତୀୟ କୌଣସି ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ତାଙ୍କ ଅନ୍ତରଣୀୟ ନିର୍ଦ୍ଦେଶରେ ଜଣାଇଛନ୍ତି। ତାଙ୍କ ଆଦେଶରେ ସ୍ପଷ୍ଟ ରହିଛି ଯେ ଏ ନେଇ ନିମ୍ନ ଅଦାଲତ ମାନଙ୍କରେ ଏହି ସମ୍ପର୍କିତ ରୁଜୁ ହୋଇଥିବା କୌଣସି ମାମଲାର ଶୁଣାଣି ହେବା ନାହିଁ କିମ୍ବା କୌଣସି ଅନ୍ତରୀଣ ହେଉ ବା ଅନ୍ତିମ ଏପରିକି ସର୍ବେକ୍ଷଣ ପାଇଁ ନିମ୍ନ ଅଦାଲତମାନେ ଅନୁମତି ଦେଇ ପାରିବେ ନାହିଁ। ଆଇନର ଜଟିଳତା ନେଇ ଆସନ୍ତା ଚାରି ସପ୍ତାହ ମଧ୍ୟରେ ପକ୍ଷ ରଖିବା ପାଇଁ କେନ୍ଦ୍ର ସରକାରଙ୍କୁ ମଧ୍ୟ ମାନ୍ୟବର ଖଣ୍ଡପୀଠ ଏହି ମର୍ମରେ ନିର୍ଦ୍ଦେଶ ଦେଇଛନ୍ତି। ବାସ୍ତବ କଥା ହେଉଛି ମାମଲାର ଶୁଣାଣି କେତେ ଦିନ ପର୍ଯ୍ୟନ୍ତ ଚାଲିବ ତାହା ନିଶ୍ଚିନ୍ତ ଭାବେ ଅନିର୍ଦ୍ଦିଷ୍ଟ ଓ ଅନିଶ୍ଚ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ସେ ପର୍ଯ୍ୟନ୍ତ ଧର୍ମ ଆଧାରରେ କୋର୍ଟ କଚେରୀ ବିବାଦ ଓ ବିତର୍କ ଦେଶବାସୀଙ୍କୁ ଆଲୋଚନାର ଅନ୍ତତଃ ବାଟ ନଦେଖାଇ ବରଂ ସାମୟିକ ଆଶ୍ୱସ୍ତି ଦେବ।

ସୂଚନାଥାଉକି ମଧ୍ୟପ୍ରଦେଶର ଭୋଜଶାଳା, ଦିଲ୍ଲୀର କୁତବମିନାର, ମଥୁରାର ସାହି ଇଦଗା ମସଜିଦ (କୃଷ୍ଣ ଜନ୍ମଭୂମି), ମହାରାଷ୍ଟ୍ରର ହାଜି ମଲଙ୍ଗ ଦରଘା, ବାରାଣାସୀର ଜ୍ଞାନବ୍ୟାପି ମସଜିତ, ଉତ୍ତର ପ୍ରଦେଶ ସମ୍ବଲ ସାହି ଜାମା ମସଜିଦ ଓ ରାଜସ୍ଥାନର ଆଜମେର ସ୍ଥିତ ସାହି ଦରଘା ଏହିପରି ଦେଶର ବିଭିନ୍ନ ଅଦାଲତରେ ଦଶଟି ମାମଲା ରୁଜୁ ହୋଇଛି। ମନ୍ଦିରକୁ ଭାଙ୍ଗି ମସଜିଦ ନିର୍ମାଣ ହୋଇଥିବାର ଅଭିଯୋଗ ରହୁଥିବାରୁ ପୂର୍ବ ସ୍ଥିତି ନିର୍ଦ୍ଧାରଣ ପାଇଁ ବ୍ୟାପକ ସର୍ବେକ୍ଷଣ ଦ୍ୱାରା ନିଶ୍ଚିନ୍ତ କରିବାକୁ ବିଭିନ୍ନ ଅଦାଲତରେ ଆବେଦନ ଓ ପାଲଟା ଆବେଦନର ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଯାହାଦ୍ୱାରା ଉପାସନା ପୀଠ (ସ୍ୱତନ୍ତ୍ର ପ୍ରାବଧାନ ଆଇନ ୧୯୯୧ର) କେତେକ ଧାରା ଅନେକ ବିତର୍କ ସୃଷ୍ଟି କରିଥିବାବେଳେ ଆଇନର ବୈଧତାକୁ ନେଇ ସର୍ବୋଚ୍ଚ ଅଦାଲତରେ ସଂଖ୍ୟାଧିକ ମାମଲା ଦାୟର ହୋଇଛି। ୧୯୯୧ରେ ରାମଜନ୍ମଭୂମି ବ୍ରବ୍ରି ମସଜିଦ ବିବାଦର ଉଗ୍ର ରାଜନୈତିକ ପ୍ରଭାବରୁ ଦେଶର ଧର୍ମନିରପେକ୍ଷତା ଭାବମୂର୍ତ୍ତିକୁ ସୁରକ୍ଷା ଦେବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ନରସିଂ ରାଓ ଆଣିଥିବା ଏହି ଆଇନ ଅନୁଯାୟୀ ଦେଶ ସ୍ୱାଧୀନ ହେବା ସମୟରେ ଦେଶର ଧାର୍ମିକ ଓ ଉପାସନା ପୀଠଗୁଡ଼ିକର ସ୍ଥିତାବସ୍ଥା ଯାହା ଥିଲେ ସେଥିରେ କୌଣସି ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇପାରିବ ନାହିଁ କି ଅନ୍ୟ କୌଣସି ଧର୍ମ ସଂସ୍ଥାକୁ ହସ୍ତାନ୍ତର କରାଯାଇପାରିବ ନାହିଁ ଏବଂ ଉପାସନା, ପ୍ରାର୍ଥନା, ପୂଜାର୍ଚ୍ଚନା ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ଆଇନ ପ୍ରଣୀତ ହେବା ପୂର୍ବରୁ ଏ ସମ୍ପର୍କିତ ବିଭିନ୍ନ ଅଦାଲତରେ ରୁଜୁ ହୋଇଥିବା ମାମଲାର ଆଉ କୌଣସି ଗୁରୁତ୍ୱ ରହିବ ନାହିଁ କି ଏ ସମ୍ପର୍କିତ କୌଣସି ମାମଲା ପରବର୍ତ୍ତୀ ସମୟରେ ଅଦାଲତରେ ଦାୟର ହୋଇପାରିବ ନାହିଁ ବୋଲି ଆଇନରେ ସ୍ପଷ୍ଟ କରାଯାଇଛି। ରାମ ଜନ୍ମଭୂମି -ବାବ୍ରି ମସଜିଦ ମାମଲାର ଜଟିଳତା ଦୃଷ୍ଟିରୁ ତାହାକୁ ଆଇନ ପରିସରଭୁକ୍ତ କରାଯାଇ ନଥିଲା। କିନ୍ତୁ ଜ୍ଞାନବାପୀ,ସମ୍ବଲ ଓ ଆଜମେର ପ୍ରସଙ୍ଗରେ ନିମ୍ନ ଅଦାଲତମାନେ ଦେଇଥିବା ରାୟ ଏବଂ ସର୍ବୋଚ୍ଚ ଅଦାଲତଙ୍କ ସମ୍ମତି ଉପରୋକ୍ତ ଆଇନର ଉଲ୍ଲଙ୍ଘନ କରୁଛି ବୋଲି କଂଗ୍ରେସ ସମେତ ସଂଖ୍ୟାଲଘୁ ସମ୍ପ୍ରଦାୟ ଅଭିଯୋଗ କରିଛନ୍ତି। ଏପରିକି ୨୦୨୩ରେ ଜ୍ଞାନବାପୀ ମସଜିଦରେ ସର୍ବେକ୍ଷଣ ପାଇଁ ଅନୁମତି ଦେବା ଅବସରରେ ସର୍ବୋଚ୍ଚ ଅଦାଲତର ତତ୍କାଳୀନ ଡି ୱାଇ ଚନ୍ଦ୍ରଚୁଡ଼ଙ୍କ ଖଣ୍ଡ ପୀଠ ଆଇନର ଭୁଲ ତର୍ଜମା କରିଥିବା ଅଭିଯୋଗ ହେଉଛି। ଆଇନର ଜଟିଳତା ସମ୍ପର୍କରେ ନିଜ ପକ୍ଷ ରଖିବାକୁ ସର୍ବୋଚ୍ଚ ଅଦାଲତ ତିନିବର୍ଷ ତଳୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସରକାରୀ ଉଦାସୀନତା ଯୋଗୁଁ ଏହି ଜଟିଳତା ଆହୁରି ପ୍ରଲମ୍ବିତ ହେବାରେ ଲାଗିଛି। ଉପାସନା ପୀଠ ସ୍ୱତନ୍ତ୍ର ପ୍ରାବଧାନ ଆଇନ ୧୯୯୧ ସମ୍ବିଧାନର ଧର୍ମନିରପେକ୍ଷତା ଉଦଘୋଷଣାର ବିରୁଦ୍ଧାଚାରଣ କରୁଛି ବୋଲି ଆଇନ ବିପକ୍ଷବାଦୀ ସେମାନଙ୍କ ସଦ୍ୟତମ ଆବେଦନରେ ଦର୍ଶାଇଥିବାବେଳେ ଏହାର ସପକ୍ଷବାଦୀମାନେ ଆଇନକୁ ଯଥାଯଥା ବୋଲି ଯୁକ୍ତି କରୁଛନ୍ତି ଏବଂ ନିମ୍ନ ଅଦାଲତମାନଙ୍କର ମସଜିଦ ସର୍ବେକ୍ଷଣ ସପକ୍ଷରେ ଦେଇଥିବା ରାୟ ଆଇନର ଉଲ୍ଲଙ୍ଘନ ବୋଲି ଅଭିଯୋଗ କରୁଛନ୍ତି।

ଭାରତୀୟ ନ୍ୟାୟପାଳିକା ସୁଦୃଢ଼ ନିରପେକ୍ଷ ଏବଂ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ଦେଖିଲେ ଯାହା ସୂଚୀତ ହୁଏ ବିଧାନ ପାଳିକାର ଆଇନ ପ୍ରଣୟନ କରିବାର କ୍ଷମତା ରହୁଥିବାବେଳେ ଏଥିରେ ନ୍ୟାୟପାଳିକା ହସ୍ତକ୍ଷେପ କରିପାରିବ ନାହିଁ। କେବଳ ସରକାରଙ୍କ ପ୍ରଣୀତ ଆଇନ ସାମ୍ବିଧାନିକ ମୌଳିକତାକୁ ବିରୁଦ୍ଧାଚରଣ କରୁଛି କି ନାହିଁ ତାହା କେବଳ ତର୍ଜମା କରିବା ଦାୟିତ୍ୱ ନ୍ୟାୟପାଳିକାର। ତେଣୁ ଉପାସନା ପୀଠ ସ୍ୱତନ୍ତ୍ର ପ୍ରାବଧାନ ଆଇନ ୧୯୯୧ର ବୈଧତା ଉପରେ ହସ୍ତକ୍ଷେପ ନକରି ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ଏହାର ସ୍ଥିତାବସ୍ଥା ବଜାୟ ରଖିଛନ୍ତି। ଏ ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଇତିହାସର ଭୁଲ ଭଟକାକୁ ଆଧାର କରି ଭବିଷ୍ୟତର କାର୍ଯ୍ୟ ପନ୍ଥା ନିର୍ଣ୍ଣୟ କରାଯାଇପାରିବ ନାହିଁ। ମାନ୍ୟବର ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ପରେ ଏହା ଆଇନଗତ ଭାବେ ଏକ ବଡ଼ ଆଲୋଚନ ମଧ୍ୟ ରଖିଛି। ତେଣୁ ଏ ପ୍ରସଙ୍ଗରେ ଆଗକୁ ମାନ୍ୟବର ସୁପ୍ରିମ କୋର୍ଟଙ୍କ ବିଚାର ନିର୍ଣ୍ଣୟ କ'ଣ ହେବ ଏହାକୁ ନେଇ ସମସ୍ତଙ୍କ ଉତ୍କଣ୍ଠା ଓ ଆଗ୍ରହ ରହିବା ସ୍ୱାଭାବିକ। ତେବେ ଅନ୍ତତଃ କିଛି ଦିନ ପାଇଁ ନ୍ୟାୟିକ ଜଞ୍ଜାଳରୁ ସାମୟିକ ଆଶ୍ୱସ୍ତି ମିଳିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
E-mail : judhister009moharana@gmail.com

# ସକଳ ଧର୍ମ ଛାଡ଼ି ଯେବେ, ମୋତେ ଭଜନ୍ତି ଭକ୍ତି ଭାବେ

**ନିରୁପମା ଭୂୟାଁ**

ଆମ ନିତିଦିନିଆ ଜୀବନରେ ଭଗବାନ ହିଁ ଆମର ସବୁ କିଛି। ଭଗବାନଙ୍କ ପ୍ରସଙ୍ଗରେ ଆଲୋଚନା କଲାବେଳେ ଶ୍ରୀମଦ ଭାଗବତର ସେଇ ସ୍ମରଣୀୟ ଧାଡ଼ିଟି ସ୍ମରଣ କରୁଛି 'ସକଳ ଧର୍ମ ଛାଡ଼ି ଯେବେ, ମୋତେ ଭଜନ୍ତି ଭକ୍ତିଭାବେ। ଯେ ସର୍ବଭାବେ ଭକ୍ତି ସାଧେ, ସଂସାର ତାହାକୁ ନ ବାଧେ। ଏ ବୋଲ ଯଦି ବୁଝି ତେବେ, ଆଶ୍ରା କରଇ ମୋର ଭାବେ। ସବ ସଂଶୟ ଦୂର କରି, ନିସ୍ତରେ ନର ଦେହ ଧରି। ଭକତି ଯୋଗ ସାଧ୍ୟ କରି, ଭବୁ ଭକତେ ଯାନ୍ତି ତରି। ଯୋଗୀଏ ଯୋଗମାର୍ଗେ ଭ୍ରମ, କେବଳ ହୋନ୍ତି ପଥଶ୍ରମୀ।' ମନୁଷ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଆଗକୁ ପାଦ ବଢ଼ାଇବା ଉଚିତ। ଗତିହୀନ ଜୀବନ ତା ପାଇଁ ସୁନ୍ଦର ନୁହେଁ। ଛାତ୍ରଟିଏ ଯଦି ସ୍କୁଲର ଗୋଟିଏ ଶ୍ରେଣୀରେ ବାରମ୍ବାର ରହିଯାଏ, କେତେ ଦିନ ଆମେ ସହ୍ୟ କରିବା ? ସେ ପ୍ରତିବର୍ଷ ଉଚ୍ଚତର ଶ୍ରେଣୀକୁ ଯିବା ଆବଶ୍ୟକ। ଆଧ୍ୟାତ୍ମିକ ସାଧକ ସେହିପରି ସାଧନାର ଗୋଟିଏ ସ୍ତରରେ ସ୍ଥିର ହୋଇ ରହିବା ଉଚିତ ନୁହେଁ। ମନୁଷ୍ୟ ପ୍ରଥମେ ପ୍ରତିମୂର୍ତ୍ତି ବା ମୂର୍ତ୍ତି ପୂଜା କରେ। ଷୋଡ଼ଶ ଉପଚାର ମାଧ୍ୟମରେ ସେ ଅର୍ଚ୍ଚନା କରିଥାଏ ଯଥା ଧ୍ୟାନ, ଆବାହନ, ଆସନ, ପାଦ୍ୟ, ଅର୍ଘ୍ୟ, ସ୍ନାନ, ବସ୍ତ୍ର, ଯଜ୍ଞୋପବୀତ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ତାମ୍ବୁଳ, ନୀରାଜନା (କର୍ପୂର) ପ୍ରଦକ୍ଷିଣ, ନମସ୍କାର। ଉତ୍ତମ ଚରିତ୍ର, ଉତ୍ତମ ବ୍ୟବହାର, ନୈତିକ ମହତ୍ୱପୂର୍ଣ୍ଣ ଜୀବନଯାପନ ସାଧକର ଯୋଗ୍ୟତା ହେବା ଉଚିତ। ଷୋଡ଼ଶ ଉପଚାର ଅର୍ଚ୍ଚନା ଏକ ଉତ୍ତମ ବିଧି। କିନ୍ତୁ ସାଧକ ଏହି ସ୍ତରରୁ ଆତ୍ମଉପଲବ୍ଧି ଆଡ଼କୁ ଅଗ୍ରସର ହେବା ଉଚିତ। ଈଶ୍ୱରଙ୍କୁ ସମର୍ପିତ ପୁଷ୍ପରାଜି ଖୁବ୍ ଶୀଘ୍ର ମଳିନ ହୋଇପାରେ। ପୁଷ୍ପାଞ୍ଜଳିର ସୁଫଳ ମଧ୍ୟ କ୍ଷଣସ୍ଥାୟୀ ହୋଇପାରେ। ତେଣୁ ମଣିଷ ଯେଉଁ ପୁଷ୍ପକୁ ନିଜ ଦକ୍ଷତା ଓ ନିଷ୍ଠା ମାଧ୍ୟମରେ ନିଜର ଜୀବନ ବୃକ୍ଷରେ ପ୍ରସ୍ଫୁଟିତ କରାଇଥାଏ ଈଶ୍ୱର ସବୁବେଳେ ସେହି ପୁଷ୍ପକୁ ଅଧିକ ଭଲ ପାଆନ୍ତି। ସେହି ନୈତିକ ପୁଷ୍ପରାଜି ତାହାରି ନିଜ ହୃଦୟ ବଗିଚାରେ ହିଁ ପ୍ରସ୍ଫୁଟିତ ହୋଇଥାଏ।

ଏହି ଗୁଡ଼ିକ ମଧ୍ୟରେ ଅହିଂସା ପ୍ରଥମ ପୁଷ୍ପ। କେବଳ ଜୀବନ୍ତ ପ୍ରାଣୀକୁ ଆଘାତ ନ କରିବାକୁ ଅହିଂସା କୁହାଯାଇ ନପାରେ। ଏହା ପ୍ରକୃତରେ ଏକ ଉଚ୍ଚତର ମୌଳିକ ମୂଲ୍ୟବୋଧ। କେବଳ କାର୍ଯ୍ୟରେ ହିଂସା ଆଚରଣ ନ କରିବା ଯଥେଷ୍ଟ ନୁହେଁ, ଚିନ୍ତା ବା ବାକ୍ୟରେ ମଧ୍ୟ ଆମେ ପ୍ରାଣୀଙ୍କୁ କଷ୍ଟ ଦେବା ଉଚିତ ନୁହେଁ। ଜଣେ ଅନ୍ୟକୁ କଷ୍ଟଦେବା ବା ଅପମାନିତ କରିବା ପାଇଁ ଚିନ୍ତା କରିବା ଉଚିତ ନୁହେଁ। ଇନ୍ଦ୍ରିୟ ନିଗ୍ରହ ଜୀବନ ବଗିଚାର ଦ୍ୱିତୀୟ ପୁଷ୍ପ। ଜଣେ ଇନ୍ଦ୍ରିୟାସକ୍ତ ହେବା ଉଚିତ ନୁହେଁ। ତୃତୀୟ ପୁଷ୍ପଟି ଦୟା। ସର୍ବଭୂତେ ଦୟା (ପ୍ରତ୍ୟେକ ଜୀବ ଓ ପଦାର୍ଥ ପ୍ରତି ଦୟା) କାରଣ ପ୍ରତ୍ୟେକ ପ୍ରାଣୀ ଓ ପଦାର୍ଥ ମଧ୍ୟରେ ଈଶ୍ୱର ବିଦ୍ୟମାନ। କୁହାଯାଇଛି ଯେ ସର୍ବଦେବ ନମସ୍କାରଂ କେଶବମ୍ ପ୍ରତିଗଚ୍ଛତି। ଯେଉଁ ପ୍ରଭୁଙ୍କୁ ପ୍ରଣାମ କଲେ ମଧ୍ୟ ତାହା ପରମାତ୍ମାଙ୍କ ଠାରେ ପହଞ୍ଚିଯାଏ। ସେହି ସତ୍ୟରେ ଏହା ମଧ୍ୟ କୁହାଯାଇପାରେ ଯେ 'ସର୍ବଜୀବ ତିରସ୍କାରମ୍ କେଶବମ୍ ପ୍ରତିଗଚ୍ଛତି' ଯେଉଁ ପ୍ରାଣୀକୁ କଷ୍ଟ ଦେଲେ ମଧ୍ୟ ତାହା ପରମାତ୍ମାଙ୍କୁ କଷ୍ଟ ଦେଲାଭଳି ହୁଏ। କ୍ଷମା, ଧୈର୍ଯ୍ୟ, ସାହସ, ଶାନ୍ତ ଚତୁର୍ଥ ପୁଷ୍ପ। ଧର୍ମ ପୁସ୍ତକରେ କ୍ଷମାକୁ ସତ୍ୟ, ଧର୍ମ, ଜ୍ଞାନ, ଅହିଂସା ତ୍ୟାଗ ଓ ଆନନ୍ଦରୁ ଅଭିନ୍ନ ବୋଲି କୁହାଯାଇଛି। କ୍ଷମା ବ୍ୟତୀତ ମନୁଷ୍ୟ ଗୋଟିଏ ମୁହୂର୍ତ୍ତ ମଧ୍ୟ ଆନନ୍ଦ ପାଇପାରିବ ନାହିଁ। ଏହା ଐଶ୍ୱରିକ ଗୁଣ ବୃଦ୍ଧି କରେ। ଏହା ମନୁଷ୍ୟର ଦିବ୍ୟତ୍ୱ ପରିପ୍ରକାଶ କରେ। ଏହା ମଣିଷର ପ୍ରକୃତିଗତ ହୋଇଯିବା ଉଚିତ। ନିର୍ବିକାର ଭାବ ଶାନ୍ତିର ମୌଳିକଗୁଣ। ସମୁଦ୍ର ସମସ୍ତ ପଦାର୍ଥକୁ ଏକତ୍ର କରି ଧରିରଖିବାକୁ ଇଚ୍ଛା କରୁଥିବାରୁ ନିମ୍ନରେ ରହିଛି ମେଘ ସମସ୍ତ ତ୍ୟାଗ କରି ମୁକ୍ତ ହେବାକୁ ଚାହୁଁ ଥିବାରୁ ଆକାଶରେ ରହିଛି। ଶାନ୍ତି ମଣିଷକୁ ସ୍ଥିର ମନ ଓ ସ୍ଥିର ଦୃଷ୍ଟି ପ୍ରଦାନ କରେ। ଶାନ୍ତି ପ୍ରାର୍ଥନା ତିନିଥର ଉଚ୍ଚାରଣ କରାଯାଏ ଓ ଶାନ୍ତିଃ ଶାନ୍ତିଃ ଶାନ୍ତିଃ। ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରର ଶାନ୍ତି ପାଇଁ ଏହି ମନ୍ତ୍ରକୁ ତିନିଥର ଉଚ୍ଚାରଣ କରାଯାଏ। ମନୁଷ୍ୟ ରାଗିବା ଅଥବା ଭୟରେ ମୁଣ୍ଡ ନୁଆଁଇବା ଉଚିତ ନୁହେଁ। ଉପନିଷଦରେ ଜନକ ମହର୍ଷିଙ୍କ ଜୀବନରେ ଆଧ୍ୟାତ୍ମ କି ଶାନ୍ତିର ଉଦାହରଣ ଦିଆଯାଇଛି। ତାଙ୍କୁ ବିଦେହ କୁହାଯାଉଥିଲା। ଏହାର ଅର୍ଥ ନୁହେଁ ଯେ ତାଙ୍କର ଦେହ ନଥିଲା। ପ୍ରକୃତରେ ସେ ଶରୀର ଓ ଏହାର ଆବଶ୍ୟକତାକୁ ଭୁଲିଯାଇ ଜୀବନଯାପନ କରୁଥିଲେ। ସେ କେବଳ ଆତ୍ମା ଚେତନ ସ୍ତରରେ ଦେଖୁଥିଲେ, ଶୁଣୁଥିଲେ ଓ କଥାବାର୍ତ୍ତା କରୁଥିଲେ। ଷଷ୍ଠ ପୁଷ୍ପଟି ହେଉଛି ତପ। ତପ ଅର୍ଥ ନୁହେଁ ସ୍ତ୍ରୀ, ସନ୍ତାନ ପ୍ରଭୃତିଙ୍କୁ ତ୍ୟାଗ କରି ଅରଣ୍ୟର ନିର୍ଜନତା ମଧ୍ୟକୁ ପଳାୟନ କରିବା। ପ୍ରକୃତ ତପ ହେଉଛି ଚିନ୍ତା, ଭାଷା ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା। ଦୁଷ୍ଟ ପ୍ରକୃତିର ଲୋକ ଏହା କେବେ ଆଚରଣ କରି ପାରିବେ ନାହିଁ କାରଣ ନିଜ ସହିତ ମଧ୍ୟ ସେ ମିଥ୍ୟାଚାର କରେ। ମନୁଷ୍ୟ ଯେତେବେଳେ ଏହି ତପର ଅଧିକାରୀ ହେବ ତାର ପ୍ରତ୍ୟେକ ବାକ୍ୟ ଏତେ ଶକ୍ତିଶାଳୀ ହେବ ଯେ ସେ ଯାହା ଉଚ୍ଚାରଣ କରିବ ତାହା ମନ୍ତ୍ରରେ ପରିଣତ ହୋଇଯିବ। ଆମର ସପ୍ତମ ପୁଷ୍ପଟି ହେଉଛି ଧ୍ୟାନ। ମୋ ମସ୍ତକରେ ଯେତିକି କେଶ ଅଛି ସେତେ ପ୍ରକାର ଧ୍ୟାନର ପଦ୍ଧତି ଆଜିକାଲି ପ୍ରଚଳିତ। ପ୍ରତ୍ୟେକ ତାଙ୍କର ଇଚ୍ଛା ଅନୁଯାୟୀ ଏହାକୁ ବର୍ଣ୍ଣନା କରୁଛନ୍ତି। ଧୀରସ୍ଥିର ଭାବରେ ବସି ନିଜର ଭାବନା ଓ ଚିନ୍ତାଧାରାକୁ ଈଶ୍ୱରଙ୍କ ଉପରେ କେବଳ ନିବନ୍ଧ କରିବା ଧ୍ୟାନ ନୁହେଁ। ଈଶ୍ୱରଙ୍କ ମାଧ୍ୟମରେ ନିଜର ଇଚ୍ଛା, ଅନୁଭବ ଓ ଭାବନା ଇତ୍ୟାଦିକୁ ଐଶ୍ୱରୀକ କରିବା ଉଚିତ। ଈଶ୍ୱରଙ୍କୁ ନିଜ ସ୍ତରକୁ ଓହ୍ଲାଇ ଆଣିବା ଉଚିତ ନୁହେଁ ବରଂ ନିଜକୁ ଈଶ୍ୱରଙ୍କ ସ୍ତରକୁ ଉନ୍ନତି କରିବା ଉଚିତ। ଅଷ୍ଟମ ପୁଷ୍ପଟି ସତ୍ୟ। ଏହି ସତ୍ୟ ସମୟ ସ୍ରୋତରେ ଅପରିବର୍ତ୍ତିତ ରହେ। କେବଳ ଈଶ୍ୱର ହିଁ ଅପରିବର୍ତ୍ତିତ ଭାବେ ଅତୀତରୁ ବର୍ତ୍ତମାନ ମଧ୍ୟ ଦେଇ ଭବିଷ୍ୟତ ପର୍ଯ୍ୟନ୍ତ ରହି ପାରନ୍ତି। ଯେତେବେଳେ ଏହି ପୁଷ୍ପ ଆମ ହୃଦୟ ମଧ୍ୟରେ ପ୍ରସ୍ଫୁଟିତ ହେବ ତାହା ଆତ୍ମମାନଙ୍କୁ ଅନନ୍ତ ସୌରଭରେ ପୂର୍ଣ୍ଣ କରିବ। ଈଶ୍ୱରଙ୍କୁ ଏହି ସମସ୍ତ ପୁଷ୍ପଦ୍ୱାରା ପୂଜା କରିବା। ପୂଜାରେ ଯଦି ଅନ୍ୟ ପୁଷ୍ପ ବ୍ୟବହାର କରିବା ତାହାହେଲେ ପୂଜା ଗୃହରୁ ବାହାରି ଆସିଲା କ୍ଷଣି ମନରେ ଭକ୍ତି ରହିବନାହିଁ। ଉପରେ ବର୍ଣ୍ଣିତ ଅଷ୍ଟପୁଷ୍ପ ରୂପକ ଗୁଣଗୁଡ଼ିକ ଜଣେ ଆହରଣ କରି ନ ପାରିଲେ ଈଶ୍ୱରଙ୍କ ଅନୁଗ୍ରହ କିପରି ଆଶ କରିବା ତେଣୁ ବଗିଚାର ଫୁଲ ଈଶ୍ୱରଙ୍କୁ ଅର୍ପଣ କରିବା ପରିବର୍ତ୍ତେ, ଏହି ଗୁଣଗୁଡ଼ିକୁ ନିଜ ଜୀବନରେ ଅଭ୍ୟାସ କରି ଏବଂ ସେହି ପୁଷ୍ପରାଜିକୁ ଅର୍ପଣ କରି ଇଷ୍ଟଙ୍କ ଆଶ୍ରୀତର ଯଥାର୍ଥତା ପ୍ରତିପାଦନ କରିବା ଉଚିତ।

ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା







୧୫୬୧୧।


## ଡିଏଭି ଓଏମସି ପବ୍ଲିକ ସ୍କୁଲ ଓ ଆମ ଓଡିଶା-ସମ୍ବାଦ ରକ୍ତଦାନ ଶିବିର




ଯୋଡ଼ା,( ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଜୁରୁଡି ସ୍ଥିତ ଜିଲିଙ୍ଗ ଖଣି ପ୍ରେକ୍ଷାଳୟ ଠାରେ ଆଜି ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଅବସରରେ ଡିଏଭି ଓଏମସି ପବ୍ଲିକ ସ୍କୁଲ ଓ ଆମ ଓଡିଶା - ସମ୍ବାଦ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୧୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ଏଥିରେ ମୁଖ୍ୟ ଅତିଥିଭାବେ ଓଏମସି ବଡ଼ବିଲ ର ଆଞ୍ଚଳିକ ଅଧିକାରୀ ଅବନିକାନ୍ତ ପ୍ରଧାନ, ସମ୍ମାନିତ ଅତିଥିଭାବେ ଜିଲିଙ୍ଗ ଖଣି ଡିଜିଏମ ଚିନ୍ମୟ କୁମାର ପରିଡା, ଡିଏଭି ଓଏମସି ପବ୍ଲିକ ସ୍କୁଲ ର ଅଧକ୍ଷ ସୌମେନ୍ଦ୍ର ନାୟକ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଓଏମସି ଡ଼ିସପେନସରି ଡାକ୍ତର ବିଶ୍ୱରଞ୍ଜନ ବେହେରା ଜିଲ୍ଲା ରକ୍ତ କେନ୍ଦ୍ର ର ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସାହୁ, ଗୌରୀ ଶଙ୍କର ମଲ୍ଲିକ, ଭାଗିରଥି ମହାକୁଡ଼, ସତ୍ୟବାନ ନାଏକ , ଶରତ ନାଏକ, ଦେବାଶିଷ ସାହୁ, ବସନ୍ତ ବେହେରା ଉପସ୍ଥିତ ରହି ରକ୍ତଦାତା ଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ।ଏମସି ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ସଞ୍ଜୟ ସାମନ୍ତରାୟ, ପ୍ରସନ୍ତ କୁମାର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ,ଅନଙ୍ଗ ସ୍ୱାଇଁ, ବିନୟ ଖୋରା, ନିତୁ ଭାରତୀ,ମିସ୍ ନିୟତି,ି. ନିରଜା, ଗୀତା କୁମାରୀ, ନାଗ ଶିରିସା, ମନୋଲିସା କର, ଦାଙ୍ଗିଲତା ମାଝୀ, ଅଭିଶ୍ରୋ ସ୍ୱାଇଁ, ସୁବ୍ରତ କୁମାର ନାୟକ, ସଂଯୋଗ କବି ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ, ଏନସିସି, ଜେଆରସିର ଛାତ୍ରଛାତ୍ରୀ ଏବଂ ଆମ ଓଡିଶା –ସମ୍ବାଦ ର ଯୋଡ଼ା ବ୍ଲକ ପ୍ରତିନିଧି ବେଣୁଧର ବେହେରା ଉପସ୍ଥିତ ରହି ରକ୍ତଦାନ ଶିବିର ପରିଚାଳନା କରିଥିଲେ।

## ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡ ରେ ପାରାଦୀପ ବନ୍ଦର ଯନ୍ତ୍ରୀ ଅମରେଶ ନରେଶ ଙ୍କୁ ପିଏମଓ କାର୍ଯ୍ୟାଳୟ ରୁ ନିମନ୍ତ୍ରଣ



ପାରାଦୀପ(ମହାଭାରତ):ଚର୍ଚ୍ଚିତ ପରିବେଶବିତ ତଥା ଜଗତସିଂହପୁର ଜିଲ୍ଲାର ପ୍ରମୁଖ ପରିବେଶଧର୍ମି ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦର ପ୍ରତିଷ୍ଠାତା ଅମରେଶ ନରେଶ ସାମନ୍ତଙ୍କୁ ବର୍ଷ ୨୦୨୫ ର ସାଧାରଣତନ୍ତ୍ର ଦିବସରେ ସମ୍ମାନିତ ଅତିଥି ରୂପେ ଯୋଗଦାନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ତରଫରୁ ନିମନ୍ତ୍ରଣ କରାଯାଇଛି । ଶ୍ରୀ ଅମରେଶ ଓ ତାଙ୍କ ଅନୁଷ୍ଠାନ ଦ୍ୱାରା ପ୍ରାୟ ତିନି ଦଶନ୍ଧିରୁ ଉର୍ଦ୍ଧ ହେ ପରିବେଶ ସୁରକ୍ଷା ପାଇଁ ନୂତନ ଗ୍ରାମ୍ୟ ଓ ସହରୀ ଜଙ୍ଗଲ ସୃଷ୍ଟି କରିଚାଲୁଛନ୍ତି ।ଏହା ସହିତ ଗତ ପନ୍ଦର ବର୍ଷ ହେ ମହାନଦୀ ମୁହାଣ ଓ ତତ ସଂଲଗ୍ନ ଇଲାକାରେ ବ୍ୟାପାକ ହେନ୍ତାଳ ଓ ଲୁଣା ଜଙ୍ଗଲ ସୃଷ୍ଟି ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି । ଗତ ଦାନା ବାତ୍ୟା ସମୟରେ ଏହି ସବୁ ହେନ୍ତାଳ ଜଙ୍ଗଲ ଉପକୂଳକୁ ସୁରକ୍ଷା ବେବାରେ ପ୍ରମୁଖ ସଜାଗ ପ୍ରହରୀ ସଦୃଶ କାମ କରିଥିଲା, ଯାହାକି ବାତ୍ୟା ପରବର୍ତୀ ସମୟରେ ଅମରେଶ ଓ ତାଙ୍କ ସାଥିମାନଙ୍କ କାର୍ଯ୍ୟକୁ ସାର୍ବସାଧାରଣରେ ଭୁୟସୀ ପ୍ରଶଂସା କରାଯାଇଥିଲା । ଅନୁଷ୍ଠାନର ଦୀର୍ଘ ବର୍ଷ ଧରି ପରିବେଶ ସୁରକ୍ଷା ଓ ଏହାର ସଭ୍ୟ ମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ବ୍ୟାପକ ଗ୍ରାମ୍ୟ ଜଙ୍ଗଲ ଓ ହେନ୍ତାଳ ବଣ ସୃଷ୍ଟି ନିମନ୍ତେ ଓଡିଶା ସରକାରଙ୍କ ଜଙ୍ଗଲ,ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଦୁଇ ଦୁଇ ଥର ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ସମ୍ମାନ ପ୍ରଦାନ କରାଯାଇଛି । ସେହିପରି ୨୦୧୭ ମସିହାରେ କେନ୍ଦ୍ର ସରକାରଙ୍କ କ୍ରୀଡା, ଯୁବ କଲ୍ୟାଣ ବିଭାଗ ତରଫରୁ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ଜଗତସିଂହପୁର ଜିଲ୍ଲା ଓ ଓଡିଶା ରାଜ୍ୟ ସ୍ତରରେ ଶ୍ରେଷ୍ଠ ସାମାଜିକ ଅନୁଷ୍ଠାନ ଭାବେ ପୁରସ୍କୃତ କରାଯାଇଥିଲା । ଶ୍ରୀ ଅମରେଶ ବର୍ଷର ସବୁ ସମୟରେ ପାରାଦ୍ୱୀପର ବିଭିନ୍ନ ପାର୍କ, ରାସ୍ତା, ପୂଜା ପେଣ୍ଡାଲ ପରିସର,ସମୁଦ୍ର କୁଳର ସୁର୍ଦ୍ଦିଘ ବେଳାଭୂମି, ମେରାଇନ ଡ୍ରାଇଭ ରାସ୍ତାରୁ ବିଭିନ୍ନ ପ୍ଲାଷ୍ଟିକ ସାମଗ୍ରୀ ଓ ଅନ୍ୟ ମଇଳା ପଦାର୍ଥ ସଫା କରିଥାନ୍ତି । ଏହା ଆମର ସମାଜ ପ୍ରତି ବ୍ୟକ୍ତିଗତ ଦାୟିତ୍ୱ ବୋଲି ସେ ସ୍ପଷ୍ଟ ଭାବରେ ପ୍ରକାଶ କରିଥାନ୍ତି । ଅନୁଷ୍ଠାନ ଦ୍ୱାରା ପାରାଦ୍ୱୀପଗଡ଼, ନରେନ୍ଦ୍ରପୁର , ଉତ୍ସବାନନ୍ଦପୁର, ଡିଆ ,କେନ୍ଦ୍ରାପଡା ଜିଲାର ଖୁରୁସିଆ ପ୍ରଭୃତି ସ୍ଥାନମାନକରେ ସୃଷ୍ଟି ହୋଇଥିବା ଗ୍ରାମ୍ୟ ଜଙ୍ଗଲ ଓ ମହାନଦୀ ଅବବାହିକାରେ ଦୀର୍ଘ ବର୍ଷ ଧରି ସୃଷ୍ଟି କରାଯାଇଥିବା ବ୍ୟାପକ ହେନ୍ତାଳ ବଣ ପାଇଁ ଅନୁଷ୍ଠାନ ସର୍ବସାଧାରଣରେ ବହୁବାର ପ୍ରଶଂସିତ ହୋଇଅଛି ।

## ଶରତ ରେ ନୂତନ ବ୍ଲକ ଗଠନ ପାଇଁ ଦାବି ଜୋର ଧରିଲା



କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଶରତ ବ୍ଲକ ଗଠନ କରିବା ପାଇଁ ଦାବି ଜୋର ଧରିଲା । ଆଜି ଲାବଣ୍ୟଦେଇ ପୁର ଗ୍ରାମ ପଞ୍ଚାୟତ ସ୍ଥିତ ଫାର୍ମପଡିଆ ଠାରେ ଶରତ ନୂତନ ବ୍ଲକ ବା ନୂତନ ପଞ୍ଚାୟତ ସମିତି ଗଠନ କରିବା ନିମନ୍ତେ ପୁଣି ୯ ଗୋଟି ପଞ୍ଚାୟତ ର ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ଏବଂ ଦୁଇ ଟି ପଞ୍ଚାୟତବାସୀ ଆଜି ଶରତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ବୈଠକ ହୋଇଥିଲା ।ନୂତନ ବ୍ଲକ ଗଠନ କମିଟି ସଭାପତି କ୍ଷୀରଦ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସରକାର ବଦଳିବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ନୂତନ ପଞ୍ଚାୟତ ସମିତି ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ । ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ନୂତନ ବ୍ଲକ ଗଠନ ସୁଯୋଗ କଥା ଶୁଣିବା ଦିନଠୁ, ପ୍ରତି ବ୍ଲକର ପ□ାୟତ ଗୁଡିକ ଖୁବ ଚଳଚଞ୍ଚଳ ସହ ସ୍ଥାନେସ୍ଥାନେ ବୈଠକ ଓ ଆଲୋଚନା ଜାରିରହିଥିବା ଦେଖିବାକୁ ମିଳିଛି । ତେବେ ଏ ଖବର ପ୍ରସାରିତ ହେବାପରେ ଅ□ଳରୁ ବିଶାଳ ସଂଖ୍ୟାରେ ଜନ ସାଧାରଣ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଛି। ତେବେ ପୂର୍ବ ବୈଠକରେ ନିର୍ବାଚିତ କମିଟି ଦ୍ୱାରା ଏକ ଜନ ସଭା ଆୟୋଜିତ ହୋଇଥିଲା । ଯେଉଁଥିରେ ଆ□ଳର ସମସ୍ତ ବୁଦ୍ଧିଜୀବୀ ମାନଙ୍କ ସମର୍ଥନ ସହ ସହଯୋଗ ଥିବାର ମତ ପ୍ରକାଶ କରିଥିଲେ଼ ୯ ଗୋଟି ପଞ୍ଚାୟତର ସରପ□ ଓ ସମିତି ସଭ୍ୟ ,ଜିଲ୍ଲାପରିଷଦ ସମେତ ୱାର୍ଡ ସଭ୍ୟ ମାନଙ୍କର ମଧ ମତାମତ ପ୍ରକାଶ ପାଇଛି। ତେବେ କମିଟି ବୈଠକ ଅନୁସାରେ ଆଗାମୀ ଦିନରେ ଶରତ ବ୍ଲକ ପାଇଁ କ୍ରିୟାନୁଷ୍ଠାନ କମିଟି ର ଦାବି ପାଇଁ ଆନ୍ଦୋଳନ କୁ ଓହ୍ଲାଇବ ବୋଲି ସର୍ବସମ୍ମତି କ୍ରମେ ଆଲୋଚନା ହୋଇଥିଲା । ଏହି ସଭା ରେ ସମ୍ପାଦକ ଲକ୍ଷ୍ମୀଧର ସିଂ , ଦେବାନବାହାଳୀ ସରପଞ୍ଚ□ ଲକ୍ଷ୍ମୀପ୍ରିୟା ସିଂ, ସମିତି ସଭ୍ୟ ହିଶି ସିଂ ଲବନ୍ୟଦେଇପୁର୍ ସରପଞ୍ଚ ତୁରାମ ସିଂ, ସମିତି ସଭ୍ୟ ମାଦ ସିଂ ରାଣୀପୁଖରି ସରପଞ୍ଚ ଭଞ୍ଜ ସିଂ ସରଡିହା ସରପଞ୍ଚ ରମେଶ ସିଂ ପଦ୍ମପଖରି ପୂର୍ବତନ ସରପଞ୍ଚ ମାଣିକ ସିଂ,ପୂର୍ବତନ ଜିଲ୍ଲାପରିଷଦ ରାଜେଶ ଦ୍ରା, ନନ୍ଦଲାଲ ସେଠୀ,ରାଜେଶ ବଦ୍ରା ଜଗଦୀଶ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ।

## କୁରୁଣ୍ଟି ଗ୍ରାମରେ ଦ୍ୱିତୀୟ ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ ସମ୍ପନ୍ନ



କଣ୍ଟାପଡା, (ମହାଭାରତ) : ଆଧାତ୍ମିକ ଭକ୍ତି ଭାବନାରେ ଧିରେ ଧିରେ ଲୋକେ ନିଜକୁ ସମର୍ପିତ କରୁଥିବା ବିଶେଷ ଭାବରେ ଏବେ ଦେଖିବାକୁ ମିଳୁଛି । କେଉଁଠି ଗାୟତ୍ରୀ ମହାଯଜ୍ଞ ତ ଆଉ କେଉଁଠି କଳା କୃଷ୍ଣ ମହାଯଜ୍ଞ ହେଉଥିବା ବେଳେ ଆଜି କାଲି ଗାଁ ମାନଙ୍କରେ ବହୁ ମାତ୍ରାରେ ହରି ନାମ ସଂକୀର୍ତ୍ତନ ଅଖଣ୍ଡ ନାମଯଜ୍ଞ ଦେଖିବାକୁ ମିଳୁଛି । ଠିକ୍ ସେହିପରି କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ କୁରାଙ୍ଗ ପ୍ରଧାନ ଗ୍ରାମ ପଞ୍ଚାୟତ କୁରୁଣ୍ଟି ଗ୍ରାମର ବେଲେଶ୍ୱର ମହାଦେବ ଓ ଶ୍ରୀ ଗୋପୀନାଥଙ୍କ ପ୍ରାଙ୍ଗଣରେ ଅଷ୍ଟପ୍ରହରୀ କମିଟିର ଆୟୋଜକ କ୍ରମେ ବୁଧବାର ତା. ୨୨.୦୧.୨୦୨୫ ରିଖ ଠାରୁ ଅଷ୍ଟମ ପ୍ରହର ନାମଯଜ୍ଞ ଶୁଭାରମ୍ଭ ହୋଇଥିବା ବେଳେ ଶୁକ୍ରବାର ତା. ୨୪.୦୧.୨୦୨୫ ରିଖ ଦିନ ସମ୍ପନ୍ନ ହୋଇଯାଇଛି । ପ୍ରଥମ ଦିନ ବୁଧବାର ସଂନ୍ଧ୍ୟାରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭ କଳସଯାତ୍ରା ହୋଇ ପାଣି ଗ୍ରହଣ ପରେ ଅଧିବାସ ଓ ଦ୍ୱିତୀୟ ଦିନ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ତୃତୀୟ ଦିନ ନଗର କୀର୍ତ୍ତନ କରାଯାଇ ନଗର ନଗର ପରିକ୍ରମା କରାଯାଇଥିଲା । ଶହ ଶହ ସଂଖ୍ୟକ ଜନ ସମାଗମରେ ଗ୍ରାମର ବହୁ ମହିଳାମାନେ କଳସ ଯାତ୍ରା କୁରୁଣ୍ଟି ଗାଁକୁ ବେଶ ବିମୋହିତ କରିଥିଲା । କୁରୁଣ୍ଟିର ଅଷ୍ଟପ୍ରହର ନାମଯଜ୍ଞ କମିଟିର ଆୟୋଜନ କ୍ରମେ ଅଷ୍ଟପ୍ରହର ନାମଯଜ୍ଞ ଦୁଇ ବର୍ଷ ହେବ ହେଉଥିବା ଦେଖିବାକୁ ମିଳିଛି । ଯାହାଫଳରେ ଜନସାଧାରଣଙ୍କ ମନରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । ଏହି ନାମ ଯଜ୍ଞରେ ୪ ଗୋଟି ସଂକୀର୍ତ୍ତନ ଦଳ ଏଥିରେ ସାମିଲ୍ ହୋଇଥିଲେ । କର୍ତ୍ତା ଭାବେ ବଂଶୀଧର ଦାଶ ଏବଂ ତାଙ୍କ ଧର୍ମ ପତ୍ନୀ ବିଜୟଲକ୍ଷ୍ମୀ ଦାଶ ନିଷ୍ଠାର ସହ ପୂଜାର୍ଚ୍ଚନା, ନାମଯଜ୍ଞ କରି ଶ୍ରୀ ଶ୍ରୀ ରାମକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରିଥିବା ବେଳେ ପୂଜକ ଭାବରେ ବାବା ପୂଜା କାର୍ଯ୍ୟ ତୁଲାଇଥିଲେ । ଏହି ନାମ ଯଜ୍ଞରେ ନିଜକୁ ଭକ୍ତି ଭାବନାରେ ସମପର୍ଚିତ କରିବା ପାଇଁ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ସୁଅ ଛୁଟୁଥିବା ବେଳେ ପୁରା କୁରୁଣ୍ଟି ଗ୍ରାମ ଲୋକାରଣ୍ୟ ହୋଇପଡିଥିଲା । ଆନନ୍ଦ ବଜାରରେ ଆବାଳ ବୃଦ୍ଧ ବନିତା ତଥା ହଜାର ହଜାର ଭକ୍ତ ଆନନ୍ଦର ସହ ଅନ୍ନ ପ୍ରସାଦ ସେବନ କରିଥିବା ଦେଖିବାକୁ ମିଳିଥିଲା ।

## ଜାହାନ ପବ୍ଲିକ ସ୍କୁଲରେ ସୁରେନ୍ଦ୍ର ସାଏ ଏବଂ ନେତାଜୀ ଜୟନ୍ତୀ ପାଳିତ



କାକଟପୁର (ମହାଭାରତ) : କାକଟପୁର ର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଯାହାନ ପବ୍ଲିକ ସ୍କୁଲରେ ନିର୍ଦ୍ଦେଶିକା ସୁମିତ୍ରା ଘୋଷ ଙ୍କ ପୌରହିତରେ ମହାପୁରୁଷ ନେତାଜୀ ସୁବାଷଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏ ଙ୍କ ଜନ୍ମ ଜୟନ୍ତୀ ଗୁରୁବାର ଦିନ ସ୍କୁଲ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ଶିକ୍ଷକ ଆଶିଷ ସାହୁ ଓ ଶିକ୍ଷୟତ୍ରୀ ସସ୍ମିତା ସାମଲ ଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯିବାପରେ ସ୍କୁଲର ଅଧକ୍ଷା ମମତା ମହାପାତ୍ର,ଶିକ୍ଷକ ପ୍ରେମଶଙ୍କର ପୂଜାରୀ ନାଗରିକ ମାନଙ୍କ ମଧ୍ୟରେ, ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମର ଭାବନା ସୃଷ୍ଟି କରିବା ଏବଂ ନେତାଜୀ ଙ୍କ ଭଳି ପ୍ରତିକୂଳ ପରିସ୍ଥିତିକୁ ସାହାସର ସହିତ ମୁକାବିଲା କରିବା ପାଇଁ ସମସ୍ତ ଭାରତୀୟ ନାଗରିକ ମାନଙ୍କୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ ନେତାଜୀ ଜୟନ୍ତୀ ପାଳନ କରାଯାଏ ବୋଲି ମତବ୍ୟକ୍ତ କରିବା ସହିତ ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅସାଧାରଣ ପ୍ରୟାସ, ସାହାସ, ବୀରତ୍ୱ ଏବଂ ନେତୃତ୍ୱକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମଧୁସ୍ମିତା ପଢ଼ିଆରୀ, ମାନସୀ ତ୍ରିପାଠୀ, ବନିତା ସାମନ୍ତରାୟ, ମାନସୀ ଦାଶଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଏହି ଜାତୀୟତାବାଦୀ ନେତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଶୁମନ ଅର୍ପଣ କରିଥିଲେ ।

## ଜାତୀୟ ବାଳିକା ଦିବସ ୨୦୨୫ କାର୍ଯ୍ୟକ୍ରମ

କଳାହାଣ୍ଡି/ମହାଭାରତ :ଜାତୀୟ ବାଳିକା ଦିବସ ୨୦୨୫ ଏବଂ ବେଟି ବଚାଓ ବେଟି ପଢାଓ ଯୋଜନା ର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ଥାନୀୟ ବ୍ରଜ ମୋହନ ହାଇସ୍କୁଲର ସେଣ୍ଟିନାରୀ କକ୍ଷ, ଭବାନୀପାଟଣା ଠାରେ ଜିଲ୍ଲା ସ୍ତରୀୟ ପାଳନ ଉତ୍ସବ ମହାସମାରୋହରେ ଉଦ୍ଘାଟିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ କଳାହାଣ୍ଡି ପାଣ୍ଡ୍ୱର ସଚିନ ପ୍ରକାଶ ଯୋଗ ଦେଇ କନ୍ୟା ସନ୍ତାନ ମାନଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଲିଂଗଗତ ବୈଷମ୍ୟତା ଦୂରୀକରଣ, ମହିଳା ମାନଙ୍କ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ସମ୍ପର୍କରେ ମତ ପୋଷଣ କରିଥିଲେ । ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ କଳାହାଣ୍ଡି ଦୟାମୟ ପାଢ଼ୀ, ଭାରପ୍ରାପ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା, ଅଧକ୍ଷ ଜିଲ୍ଲା ଶିଶୁ ମଙ୍ଗଳ କମିଟି ରୁପେଶ ହୋତା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ୍ ନିଶା, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ଶିକ୍ଷା ବିଭାଗର ଉଟରଙ୍ଗ ରୂପସିଂ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ମହିଳା ଓ ଶିଶୁ ବିକାଶ ବିଭାଗର ସୁରକ୍ଷା ଅଧିକାରୀ ସୁଚରିତା ମହାପାତ୍ର ପ୍ରମୁଖ ଯୋଗଦେଇ କନ୍ୟା ସନ୍ତାନ ମାନଙ୍କ ଶିକ୍ଷା, କନ୍ୟାଭ୍ରୁଣ ହତ୍ୟା, ବାଲ୍ୟ ବିବାହ ନିରାକରଣ, ମହିଳା ମାନଙ୍କ ସମାଜ ଗଠନ ତଥା ରାଷ୍ଟ୍ର ଗଠନ ରେ ରହିଥିବା ଭୂମିକା ସମ୍ପର୍କରେ ନିଜର ଆଭିମୁଖ୍ୟ ପ୍ରକାଶ କରିଥିଲେ ।

## ମା ତାରିଣୀ କ୍ରିକେଟ କ୍ଲବ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ବେଗନା ଚମ୍ପିୟାନ

ପାଟଣା:-(ମହାଭାରତ)ପାଟଣା ବ୍ଲକ ମିରିଗିଖୋଜି ପଞ୍ଚାୟତ କଟାବେଡା ମାତାରିଣୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାଆମେଣ୍ଟ ଆଜି ଉଦଯାପିତ ହୋଇ ଯାଇଛି ।ଆୟୋଜିତ ଟୁର୍ଣ୍ଣାଆମେ□ରେ ୧୬ଟି କ୍ରିକେଟ ଟିମ ଭାଗ ନେଇଥିଲେ ।ଉଦଯାପନି ଦିନ ଫାଇନାଲ ଖେଳ ମୂଷାଖରୀ ଟିମ ସହିତ ବେଗନା ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଏହି ଫାଇନାଲ ଖେଳରେ ମୂଷାଖରୀ କୁ ହରାଇ ବେଗନା ଟିମ ଚମ୍ପିୟାନ ହୋଇଥିଲା଼ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ପାଟଣା ପ୍ରେସ କ୍ଲବ ର ସମ୍ପାଦକ ବିଜୟ ରତ୍ନ ପତି ଯୋଗ ଦେଇଥିଲେ ।ମୁଖ୍ୟ ବକ୍ତା ଭାବେ କାହ୍ନୁ ଚରଣ ମହାନ୍ତ,ସଂମ୍ମାନୀତ ଅତିଥି ଭାବେ ମିରିଗିଖୋଜି ସରପ□ ମନମୋହନ ବେହେରା,ରାଜସ୍ୱ ନିରୀକ୍ଷକ ରମାକାନ୍ତ ମହାନ୍ତ,ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ବାରିକ, ଭୁତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।ଚମ୍ପିୟାନ ଦଳକୁ ପ୍ରଥମ ପୁରସ୍କାର ଭାବେ ନଗଦ ୧୦ହଜାର ଟଙ୍କା ସହିତ ମାନପତ୍ର ଓ ଟ୍ରଫି ଏବଂ ରନର୍ସଅପ ଦଳକୁ ନଗଦ ୭ହଜାର ସହିତ ମାନପତ୍ର ଓ ଟ୍ରଫି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଟୁର୍ଣ୍ଣାଆମେଣ୍ଟରେ ଆମ୍ପାୟାର ଭାବେ ଜାଭିର ଖାନ ଓ ବିଭୁପ୍ରସାଦ ମହାନ୍ତ ଖେଳ ପରିଚାଳନା କରିଥିବାବେଳେ ଭୁବନ ମହାନ୍ତ ଓ ଲୋକନାଥ ମହାନ୍ତ ଖେଳର ଧାରାବିବାରଣୀ ପ୍ରଦାନ କରିଥିଲେ । ଟୁର୍ଣ୍ଣାଆମେଣ୍ଟକୁ ମାତାରିଣୀ କ୍ରିକେଟ କ୍ଲବ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଧାନମଣ୍ଡି ପରିଦର୍ଶନ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏରେଣ୍ଡୋଇ, ପାଟଣା,ବାଉଁଶୁଳି ଧାନମଣ୍ଡୀ, ଚେମେଣା ଓ ଜମୁନାପଶି ଧାନମଣ୍ଡି କୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଧାନମଣ୍ଡି ପରିଦର୍ଶନ ସମୟ ରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବା ରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କୁ ଉପସ୍ଥିତ ଚାଷୀ ମାନେ ଧନ୍ୟବାଦ ଜଣାଇବା ସହିତ କୃତଜ୍ଞତା ଜଣାଇ ଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ଓଡ଼ିଶା ରେ ଧାନ କିଣା କୁ ସ୍ୱଚ୍ଛତା ଓ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି । ଯେଉଁ ମାନେ ଧାନ କିଣା ବାରରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ ଚେତାବନୀ ଦେଇଛନ୍ତି । ଯେଉଁ ଠାରେ ଧାନ କିଣା କାରବାରରେ ଅଭିଯୋଗ ଆସୁଛି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି । ସ୍ୱତନ୍ତ୍ରାଙ୍ଗ ଗଞ୍ଜାମ ଜିଲ୍ଲାରେ ମିଲର ମାନଙ୍କର ମନମାନି ଯୋଗୁ ୧୧ ଜଣ ମିଲ ମାଲିକ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସଭାପତି ମହେଶ୍ୱର ସାହୁ ସାହୁ କହିଛନ୍ତି । ଏହି ଧାନମଣ୍ଡି ପରିଦର୍ଶନ କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ଶ୍ରୀଧର ସାହୁ, ପ୍ରାଣବନ୍ଧୁ ସାହୁ, ଦିଲ୍ଲିପ କୁମାର ନାୟକ, କୃଷ୍ଣ ମହାନ୍ତ, ରମେଶ ଚନ୍ଦ୍ର ମହାନ୍ତ, ଶଶିଭୂଷଣ ମହାନ୍ତେ, ବ୍ରଜବନ୍ଧୁ ସେଠୀ, ପ୍ରକାଶ କୁମାର ସେଠୀ, ଯୁଧିଷ୍ଠିର ମହାନ୍ତ, କେଶବ ଚନ୍ଦ୍ର ବାରିକ, ଖଗେଶ୍ୱର ମହାନ୍ତ, ପ୍ରଫୁଲ କୁମାର ମହାନ୍ତ, ଯତିନ୍ଦ୍ର କୁମାର ଦାଶ, ହରିଶ୍ଚନ୍ଦ୍ର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ଦୟାନିଧି ମହାନ୍ତ, ପ୍ରମୋଦ କୁମାର ବାରିକ, ବ୍ରଜ୍ ସେଠୀ,ବ୍ରଜବନ୍ଧୁ ସାହୁ, ସନ୍ଦିପନୀ ସାହୁ, ଲକ୍ଷ୍ମୀଧର ପତି, ସୁଦାମ ଚରଣ ସାହୁ, ନାରାୟଣ ମହାରଣା, ସହଦେବ ସାହୁ, ଶ୍ରୀମତୀ ସୋମବାରୀ ମୁଣ୍ଡା, ଶ୍ରୀମତୀ ସୁଚିତ୍ରା ମହାନ୍ତ ପ୍ରମୁଖ ଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ସାମିଲ ଥିଲେ ।

## ଶରତ ବ୍ଲକ ଗଠନ ଦାବିରେ ଓଡିଶା ବିଧାନସଭା ସମ୍ମୁଖରେ ଧାରଣା




କପ୍ତିପଦା -(ମହାଭାରତ ):କପ୍ତିପଦା -'ଶରତ ବ୍ଲକ' ଗଠନ ଦାବିରେ ଭୁବନେଶ୍ୱର ଓଡ଼ିଶା ବିଧାନସଭା ସମ୍ମୁଖ ଲୋୟର ପିଏମଜିରେ ଶାନ୍ତିପୂର୍ଣ୍ଣ ଧାରଣା କରାଯିବା ସକାଶେ 'ଶରତ ବିକାଶ ମଞ୍ଚ'ର ସଭାପତି ଗାମାଏ ରୀମିଲ ସିଂ ଗୋଇପାଇଙ୍କ ନେତୃତ୍ୱରେ ଜାମାଦାର ବାଲମୁଚୁ ପ୍ରମୁଖ ଭୁବନେଶ୍ୱରସ୍ଥିତ ଡେପୁଟି କମିଶନରଙ୍କ କାର୍ଯ୍ୟାଳୟରେ ଅନୁମତି ସକାଶେ ଗୁରୁବାର ଆବେଦନ କରିଥିବା ପ୍ରକାଶ କରିଛନ୍ତି । ଏହି ପ୍ରସ୍ତାବିତ ଧାରଣାରେ ଶରତ ଅଞ୍ଚଳର ସମସ୍ତ ବର୍ଗର ଜନସାଧାରଣ ସାମିଲ ହୋଇ କାର୍ଯ୍ୟକ୍ରମ ସଫଳ କରିବା ନିମନ୍ତେ ଶ୍ରୀ ଗୋଇପାଇ ନିବେଦନ କରିଛନ୍ତି । ଧାରଣା ପରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । 'ଶରତ ବିକାଶ ମ□' ର ସଭାପତି ଶ୍ରୀ ଗୋଇପାଇ ଦ୍ୱାରା ଦର୍ଶାଯାଇଛି ଯେ ନିକଟ ଅତୀତରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓଡ଼ିଶାରେ ବ୍ଲକ ପୁନର୍ଗଠନ ହେବା ନେଇ ଓଡ଼ିଶା ରାଜ୍ୟ ସରକାର ଚିନ୍ତା କରୁଥିବା ପ୍ରକାଶ କରିଥିବା ପରିପ୍ରେକ୍ଷୀରେ ଶରତଠାରେ ବ୍ଲକ ପ୍ରତିଷ୍ଠା ହେବା ନିମନ୍ତେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହିତ ଶରତ ଅଞ୍ଚଳର ଜନସାଧାରଣଙ୍କ ସମସ୍ୟାକୁ ଉପସ୍ଥାପନା କରିବା ଏହି ଧାରଣା ପ୍ରଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ରହିଛି । ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ୯ଟି ଗ୍ରାମ ପଞ୍ଚାୟତ ଶରତ, ରାଣୀପୋଖରୀ, ନୋଟ, ଦେଓ୍ୱାନବାହାଳି, ସରଡିହା, ରାମଚନ୍ଦ୍ରପୁର, ଲାବଣ୍ୟଦେଇପୁର, କଳମଗଡ଼ିଆ ଓ ପଦ୍ମପୋଖରୀକୁ ନେଇ ସ୍ୱତନ୍ତ୍ରଭାବେ 'ଶରତ ବ୍ଲକ' ପ୍ରତିଷ୍ଠା କରାଯିବା ନେଇ ଦୀର୍ଘ ତିନି ଦଶନ୍ଧି ଧରି ଦାବି ହୋଇ ଆସୁଥିବା ପ୍ରକାଶ ।

## ଜଙ୍ଗଲ କୁ ନିଆଁ ଦାଉରୁ ରକ୍ଷା ଏବଂ ଜଙ୍ଗଲ ସୁରକ୍ଷା ନିମନ୍ତେ ତାଲିମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ

କପ୍ତିପଦା -(ମହାଭାରତ ): କପ୍ତିପଦା - କପ୍ତିପଦା ବନା□ଳ କାର୍ଯ୍ୟାଳୟରେ ଜଙ୍ଗଲ କୁ ନିଆଁ ଦାଉରୁ ରକ୍ଷା ଏବଂ ଜଙ୍ଗଲ ସୁରକ୍ଷା ନିମନ୍ତେ ତାଲିମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବନା□ଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ ଅଗ୍ନିଶମ ବିଭାଗ ଅଧିକାରୀ ନରେନ୍ଦ୍ର ରାଉତ ଜଙ୍ଗଲ କୁ ନିଆଁ ଦାଉରୁ ରକ୍ଷା କରିବା, କର୍ମଚାରୀ ନିଜେ କିଭଳି ସୁରକ୍ଷାରେ ରହି କାର୍ଯ୍ୟ କରିବା, ଜଙ୍ଗଲ ନିଆଁ ଲାଗିଥିଲେ । ବ୍ଲୟର ମେସିନ ଦ୍ୱାରା ଲାଇନିଂ କରିବା ଦିଗରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ କପ୍ତିପଦା ବନପାଳ ଲକ୍ଷ୍ମୀକାନ୍ତ ବେହେରା, ପୋଡାଡିହା ବନପାଳ ହିମାଂଶୁ ମହାନ୍ତ, ନୋଟୋ ବନପାଳ ଶିରିସ ଦଳେଇ, ଶରତ ବନପାଳ, ଅଗ୍ନିଶମ ଦଳ, ସୁରକ୍ଷାକର୍ମୀ ଦଳ ଏହି ତାଲିମ ଶିବିରରେ ଯୋଗଦେଇଥିଲେ ।

## ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜନ୍ମ ଦିବସରେ ବକ୍ତୃତା ପ୍ରତିଯୋଗିତା



ଦେବଗଡ(ମହାଭାରତ):ଗୁରୁବାରଓଡ଼ିଶାର ସୁଯୋଗ୍ୟ ସନ୍ତାନ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତି ଅଗ୍ରଣୀ ନାଟ୍ୟାନୁଷ୍ଠାନ ବାମଣ୍ଡା କଳାକାର ସଂଘ, ଦେବଗଡ ଆନୁକୂଲ୍ୟରେ ସଂସ୍କୃତି ଭବନ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ଅମାତ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ମୁଖ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀର ସଭ୍ୟ ଡ: ଭାରତ ଭୂଷଣ ନନ୍ଦ ମୂଖ୍ୟ ବକ୍ତା, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ମାର୍କଣ୍ଡେଶ୍ୱର ଶତପଥି,ଅନୁଷ୍ଠାନର ପରାମର୍ଶଦାତା ତଥା ଓଡ଼ିଶା ସଙ୍ଗୀତ ଓ ନାଟକ ଏକାଡ଼େମୀର ସଭ୍ୟ ହେମନ୍ତ କୁମାର ମହାପାତ୍ର, ଜିଲ୍ଲା ସାଂସ୍କୃତିକ ପରିଷଦ ର ସଂଯୋଜକ ଦିଲୀପ କୁମାର ଗୁରୁ, ବାମଣ୍ଡା କଳାକାର ସଂଘର ସହ ସଂପାଦକ ସୁଶାନ୍ତ କୁମାର ନନ୍ଦ ମଞ୍ଚାସୀନ ହୋଇ ଥିଲା ବେଳେ ନାଟ୍ୟକାର କୁମୁଦଚନ୍ଦ୍ର ଶତପଥୀ ମଞ୍ଚ ସଞ୍ଚାଳନ କରିଥିଲେ । ଅମର ସଂଗ୍ରାମୀ ଦ୍ୱୟଙ୍କୁ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ ପରେ ଧରଣୀଧର ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରୀମାନେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ । ସଙ୍ଗମ ଆଣ୍ଡ ସଙ୍ଗମର କଳାକାରମାନେ ଏକ ଲୋକନୃତ୍ୟ ପରିବେଷଣ କରିଥିଲେ । ଏହାପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା । ବରିଷ୍ଠ ବର୍ଗରେ ସରସ୍ୱତୀ ଶିଶୁମନ୍ଦିର, ଦେବଗଡର ଲିସା ଭୋଇ ପ୍ରଥମ, ଶୁଭ୍ରଜୌତି ଆବାସିକ ବିଦ୍ୟାଳୟର ଦୁଇଜଣ ସୁଶ୍ରୀ ସୋନାଲିସା ଦାସ ଦ୍ୱିତୀୟ ଓ ଆଦର୍ଶ କୁମାର ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ଼ କନିଷ୍ଠ ବର୍ଗରେ ନୋଟରି ଡାମ ସ୍କୁଲର ସାଇ ମନୋଜ୍ଞା ସାମଲ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଦେବସ୍ମୀତା ପ୍ରଧାନ ଦ୍ୱିତୀୟ ଓ ଶୁଭ୍ରଜୌତି ଆବାସିକ ବିଦ୍ୟାଳୟର ଆୟୁଷ କୁମାର ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକ ଭାବେ ନାଟ୍ୟକାର ହିମାଂଶୁ ଶେଖର ପ୍ରଧାନ, ନାଟ୍ୟକାର ରଞ୍ଜିତ କୁମାର ଶତପଥୀ ଓ ଢୋଲପଡା ହାଇସ୍କୁଲ ର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମା ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂପାଦକ ରୋମିଓ ମହାପାତ୍ର ଓ ଉପେନ୍ଦ୍ର ଭଞ୍ଜ ପରିଚାଳନା କରିଥିବା ବେଳେ ଅବନୀ କାନ୍ତ ମିଶ୍ର, ଗୀତା ତିୱାରି, ସ୍ୱାଗତ ନନ୍ଦ, ଶୁକଦେବ ଭଞ୍ଜ, ତେମିଓ ରଞ୍ଜନ, ପ୍ରୀତମ ବେହେରା, ମନୋରଞ୍ଜନ ନାୟକ, ଶ୍ରବଣ କୁମାର ନାୟକ, ସୁଜାତା ବେହେରା ଏଠାରେ ଉପସ୍ଥିତ ଥିଲେ ।

## ମଇଁଷି ଗୋଠରେ ହାତୀଙ୍କ ତାଣ୍ଡବ: ଚିନ୍ତାରେ ମଇଁଷି ପାଳକ



ହିନ୍ଦୋଳ(ମହାଭାରତ)ଥମିବାର ନାଁ ନେଉନି ହାତୀ ଉପଦ୍ରବ। ବିଶେଷ କରି ହିନ୍ଦୋଳ ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ହେଉଥିବା ବେଳେ ସବୁ ଜାଣି ମଧ୍ଯ ହାତ ବାନ୍ଧି ଚୁପ୍ ବସିଛି ବନବିଭାଗ। ହାତୀ ଆକ୍ରମଣରେ କେତେବେଳେ ନିରୀହ ଲୋକଙ୍କ ଜୀବନ ଚାଲି ଯାଉଛି ତ ଆଉ କେତେବେଳେ ନିରୀହ ପଶୁ ମାନଙ୍କର ଜୀବନହାନି ଘଟୁଛି। ତେବେ ଏହାରି ଭିତରେ ହିନ୍ଦୋଳ ବନବିଭାଗର ଅପାରଗତା ଯୋଗୁଁ ଅନେକ ସମୟରେ ଧନଜୀବନ ହାନି ହେଉଥିବା ଦେଖାଦେଇଛି। ଏହାରି ଭିତରେ ପୁଣି ଏକ ହାତୀ ଆକ୍ରମଣର ଘଟଣା ସାମ୍ନାକୁ ଆସିଛି। ତେବେ ଆଜି ବିଳମ୍ବିତ ରାତିରେ ହିନ୍ଦୋଳ ଘଇଉ ୧୪ ନମ୍ବର୍ ୱାର୍ଡ ଚରଣପୁର ଗ୍ରାମରେ ଥିବା ଏକ ମଇଁଷି ଗୋଠରେ ହାତୀ ପଶି ଆକ୍ରମଣ କରିବା ଫଳରେ ଗୋଟିଏ ମଇଁଷିର ମୃତ୍ୟୁ, ଗୋଟିଏ ଗୁରୁତର ଏବଂ ଅନେକ ମଇଁଷି ଆହତ ହୋଇଥିବା ସୂଚନା ମିଳିଛି।ତେବେ ସୂଚନା ଅନୁଯାୟୀ ନୂଆପଡ଼ା ଗ୍ରାମର ଭରତ ସାହୁ ଆଜକୁ ଅନେକ ବର୍ଷ ହେବ ହିନ୍ଦୋଳ ଘଇଉ ୧୪ ନମ୍ବର୍ ୱାର୍ଡ ଚରଣପୁର ଗ୍ରାମର ଭରତ ବେହେରାଙ୍କୁ ତାଙ୍କର ମଇଁଷି ଭାଗ ଚାଷୀ ହିସାବରେ ମଇଁଷି ପାଳନ କରିବା ପାଇଁ ଦେଇଥିଲେ। ତେବେ ଭରତ ଏହି ମଇଁଷି ଚରାଇ ସେଥିରୁ ନିଜର ପରିବାର ପ୍ରତିପୋଷଣ କରୁଥିଲେ। ତେବେ ହାତୀ ମାନଙ୍କ ପ୍ରାଦୁର୍ଭାବ ଯୋଗୁଁ ଭରତ ଏବେ ଚିନ୍ତାରେ। ତେବେ ସକାଳୁ ଖବର ପାଇ ହିନ୍ଦୋଳ ବନବିଭାଗ ଏବଂ ଖଜୁରୀଆକଟା ସେକ୍ସନର କର୍ମଚାରୀ ମାନେ ଆସି ଫୋଟୋ ଉଠାଇ ପୁଣି ଚାଲିଯାଇଥିବା ବେଳେ ମଇଁଷି ପାଳକ ଭରତ ଏବେ କ୍ଷତି ପୂରଣ ଅପେକ୍ଷାରେ।ତେବେ ଭରତଙ୍କୁ ବନବିଭାଗ ଦ୍ୱାରା କଣ କ୍ଷତିପୂରଣ ଏବଂ ସହାୟତା ପ୍ରଦାନ କରାଯାଉଛି। ତାହା ଦେଖିବାକୁ ବାକି ରହିଲା।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅପେକ୍ଷାରେ ବୃଦ୍ଧ

### ଅଭିଯୋଗ ପରେ ମଧ୍ୟ ଶୁଣୁ ନାହିଁ ପ୍ରଶାସନ

 କନ୍ଧମାଳ :(ମହାଭାରତ):ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକ ମାନଙ୍କ ପାଇଁ ଆବାସ ଯୋଜନାର ଗୃହ ପ୍ରଦାନ କରୁଥିବା ବେଳେ କିଛି ତଳିଆ ପ୍ରଶାସନ ଙ୍କ ଅବହେଳା ଯୋଗୁଁ ପହଞ୍ଚି ପାରୁନାହିଁ ପ୍ରକୃତ ଲୋକ ମାନଙ୍କ ପାଖରେ । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ୍ ଅନ୍ତର୍ଗତ ପବିଙ୍ଗିଆ ପଞ୍ଚାୟତ ବବଡଙ୍ଗିଆ ୨ ନଂୱାର୍ଡ ଡେଣ୍ଡିପଡା ସାହି ଗରିବ ଅସହାୟ ସୁରେଖା ବଗର୍ତ୍ତୀ ବୟସ ( ୬୧) ବର୍ଷ ବର୍ଷ ଧରି ପ୍ରଧାନମନ୍ତ୍ରୀଆବାସ ପାଇଁ ଚାହିଁ ରହିଛନ୍ତି । ଦୀର୍ଘ ୩୫ ବର୍ଷ ହେବ ପୂର୍ବରୁ ସ୍ୱାମୀ ଗୁରେଖ ବଗର୍ତ୍ତୀ ଙ୍କୁ ୧୮୦୦୦.୦୦ (ଅଠର ହଜାର ଟଙ୍କା) ଇନ୍ଦିରା



ଆବାସ ମିଳି ଥିଲା । କିନ୍ତୁ ଦୀର୍ଘଦିନ ହୋଇଥିବାରୁ କାନ୍ଥ ଗୁଡ଼ିକ ଭାଙ୍ଗି ରହିଥିବାରୁ ରହିବା ପାଇଁ ଭୟ କରୁଥିବା କହିଛନ୍ତି। ବର୍ଷା ମାସରେ ଘର ଭିତରେ ପାଣି ଝର ହେଉଥିବାରୁ ବୃଦ୍ଧ ଦୁହେଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ବବଡଙ୍ଗିଆରେ ଦୁଇ ସପ୍ତାହ ରହିଥିବା ଅଭିଯୋଗ କରିଛନ୍ତି। ଏହି ଅସୁବିଧା ବିଷୟରେ ଆବାସ ଯୋଜନାପାଇଁ ସ୍ଥାନୀୟ ସରପ□ ଶ୍ରୀ ଲାଲ୍ ମୋହନ କହଁର ଓ ବିଡ଼ିଓ ରଶ୍ମିରଞ୍ଜନ ମହନ୍ତଙ୍କୁ ଜଣାଇ ଆସୁଥିଲେ ମଧ୍ଯ ଦୀର୍ଘ ୧୦ ବର୍ଷ ହେବ କୌଣସି ଫଳପ୍ରଦ ମିଳୁନାହିଁ ।ଏହି ବିଷୟରେ ପବିଙ୍ଗିଆ ସରପଞ୍ଚ ଲାଲ୍ ମୋହନ କହଁରଙ୍କୁ ଯୋଗାଯୋଗ କରିବାରୁ ସେ ପୂର୍ବରୁ ଆମ୍ଭେ ବ୍ଲକରେ ବାରମ୍ବାର ବିଡ଼ିଓଙ୍କୁ ଅବଗତ କରିଛୁ କିନ୍ତୁ କିଛି ସଫଳ ମିଳିନାହିଁ । ବର୍ତ୍ତମାନ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି ଆଉ ସର୍ଭେ ଆରମ୍ଭ ହୋଇଛି ଏଥିରୁ କୌଣସି ଲୋକ ବାଦ୍ ପଡିବେ ନାହିଁ ଆଉ ନିଶ୍ଚୟ ଅସହାୟ ଗରିବ ପରିବାର ଆବାସ ଗୃହ ପାଇବେ ବୋଲି କହିଛନ୍ତି।

## ପୁଷ୍ପଲତା ମାରାଥନ୍ ଦୌଡରେ ଚମ୍ପିୟାନ

ପାରଳାଖେମୁଣ୍ଡ(ମହାଭାରତ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ପୁଷ୍ପଲତା ପଲାଇ ରାଜ୍ୟସ୍ତରୀୟ ମାରାଥନ୍ ଦୌଡ଼ରେ ଚମ୍ପିୟାନ ହୋଇଛନ୍ତି।କଟକ ଜିଲ୍ଲା ନରସିଂହପୁର ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମହିଳା ବିଭାଗରେ ୬୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ।ଯଚମ୍ପେଶ୍ୱରଠାରୁ ନରସିଂହପୁର ଦୀର୍ଘ ୧୦ କିମି ମାରାଥନ୍ ଦୌଡରେ ସମସ୍ତଙ୍କୁ ପଛରେ ପକାଇ ସେ ବିଜୟୀ ହୋଇଥିଲେ।ମୁଖ୍ୟଅତିଥି ଅତିରିକ୍ତ ଡି.ଜି. ସଂଜୀବ ପଣ୍ଡାଙ୍କ ଠାରୁ ଟ୍ରଫି ସହ




୨୦୦୦ ଟଂକା ପୁରସ୍କାର ପାଇଥିଲେ।ସାର୍ପ ସଂଗଠନ ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି କୁଳମଣି ବାରିକ ସଭାପତିତ୍ୱ କରିଥଲେ।ସ୍ଥାନୀୟ ଯୁବ ସଂଗଠକ ରାଜା ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ।ପୂର୍ବରୁ ବିଭିନ୍ନ ମାରାଥନ୍ ପ୍ରତିଯୋଗୀତାରେ ଭାଗନେଇ ପୁଷ୍ପଲତା ସମ୍ମାନିତ ହୋଇଛନ୍ତି। ତାଂକର ବିରଳ ସମ୍ମାନରେ ଗଜପତି ଜିଲ୍ଲାବାସୀ ଶୁଭେଚ୍ଛା ଜଣାଇଛନ୍ତି।

## ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ ଠାରୁ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ଶୋଭା ଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି କାର୍ଯ୍ୟାଳୟ ଘେରାଉ କରିଥିଲେ।ନବ ନିର୍ମାଣ କୃଷକ ସଙ୍ଗଠନ ୫ ଗୋଟି ଦାବୀ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନଙ୍କ ଦାବୀ ଗୁଡିକ ହେଲା ବିନା କାଟରେ ଚାଷୀର ସବୁ ଧାନ ଉଠାଇବାକୁ ଦାବୀ,କପା ଓ ମକା ଚାଷର ସ୍ଥାୟୀ ମଣ୍ଡି ସ୍ଥାପନ କରାଯାଉ,ଧାନ ପରବର୍ତ୍ତୀ ଚାଷୀକୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉ ଚାଷୀର ସମସ୍ତ ଋଣ ଛାଡ କରାଯାଉ। ଅଣ ଜଳ ସେଚିତ ଚାଷ ଜମିକୁ ଜଳ ସେଚିତ କରାଯାଉ।ଏହିଭଳି ଦାବୀ ରହିଛି। ଜିଲ୍ଲାପାଳଙ୍କ ସହ ଭେଟ ନ ହେବା ବା ଆଲୋଚନା ନହେବା ପରେ ଚାଷୀ ପ୍ରତିକ୍ରିୟା ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରହିଥିବା ରାଜ ରାସ୍ତାରେ ଧାନ ବସ୍ତା ପକାଇ ଅବରୋଧ କରିଥିଲେ।ଫଳରେ ଗଜପତି ବ୍ରହ୍ମପୁର, ପାରଳାଖେମୁଣ୍ଡି ରୁ ଗୁଣୁପୁର, ପାରଳାଖେମୁଣ୍ଡି ଶ୍ରୀକାକୁଲମ ରାସ୍ତା ଅବରୋଧ ହୋଇ ଯାତାୟାତ ଠପ୍ ହୋଇପଡ଼ିଥିଲା। ଯାହା ଫଳରେ ଯାତ୍ରୀମାନେ ନାହିଁନଥିବା ସମସ୍ୟାର




ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ଚାଷୀଙ୍କୁ ଲିଖିତ ଆକାରରେ ଦେଇଥିବା ପରେ ରାସ୍ତାରୁ ହଟିଥିଲେ ଚାଷୀୟ ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ପୋଲିସ ମୃତୟନ କରାଯାଇଥିଲା।

## ଆର୍. ଡି. ଏସ୍ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ

କପ୍ତିପଦା -(, ମହାଭାରତ ): ଶିମିଳିପାଳ ପାଦଦେଶରେ ଅବସ୍ଥାପିତ ମା ଅମ୍ବିକାଙ୍କ ନିକଟତମ ଗାଁ କୁଣ୍ଡାବାଇ ସ୍ଥିତ ଆର୍. ଡି. ଏସ୍ ମହାବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଦ୍ୱାରା ସୁସ୍ଥ ସାମାଜ ଗଠନ ସହ ଭାରତ ଭୂଖଣ୍ଡର ପ୍ରଗତିରେ ଛାତ୍ର ଛାତ୍ରୀ ମାନଙ୍କର ଭୂମିକା ବିଷୟରେ ମଞ୍ଚାସୀନ ଅତିତିଥି ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ସଭାପତିତ୍ୱ କରି ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ଉତ୍ତରୀୟ ଓ ଫଟୋ ଚିତ୍ର ଦେଇ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ତଥା ଉଦ୍ଘାଟକ ଭାବେ ରାଜ୍ୟ ସଭା ସାଂସଦ ମମତା ମହାନ୍ତ, ସ୍ୱତନ୍ତ୍ର ଅତିଥିଭାବେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢ଼େଇ, ମୁଖ୍ୟ ବକ୍ତା ଭାବେ ସୃଜନଶୀଳ ଲେଖକ, ସମାଜସେବୀ ଏବଂ ସୁସଂଗଠକ ଇଂଜିନିୟର ଅଭୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ, କପ୍ତିପଦା, ଉଦଳା ତଥା ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ବାରିକ ଯୋଗ ଦେଇ ଉପାନ୍ତ ଅଞ୍ଚଳରେ ଏଭଳି ଅନୁଷ୍ଠାନ ରେ ଛାତ୍ରଛାତ୍ରୀ ମାନେ ସ୍ନାତକ ଓ ସ୍ନାତକୋ□ର ଶିକ୍ଷା ଲାଭ କରି କିଭଳି ଦେଶର ପ୍ରଗତିରେ ସାମିଲ ହୋଇ ଏକ ସଶକ୍ତ, ସମୃଦ୍ଧ ଓ ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନରେ ନିଜକୁ ସାମିଲ କରିପାରିବେ ସେ ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସଂସ୍କୃତ ଅଧାପିକା ଡ. ଦିବ୍ୟାରାଣୀ ତ୍ରିପାଠୀ ଗବେଷଣା କରି ପି. ଏଚଡି ପ୍ରାପ୍ତ କରି ମହାବିଦ୍ୟାଳୟର ଗାରିମାକୁ ବୃଦ୍ଧି କରିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ କଳା, ବିଜ୍ଞାନରେ ମହାବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ପ୍ରାପ୍ତ କରିଥି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ +୨ ରୁ ସଙ୍ଗୀତା ମହାପାତ୍ର, ଶୁଭମ୍ କୁମାର ନାୟକ, କୃଷ୍ଣା ଦାସ, ମୋହିତ କୁମାର ସୋ ଏବଂ +୩ ରୁ ଏମ. ସ୍ଥିତପ୍ରଜ୍ଞା, ସୁଚିତ୍ରା ବିଶ୍ୱାଳ, କ୍ରିତି କୌଶିକ ପାତ୍ର, ଅନୁପମ ପରିଡା ଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଉପୌକନ ଓ ଅର୍ଥ ରାଶି ପ୍ରଦାନ କରି ଦେଇ ସମ୍ମାନିତ କରାଯାଇଥିଲା। ଜୁନିୟର ମହାବିଦ୍ୟାଳୟର ଅଧକ୍ଷ ଅରବିନ୍ଦ ମୁଦୁଲି ମଞ୍ଚାସୀନ ହୋଇ କଲେଜର ବାର୍ଷିକ ବିବରଣୀ ପାଠ କରିଥିଲେ, ଅଧାପକ ଦିଲ୍ଲିପ କୁମାର ପ୍ରମାଣିକ ଅତିଥି ମାନଙ୍କୁ ମଞ୍ଚକୁ




ଆମନ୍ତ୍ରଣ କରିଥିବାବେଳେ ଅଧାପକ ଡ. ଅକ୍ଷୟ କୁମାର ଗିରି ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଅଜିତ କୁମାର ମହାପାତ୍ର, ଡ. ଗୋପିନାଥ ଦାସ , ଡ. ସୁଧାଂଶୁ ଶେଖର ଦାସ ମଙ୍ଗରାଜ, ବିଜୟ ପଣ୍ଡା, ଡ. ମମତା ପ୍ରଧାନ, ଶ୍ରୀକାନ୍ତ ସାହୁ, ନିରୋଜ କୁମାର ମତୁଆଲ, ନବ କୁମାର ସାହୁ, ରାଜେଶ କୁମାର ରାଉତରାୟ ଏଥିସହ ଏନ୍ ଏସ୍ ଏସ୍, ଯୁବ ରେଡ୍ କ୍ରସ୍ ସ୍ୱେଚ୍ଛାସେବୀ ଏବଂ ସମସ୍ତ ଅଧାପକ, ଅଧାପିକା, ଅଣ କର୍ମଚାରୀ ମାନେ ସହଯୋଗ କରିଥିଲେଯ ଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମା ତାରା ଷ୍ଟିଲ ଫର୍ଣ୍ଣିଚର ଫ୍ୟାକ୍ଟ୍ରି ରୁ ଚୋରି

କପ୍ତିପଦା -(ମହାଭାରତ ): କପ୍ତିପଦା ବାଲେଶ୍ୱର ଗୋଲେଇ ନିକଟସ୍ଥ ମା ତାରା ଷ୍ଟିଲ ଫର୍ଣ୍ଣିଚର ଫ୍ୟାକ୍ଟ୍ରିରୁ ବିଳମ୍ବିତ ରାତିରେ କାଠ ତିଆରି ଫର୍ଣ୍ଣିଚର ର ସମସ୍ତ ଯନ୍ତ୍ରପାତି ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଅନୁମାନ କରାଯାଉଛି । ତେବେ ଏହି ଫର୍ଣ୍ଣିଚର ଦୋକାନ ମାଲିକ କାଶୀନାଥ ମଣ୍ଡଳ ଦୋକାନ ରୁ ଚୋରି ହୋଇଥିବା ଜାଣିବାପରେ ଥାନାରେ ଲିଖିତ ଅଭିଯୋଗ କରିବାପରେ କପ୍ତିପଦା ଥାନା ପକ୍ଷରୁ ତଦନ୍ତ ଜାରି ରହିଛି, ତେବେ ବର୍ତ୍ତମାନ ସୁଦ୍ଧା କୌଣସି ସନ୍ଧାନ ମିଳିନଥିବା ଏବଂ ଖୁବ ଶୀଘ୍ର ଚୋରକୁ ଗିରଫ କରିବେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରେ ବାର୍ଷିକ ଉତ୍ସବ

ବାଲେଶ୍ୱର(ମହାଭାରତ):ମହାଭାରତ:ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ବଡ଼ପୋଖରୀ ପଂଚାୟତ ନିଆଁଖିଆ ଗ୍ରାମରେ ଥିବା ଶ୍ରୀଅରବିନ୍ଦପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଚତୁର୍ଦ୍ଦଶ□ମଞ୍ଚବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଯାଇଛି।ଏଥିରେ ଦନ୍ତୁର ଉଚ୍ଚ ବିଦ୍ୟାଳୟ ଅସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବୈକୁଣ୍ଠନାଥ ମିଶ୍ର ଙ୍କ ସଭାପତିତ୍ୱ ରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ନଅ ଘଟିକାରେ ଭାରତର ଆଧ୍ୟାତ୍ମିକ ପତାକା ଉତ୍ତୋଳନ ପ୍ରେରେଡ଼ ମାର୍ଚ୍ଚିଙ୍ଗ, ଶାରୀରିକ କ୍ରୀଡା କୌଶଳ ପ୍ରଦଶନ କାର୍ଯ୍ୟକ୍ରମ ବିଜ୍ଞାନ ପ୍ରକଳ୍ପକୁ ଭୁବନେଶ୍ୱରରୁ ଆସିଥିବା କଳା ଗବେଶିକା ସୁମିତ୍ରା ପାଢ଼ୀ ସଂଯୋଜନା କରିଥିଲେ। ଅପରାହ୍ନରେ ମୁଖ୍ୟଅତିଥି ଭାବେ ଔପଦା ବ୍ଲକ ର ଉପାଧକ୍ଷ ଶ୍ରୀଯୁକ୍ତ ପ୍ରଭାକର ସାହୁ ଯୋଗଦେବାସହ ମୁଖ୍ୟବକ୍ତା ଭାବରେ ସାହିତ୍ୟିକ ଓ ବିଜ୍ଞାନପ୍ରେମୀ ଇ:ଅଭୟ ସୁତାର, ସନମାନିତ ବକ୍ତା ଶ୍ରୀମତୀ ଜାନକୀ ପାଢ଼ୀ, ନିରଂଜନ ପ୍ରସାଦ ବାରିକ, ଅନୁଷ୍ଠାନର ଅଧକ୍ଷ ଶ୍ରୀଯୁକ୍ତ ରମାକାନ୍ତ ବେହେରା ରହିବା ସହ ପିଲାମାନଙ୍କର ବହୁମୁଖୀ ପ୍ରତିଭା ଦେଖି ପ୍ରଶଂସା କରିଥିଲେ।

## ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର ୬୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

ପାରଳାଖେମୁଣ୍ଡି(ମହାଭାରତ) ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଦ୍ୱିଦିବସୀୟ ୬୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛ। ଗତ ୨୦ ତାରିଖରେ କ୍ରୀଡାପ୍ରେମୀ ଛାତ୍ରଛାତ୍ରୀମାନେ ମା ନୀଳମଣି ଦୁର୍ଗା ଠାକୁରାଣୀ ମନ୍ଦିରରୁ କ୍ରୀଡାଜ୍ୟୋତି ଶୋଭାଯାତ୍ରା କରି ସ୍ଥାପନ କରିଥିଲେ ଓ ପାରଳାଖେମୁଣ୍ଡିର ପୌରାଧକ୍ଷା ଶ୍ରୀମତୀ ନିର୍ମଳା ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ ଓ ଉଦଯାପନୀ ସମାରୋହରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଗଜପତି ଜିଲ୍ଲାର ସୁଦକ୍ଷ କ୍ରୀଡାବିତ୍ ତଥା ପ୍ରଶିକ୍ଷକ ଶ୍ରୀଯୁକ୍ତ ସୁକାନ୍ତ



ଦଳବେହେରା ମୁଖ୍ୟଅତିଥି, ମହାବିଦ୍ୟାଳୟର କ୍ରିଡା ସଂସଦର ଫିଲ୍ଡ ମାର୍ଶାଲ ପ୍ରଫେସର ରାଧାକାନ୍ତ ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡକ୍ଟର ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଡକ୍ଟର ବିପ୍ଳବ ରଞ୍ଜନ ପ୍ରଧାନ ସ୍ୱାଗତ ଅଭିଭାଷଣ ସହ ମଞ୍ଚସଞ୍ଚାଳନ, ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡକ୍ଟର କୋମଳ ଶିଖା ମଲ୍ଲିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଏହି ଅବସରରେ ଅତିଥିମାନେ କ୍ରୀଡା ଜୀବନର ଏକ ଅଙ୍ଗ ଓ ଏହା ସୁସ୍ଥ ମାନସିକ ସ୍ଥିତି ବଜାୟ ରଖିବା ସହିତ ନୂତନ ନେତୃତ୍ୱ ସୃଷ୍ଟି କରିଥାଏ ବୋଲି କହିଥିଲେ ଓ କ୍ରୀଡା ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଶାରୀରିକ ଅଭିବୃଦ୍ଧି ସହ ବୌଦ୍ଧିକ ଜ୍ଞାନର ବିକାଶ ଧାରାରେ ସହାୟକ ହୋଇଥାଏ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କ୍ରୀଡା ସଂସଦର ସଂଯୋଜିକା ଶ୍ରୀମତୀ ପାଣସା ନୀରଜା ସହ ଅନ୍ୟ ସମସ୍ତ ସହଯୋଗୀ ଉପସଭାପତି ଡକ୍ଟର କିରଣବାଳା ଭୂୟାଁ, ଡକ୍ଟର ସନତ ଲେଙ୍କା, ସୁଶ୍ରୀ ସନ୍ତୋଷୀ ପ୍ରଧାନ, ଶ୍ରୀ ରାମହରି କାର୍ଜି, ଶ୍ରୀଯୁକ୍ତ ଦେବୀପ୍ରସାଦ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ ଓ ଶ୍ରୀ ନିରଞ୍ଜନ ବେହେରା କ୍ରୀଡା ସଂସଦର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କ୍ରୀଡା ସଂସଦର ଉପସଭାପତି ସହକାରୀ ପ୍ରଫେସର ଡକ୍ଟର ସୁମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ବାଳିକା ସ୍କୁଲରେ ବାର୍ଷିକ ଉତ୍ସବ

ରାଇଘର(ମହାଭାରତ) ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଉପକଣ୍ଠ ଯୋଡ଼ିଙ୍ଗା ଠାରେ ଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ପରିଷ୍କଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ବିଦ୍ୟାଳୟର ୨୦୨୪-୨୫ବାର୍ଷିକ ମହୋତ୍ସବ ମହା ଆଡମ୍ବର ପୂର୍ଣ୍ଣ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାନ୍ୟବର ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ପଛୁଆବର୍ଗ କଲ୍ୟାଣ ବିଭାଗ ଓଡିଶା ସରକାର ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ପାଲକା



ରବିନ୍ଦ୍ର, ସମ୍ମାନିତ ଅତିଥି ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ପ୍ରୀତିସ୍ନିଗ୍ଧା ମହାପାତ୍ର,ପଞ୍ଚାୟତ ସମିତି ଅଧକ୍ଷ ଗୁପ୍ତପ୍ରସାଦ ଝାଙ୍କର,ଜିଲ୍ଲା ପରିଷଦ ସଦସ୍ୟ ଯତୀନ୍ଦ୍ରନାଥ ଗଣ୍ଡ,ନାନାରା ଖରା,ଖଗେଶ୍ୱର ହରିଜନ,ଯୋଡ଼ିଙ୍ଗା ପୂର୍ବତନ ସରପ□ ଫୁଲସିଂ ଗଣ୍ଡ, ପ୍ରମୁଖ ଯୋଗ ଦେଇଥିଲେ । ପିଲାମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଉପାଦେୟ ତଥ୍ୟ ସମ୍ବଳିତ ଜୀବନ ବନ୍ଧକ କଥାବସ୍ତୁ କହି ପ୍ରେରଣା ଯୋଗାଇଥିଲେ । କାର୍ଯ୍ୟକ୍ରମ ଶେଷରେ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବେଳେ ବାର୍ଷିକ ମହୋତ୍ସବ କାର୍ଯ୍ୟକ୍ରମର ଆୟୋଜିତ ସଭାରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ।

## କୁଇଦିନା ଇନ୍ଦିରା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨ୟ ବାର୍ଷିକ ଇତିହାସ କଂଗ୍ରେସ ସମ୍ମିଳନୀ

କନ୍ଧମାଳ(ମହାଭାରତ):କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକ ଅନ୍ତର୍ଗତ କୁଇଦିନା ଇନ୍ଦିରା ଗାନ୍ଧୀ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲାଇନପଡା ରେ ଦିତୀୟ ବାର୍ଷିକ ଇତିହାସ କଂଗ୍ରେସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସୂଚନା ପ୍ରକାରେ କୁଇଦିନା ଇନ୍ଦିରା ଗାନ୍ଧୀ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ଇତିହାସ କଂଗ୍ରେସର ଆଞ୍ଚଳିକ ଅଧିବେଶନ ଓ କନ୍ଧମାଳ ଇତିହାସ କଂଗ୍ରେସର ଦିତୀୟ ବାର୍ଷିକ ଅଧିବେଶନ ଚାରୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମର ଉଦ୍ ଘାଟନ ଦିବସରେ ଓଡିଶା ଇତିହାସ କଂଗ୍ରେସର ସଭାପତି ପ୍ରଫେସର ବାବା ମିଶ୍ର, ସାଧାରଣ ସମ୍ପାଦକ ପ୍ରଫେସର ସୁବାସ ଚନ୍ଦ୍ର ବାରିକ, ଉପସଭାପତି ତଥା ଆ□ଳିକ ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ଦାଶ, ମୁଖ୍ୟବକ୍ତା ପ୍ରଫେସର ହରିହର ପଣ୍ଡା, କନ୍ଧମାଳ ଇତିହାସ କଂଗ୍ରେସର ସଭାପତି ଡ. ଚିତ୍ତରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ଶ୍ରୀ ବିଷ୍ଣୁ ପ୍ରସାଦ ରଥ, କୋଷାଧ୍ୟକ୍ଷ ଡ. ସୁଜିତ୍ କୁମାର ପଣ୍ଡା,କେ ଆଇ ଜି ଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ସୁବାଷ ଚନ୍ଦ୍ର ମଲିକ, ସଞ୍ଜୟ ମେମୋରିଆଲ ସରକାରୀ ମହିଳା ମହାବିଦ୍ୟାଳୟ ଫୁଲବାଣୀ ଅଧ୍ୟକ୍ଷ ଡ଼. ତନୁଜା ସିଂ, ଡାଇରେକ୍ଟର କାର୍ଡ ଡ. ବିକ୍ରମ କେଶରୀ ଜେନା ପ୍ରମୁଖ ଯୋଗଦେଇ ନିଜ ନିଜର ସେମାନଙ୍କର ମୂଲ୍ୟବାନ୍ ବକ୍ତବ୍ୟ ପ୍ରଦାନ କରିଥିଲେ ।ଦିତୀୟ ଅଧିବେଶନରେ ପ୍ରଫେସର ଅମୀୟ ମହାନ୍ତି, ପ୍ରଫେସର ମଦନମୋହନ ମହାପାତ୍ର,ଡ଼. ପ୍ରମୋଦ ପଣ୍ଡା,ଡ଼. ପ୍ରତିମା ପଣ୍ଡା, ଡ଼. ଅର୍ଚ୍ଚନା ପଟ୍ଟନାୟକ, ଡ଼. ଚି□ରଞ୍ଜନ ଶତପଥୀ, ଡ଼. ରାଜେନ୍ଦ୍ର ବିଷୋୟୀ,ଡ଼.ଶିବପ୍ରାସ ଦାଶ ଯୋଗଦାନ କରି ତାଙ୍କର ଉଦ୍ବୋଧନ ରଖିଥିଲେ । ତୃତୀୟ ଓ




ଚତୁର୍ଥ ଅଧିବେଶନରେ ଗବେଷକ ଶ୍ରୀ ଶ୍ରିରଙ୍ଗ ନାୟକ,ଡ଼.ବିନୋଦ ପଟ୍ଟନାୟକ, ଡ଼.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ,ଡ଼.ପାରେଶ୍ୱର ସାହୁ,ଡ଼.ତନୁଜା ସିଂ, ଶ୍ରୀ ବନମାଳୀ ବେହେରା, ଡ଼. ସୁଜିତ୍ କୁମାର ପଣ୍ଡା, ପ୍ରଫେସର ବିଷ୍ଣୁ ପ୍ରସାଦ ରଥ,ଡ଼.ତ୍ରୈଲକ୍ୟନାଥ ସେନାପତି, ଶ୍ରୀ ସୁବାଷ ଚନ୍ଦ୍ର ମଲିକ ପ୍ରମୁଖ ଯୋଗଦେଇ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାତ ଜଣ ବିଶିଷ୍ଟ ଐତିହାସିକ ଯଥା ଡ଼.ବିନୋଦ ପଟ୍ଟନାୟକ, ଡ଼.ଚି□ରଞ୍ଜନ ଶତପଥୀ, ଶ୍ରୀ ବିଷ୍ଣୁ ପ୍ରସାଦ ରଥ, ଶ୍ରୀ ସୁଶାନ୍ତ ଦାସ, ଶ୍ରୀ ଶିବପ୍ରସାଦ ରଥ, ଶ୍ରୀ ପ୍ରତ୍ୟୁଷ ରଞ୍ଜନ ଶତପଥୀ,ଡ଼.ଅର୍ଚ୍ଚନା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଯୁବଗୋଷ୍ଠୀଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୪।୧ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲୋକ କଲ୍ୟାଣ ମାର୍ଗସ୍ଥିତ ତାଙ୍କ ବାସଭବନରେ ଆଗାମୀ ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରିବାକୁ ଥିବା ଏନସିସି କ୍ୟାଡେଟ୍, ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ, ଆଦିବାସୀ ଅତିଥି ଏବଂ ପ୍ରଜ୍ଞାପନ ମେଢ କଳାକାରମାନଙ୍କ ସହ ଆଲୋଚନା କରିଛନ୍ତି ଏହି ବାର୍ତ୍ତାଳାପ ପରେ ଭାରତର ସମୃଦ୍ଧ ସଂସ୍କୃତି ଓ ବିବିଧତାକୁ ପ୍ରଦର୍ଶିତ କରି ଜୀବନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ପୂର୍ବ ବ୍ୟବସ୍ଥାକୁ ବଦଳାଇ ପ୍ରଧାନମନ୍ତ୍ରୀ ଅଭିନବ ଢଙ୍ଗରେ ଅଂଶଗ୍ରହଣକାରୀଙ୍କ ସହ ବାର୍ତ୍ତାଳାପ କରିଥିଲେ ସେ ଅଂଶଗ୍ରହଣକାରୀମାନଙ୍କ ସହ ଏକ ଅନୌପଚାରିକ, ମୁକ୍ତ ବାର୍ତ୍ତାଳାପରେ ନିୟୋଜିତ ହୋଇଥିଲେ।

ପ୍ରଧାନମନ୍ତ୍ରୀ ଜାତୀୟ ଏକତା ଏବଂ ବିବିଧତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଏକ ଭାରତ ଶ୍ରେଷ୍ଠ ଭାରତର ଭାବନାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ରାଜ୍ୟର ଲୋକଙ୍କ ସହ ଯୋଗାଯୋଗ କରିବାକୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅନୁରୋଧ କରିଥିଲେ ସେ ଆଲୋକପାତ କରିଥିଲେ ଯେ କିପରି ଏଭଳି ବାର୍ତ୍ତାଳାପ ବୁଝାମଣା ଏବଂ ଏକତାକୁ ପ୍ରୋତ୍ସାହିତ କରେ, ଯାହା ଦେଶର ପ୍ରଗତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।



ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଦାୟିତ୍ୱବାନ ନାଗରିକ ଭାବରେ କର୍ତ୍ତବ୍ୟ ପାଳନ କରିବା ହେଉଛି ବିକଶିତ ଭାରତର ସ୍ୱପ୍ନ ହାସଲ କରିବାର ଚାବିକାଠି ସାମୂହିକ ପ୍ରୟାସ ମାଧ୍ୟମରେ ଦେଶକୁ ସୁଦୃଢ଼ କରିବା ପାଇଁ ସମସ୍ତେ ଏକଜୁଟ୍ ରହିବାକୁ ସେ ଆହ୍ୱାନ ଦେଇଥିଲେ ମାଇଁ ଭାରତ ପୋର୍ଟାଲରେ ପଞ୍ଜୀକୃତ ହେବା ଏବଂ ଦେଶ ନିର୍ମାଣରେ ଯୋଗଦାନ କରୁଥିବା କାର୍ଯ୍ୟକଳାପରେ ସକ୍ରିୟ ଭାବରେ ସାମିଲ ହେବାକୁ ସେ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ଶୃଙ୍ଖଳା, ସମୟାନୁବର୍ତ୍ତୀତା ଏବଂ ଶୀଘ୍ର ଉଠିବା ଭଳି ଭଲ ଅଭ୍ୟାସ ଗ୍ରହଣ କରିବାର ମହତ୍ତ୍ୱ ବିଷୟରେ ମଧ୍ୟ ସେ କହିଥିଲେ ଏବଂ ଡାଏରୀ ଲେଖିବାକୁ ଉତ୍ସାହିତ କରିଥିଲେ ।

ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ସରକାରଙ୍କର କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ ଯାହା ଲୋକଙ୍କ ଜୀବନକୁ ଉନ୍ନତ କରିବାରେ ସହାୟକ ହେଉଛି ୩ କୋଟି ଲଖପତି ଦିଦି ସୃଷ୍ଟି କରିବା ଉଦ୍ଦେଶ୍ୟରେ ପଦକ୍ଷେପ ମାଧ୍ୟମରେ ମହିଳା ସଶକ୍ତୀକରଣ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ସେ ଆଲୋକପାତ କରିଥିଲେ ଜଣେ ଅଂଶଗ୍ରହଣକାରୀ ଏହି ଯୋଜନାରେ ଉପକୃତ ହୋଇଥିବା ତାଙ୍କ ମା'ଙ୍କ କାହାଣୀ ସେୟାର କରିଥିଲେ, ଯାହା ଦ୍ୱାରା ତାଙ୍କ ଉତ୍ପାଦ ରପ୍ତାନି କରିବାକୁ ସକ୍ଷମ ହୋଇଥିଲେ ଭାରତର ସୁଲଭ ଡାଟା ହାର କିପରି ଯୋଗାଯୋଗରେ ପରିବର୍ତ୍ତନ ଆଣିଛି ଏବଂ ଡିଜିଟାଲ ଇଣ୍ଡିଆକୁ ଶକ୍ତି ପ୍ରଦାନ କରିଛି, ଲୋକଙ୍କୁ ଯୋଗାଯୋଗରେ ରହିବାରେ ସାହାଯ୍ୟ କରିଛି ଏବଂ ସୁଯୋଗ ବୃଦ୍ଧି କରିଛି ସେ ବିଷୟରେ ମଧ୍ୟ ପ୍ରଧାନମନ୍ତ୍ରୀ କହିଥିଲେ ।

ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯଦି ୧୪୦ କୋଟି ଭାରତୀୟ ସ୍ୱଚ୍ଛତା ବଜାୟ ରଖିବାକୁ ସଂକଳ୍ପ କରନ୍ତି, ତେବେ ଭାରତ ସର୍ବଦା ସ୍ୱଚ୍ଛ ରହିବ ଏକ ପେଡ୍ ମା' କେ ନାମ ଅଭିଯାନର ମହତ୍ତ୍ୱ ବିଷୟରେ ସେ କହିଥିଲେ ଏବଂ ସମସ୍ତଙ୍କୁ ଗଛ ଲଗାଇବା ପାଇଁ ଅନୁରୋଧ କରିଥିଲେ ସେ ଫିଟ୍ ଇଣ୍ଡିଆ। ଅଭିଯାନ ବିଷୟରେ ଆଲୋଚନା କରିଥିଲେ ଏବଂ ଯୋଗ କରିବା ପାଇଁ ସମୟ ବାହାର କରି ଫିଟ୍ ନେସ୍ ଏବଂ କଲ୍ୟାଣ ଉପରେ ଧ୍ୟାନ ଦେବାକୁ ସମସ୍ତଙ୍କୁ କହିଥିଲେ, ଯାହା ଏକ ଶକ୍ତିଶାଳୀ ଏବଂ ସୁସ୍ଥ ରାଷ୍ଟ୍ର ପାଇଁ ଜରୁରୀ ।

ବିଦେଶୀ ଅଂଶଗ୍ରହଣକାରୀଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅଂଶଗ୍ରହଣକାରୀମାନେ ଆନନ୍ଦ ପ୍ରକାଶ କରିବା ସହ ଭାରତର ଆତିଥ୍ୟକୁ ପ୍ରଶଂସା କରିବା ସହିତ ସେମାନଙ୍କ ଗସ୍ତର ସକାରାତ୍ମକ ଅନୁଭୂତି ବାଣ୍ଟିଥିଲେ।

# 'ବିଘ୍ନକାରୀ ପ୍ରଚାର' ନେଇ ମୁଖ୍ୟ ନିର୍ବାଚନ କମିଶନରଙ୍କ ତାଗିଦ

ନୂଆଦିଲ୍ଲୀ, ୨୪।୧ (**ମହାଭାରତ**): ଜାତୀୟ ଭୋଟର ଦିବସର ପୂର୍ବ ସନ୍ଧ୍ୟାରେ ଦେଶବାସୀଙ୍କୁ ଦେଇଥିବା ବାର୍ତାରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି ଯେ କମିଶନ ସେମାନଙ୍କ ବିଶ୍ୱାସ ଏବଂ ସ୍ୱଚ୍ଛତାକୁ ହାନି ହେବାକୁ ଦେବେ ନାହିଁ।



ପ୍ରତିବର୍ଷ ଜାନୁଆରୀ ୨୫ ତାରିଖରେ ନିର୍ବାଚନ କମିଶନର ପ୍ରତିଷ୍ଠା ଦିବସରେ ଜାତୀୟ ଭୋଟର ଦିବସ ପାଳନ କରାଯାଏ। ତାଙ୍କ ବାର୍ତାରେ, ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି ଯେ ବର୍ତମାନ, ଧ୍ରୁବୀୟ ପ୍ରଚାର, ବାହ୍ୟ ହସ୍ତକ୍ଷେପ ଏବଂ ସାଇବର ସୁରକ୍ଷା ସହ ଜଡିତ ବିପଦର ଏକ ସମୟ ଚାଲିଛି। ଏହି ସମୟ ମଧ୍ୟରେ, ନିର୍ବାଚନ ପ୍ରକ୍ରିୟା ଭ୍ରାମକ ସୂଚନା ଏବଂ ମିଥ୍ୟା କାହାଣୀ ଭଳି ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ନିର୍ବାଚନ ପ୍ରକ୍ରିୟାରେ ଅବିଶ୍ୱାସ ସୃଷ୍ଟି କରିବା ପାଇଁ ସାରା ବିଶ୍ୱରେ ପ୍ରୟାସ ଚାଲିଛି। ସୋସିଆଲ ମିଡିଆ ମଧ୍ୟ ବାରମ୍ବାର ସମାନ ବିଷୟବସ୍ତୁ ପରିବେଷଣ କରୁଛି, ଯାହା ଫଳରେ ଅନ୍ୟ ପକ୍ଷର କଥା ନ ଶୁଣି ସମାନ ବିଷୟରେ ବିଶ୍ୱାସ ଦୃଢ଼ ହେଉଛି। ରାଜୀବ କୁମାର କହିଥିଲେ ଯେ ଗଣତନ୍ତ୍ର ଆମର ସହଭାଗୀ ଐତିହ୍ୟ ଏବଂ ଆମେ ଗତ ୭ ବର୍ଷ ମଧ୍ୟରେ ଏହାକୁ ଦୃଢ଼ ଭାବରେ ପାଳନ କରିଛୁ। ଜାତୀୟ ଭୋଟର ଦିବସ ଆମକୁ ଦେଶ ପ୍ରତି ଆମର ଦାୟିତ୍ୱ ପାଳନ କରିବାକୁ ମନେ ପକାଇ ଦିଏ। ଖୁବ୍ ଶୀଘ୍ର ଭାରତରେ ଭୋଟରଙ୍କ ସଂଖ୍ୟା ଏକ ବିଲିୟନରେ ପହଂଚିବ। ସେ କହିଥିଲେ ଯେ ନିର୍ବାଚନ କମିଶନ ନିର୍ବାଚନୀ ଅଂଶଗ୍ରହଣ ବୃଦ୍ଧି କରିବା ପାଇଁ ନିରନ୍ତର ପ୍ରୟାସ କରୁଛି। ସାମ୍ପ୍ରତିକ ନିର୍ବାଚନରେ ଆମେ ୬୫ ପ୍ରତିଶତ ଭୋଟଦାନ ହାର ଛୁଇଁଛୁ। ଏବେ ବି ବହୁତ ଦୂର ଯିବାକୁ ଅଛି। ଆଗାମୀ ନିର୍ବାଚନରେ ଆମେ ଏହି ଅଂଶଗ୍ରହଣକୁ ଆହୁରି ବୃଦ୍ଧି କରିବୁ।

# ମହାରାଷ୍ଟ୍ରର ଅସ୍ତ୍ରଶସ୍ତ୍ର କାରଖାନାରେ ବିସ୍ଫୋରଣ, ୮ ମୃତ

**ନୂଆଦିଲ୍ଲୀ, ୨୪।୧ (ମହାଭାରତ୍ଵି):** ମହାରାଷ୍ଟ୍ରର ଅସ୍ତ୍ରଶସ୍ତ୍ର କାରଖାନାରେ ଅଘଟଣ । ବିସ୍ଫୋରଣରେ ଚାଲିଗଲା ୮ ଜଣଙ୍କ ଜୀବନ । ଏଥିସହ ଏକାଧିକ ଲୋକ ଆହତ ହୋଇଥିବା ବେଳେ ସମସ୍ତଙ୍କୁ ନିକଟସ୍ଥ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆହୁରି ମୃତ୍ୟୁ ସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି । ତେବେ ଘଟଣାଟି ଆଜି ଦିନ ୧୧ ଟା ବେଳେ ଘଟିଥିବା ବେଳେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ସେପଟେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଜାରି ରଖିଛନ୍ତି । ସୂଚନା ମୁତାବକ, ଏହି ବିସ୍ଫୋରଣ ଜବାହାରନଗର ସ୍ଥିତ ଅସ୍ତ୍ରଶସ୍ତ୍ର କାରଖାନାର ସି ସେକ୍ସନ ୨୩ ବିଲ୍ଡିଂରେ ନିଆଁ ଲାଗିଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ବିସ୍ଫୋରଣର ଶବ୍ଦ ୪ ରୁ ୫ କିଲୋମିଟର ଯାଏଁ ଶୁଣାଯାଇଛି ।



ବିସ୍ଫୋରଣର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ । ଦୁର୍ଘଟଣା ପରେ କାରଖାନାରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି । କାରଖାନାରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକଙ୍କୁ ସ୍ଥାନାନ୍ତର କରାଯାଇଛିୟ ତେବେ କାରଖାନାରେ କାହିଁକି ଓ କିପରି ବିସ୍ଫୋରଣ ଘଟିଲା ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ । ଦୁର୍ଘଟଣାର ତଦନ୍ତ କରାଯିବ ବୋଲି କାରଖାନା ଅଧିକାରୀ କହିଛନ୍ତି । ବିସ୍ଫୋରଣରେ ପ୍ରାଣ ହରାଇଥିବା ଲୋକ ଜଳିଯାଇଥିବା ବେଳେ ଆହତଙ୍କ ଅବସ୍ଥା ମଧ୍ୟ ଗୁରୁତର ରହିଛି । ଯେଉଁଠାରେ ବିସ୍ଫୋରଣ ଘଟିଥିଲା ସେଠାରେ ଏକ କୋଠାର ଛାତ ମଧ୍ୟ ଭୁଶୁଡ଼ି ପଡିଥିବା ଜଣାପଡ଼ିଛି । ସେହିପରି କାରଖାନାର କେତେକ ସ୍ଥାନରେ ନିଆଁ ବ୍ୟାପିବାରେ ଲାଗିଛି । ବିସ୍ଫୋରଣ ଯୋଗୁଁ କର୍ମଚାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଯାହାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି ।

# ଚିନ୍ତା ବଢ଼ାଇଲାଣି ବିରଳ ସ୍ନାୟୁ ରୋଗ ଜିବିଏସ୍

**ପୁଣେ, ୨୪।୧ (ମହାଭାରତ):** ଏବେ ସାରା ଦେଶରେ ଚିନ୍ତା ଘାରିଲାଣି ଜିବିଏସ୍ । କରୋନା, HMPV ପରେ ଏବେ ଆଉ ଏକ ବିରଳ ସ୍ନାୟୁ ରୋଗ Guillain-Barre-Syndrome ବା ଜିବିଏସ୍ । ଏହି ସଂକ୍ରମଣ ମାମଲାରେ ପୁଣେରେ ପ୍ରଥମ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଏ ପର୍ଯ୍ୟନ୍ତ ଚିହ୍ନଟ ହେଲେଣି ୬୭ ରୋଗୀ । ଚିହ୍ନଟ ପରେ ଦେଶବ୍ୟାପୀ ଭୟର ବାତାବରଣ ସୃଷ୍ଟି ହୋଇଛି। ମହାରାଷ୍ଟ୍ର ପୁଣେରେ ଜିବିଏସ୍ ସଂକ୍ରମଣରେ ଦିନକରେ ଦେଖାଦେଇଛି ୮ ନୂଆ ମାମଲା । ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏ ପର୍ଯ୍ୟନ୍ତ ୬୭ ଜଣ ସଂକ୍ରମଣ ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ପୁଣେରେ ଜିବିଏସର ରୋଗୀ ସର୍ବାଧିକ ହୋଇଥିବାରୁ ଲୋକେ ଭୟଭୀତ ଅଛନ୍ତି । ଗତ ୨ ଦିନ ତଳେ ସଂକ୍ରମଣ ସଂଖ୍ୟା ୫୯ରେ ପହଞ୍ଚିଥିଲା । କହିରଖୁ କି, ଜିବିଏସ୍ ଅଟୋଇମ୍ୟୁନ୍ ଏକ ପ୍ରକାର ସଂକ୍ରମଣ ରୋଗ । ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଉପରେ ପ୍ରଭାବ ପକାଏ ୟ ।ମାଂସପେଶୀରେ ଦୁର୍ବଳତା, ଶରୀରରେ ଝିମଝିମ୍ ହେବା, ଶରୀରର ସନ୍ତୁଳନ ବିଗିଡ଼ିବା ଓ ପକ୍ଷାଘାତର କାରଣ ସାଜେ । ସ୍ୱାସ୍ଥ୍ୟ ବିଭାଗର କରିବାନୁସାରେ, ପୁଣେର ଗ୍ରାମାଞ୍ଚଳରେ ୩୯, ମନପାରେ ୧୩, ପିମ୍ପରି ଚିଞ୍ଚୱଡ଼ରେ



ମନପାରେ ୧୨ ଓ ୩ ଜଣ ଅନ୍ୟ ଜିଲ୍ଲାରୁ ସଂକ୍ରମିତ ହୋଇଛନ୍ତି । ସେହିପରି ଏଥିରେ ୪୩ ଜଣ ପୁରୁଷ ଓ ୨୪ ଜଣ ମହିଳା ସାମିଲ । ଏମାନଙ୍କ ମଧ୍ୟରୁ ୧୩ ଜଣ ସଂକ୍ରମିତଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି ।୧୯ ବର୍ଷ ଭିତରେ ୩୩ ଜଣ ସଂକ୍ରମିତ ହୋଇଥିବା ବେଳେ ୨୦ରୁ ୮୦ ବର୍ଷ ମଧ୍ୟରେ ମୋଟ୍ ୩୪ ଜଣ ସଂକ୍ରମିତ ରୋଗୀ ଅଛନ୍ତି । କହିରଖୁ କି, ଏହି ରୋଗର ନିୟନ୍ତ୍ରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରିନାହିଁ । ପୁଣେ ବ୍ୟାପୁଥିବା ଜିବିଏସ୍ ମାମଲାକୁ ନେଇ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର କହିଛନ୍ତି ଯେ, ଖୁବ୍ଶୀଘ୍ର ଏହି ସଂକ୍ରମଣ ଉପରେ କାବୁ କରିବାକୁ ପ୍ରୟାସ କରାଯାଉଛି। ରାଜ୍ୟବାସୀଙ୍କୁ ଭୟଭୀତ ନ ହେବାକୁ କହିଛନ୍ତି। ସଂକ୍ରମଣ ସଂଖ୍ୟା ଅଚାନକ ବୃଦ୍ଧି ପାଉଥିବାରୁ ଏଥିପାଇଁ ଏକ ରାପିଡ୍ ରେସପନ୍ସ ଟିମ୍ ଗଠନ କରାଯାଇଛି । ରିପୋର୍ଟ ଅନୁସାରେ, ଜିବିଏସ୍ ମାମଲାରେ ପ୍ରଥମ ସନ୍ଦିଗ୍ଧ ୬୪ ବର୍ଷୀୟ ମହିଳାଙ୍କୁ ମୃତ୍ୟୁ ହୋଇଛି । ଏହା ବ୍ୟାକ୍ଟେରିଆ ଦ୍ୱାରା ସଂକ୍ରମିତ ହୋଇଥାଏ ।ୟ ଟିକାକରଣ ପରେ ମଧ୍ୟ ଏହି ରୋଗରେ ସଂକ୍ରମିତ ହେବାର ସମ୍ଭାବନା ରହିଛି । ରୋଗୀ ୨ ସପ୍ତାହ ଭିତରେ ଜ୍ୱର, କାଶ, ଥଣ୍ଡା, ପେଟ ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ । ଏଭଳି ଲକ୍ଷଣ ୨-୩ ଦିନରୁ ସପ୍ତାହ ଧରି ଦେଖାଯାଏ ।ପୁଣେରେ ଜିବିଏସ୍ ମାମଲା ବଢ଼ିବାର କାରଣ କେମ୍ପିଲୋବ୍ୟାକ୍ଟର ଜେଜୁନି । ଏହା ଏକ ପ୍ରକାର ଜୀବାଣୁ । ଏହା ମୁଖ୍ୟତଃ ଅପରିଷ୍କାର କୁକୁଡ଼ା ମାଂସ, ଡାଏରୀ, ଦୂଷିତ ଜଳ ସେବନ କରିବା ଦ୍ୱାରା ଲୋକଙ୍କଠାରେ ସଂକ୍ରମିତ ହୋଇଥାଏ ।

# ଆଦାନୀ ଗ୍ରୀନକୁ ଶ୍ରୀଲଙ୍କା ଝଟକା

**ନୂଆଦିଲ୍ଲୀ, ୨୪।୧ (ମହାଭାରତ):** ଗୌତମ ଆଦାନୀ ଗ୍ରୁପକୁ ବଡ଼ ଝଟକା । ଆଦାନୀ ଗ୍ରୀନ୍ ଏନର୍ଜି ସହ ଶ୍ରୀଲଙ୍କା ୪୪୦ ମିଲିୟନ ଡଲାର ପାୱାର ପରଚେଜ୍ ଡିଲକୁ ରଦ୍ଦ କରିଦେଇଛି । ସେଭଳି ଏହି ପ୍ରୋଜେକ୍ଟର ସମୀକ୍ଷା କରିବା ପାଇଁ ଏକ କମିଟି ଗଠନ କରାଯାଇଛି । ଏହି ଖବର ଭିତରେ ଶୁକ୍ରବାର ଆଦାନୀ ଗ୍ରୁପର ଲିଷ୍ଟେଡ୍ ଅଧିକାଂଶ କମ୍ପାନୀର ସେୟାର ଖୁବ୍ ହ୍ରାସ୍ ଘଟିଛି । ଶ୍ରୀଲଙ୍କାର ଲିଡିଂ ବିଜନେସ୍ ନ୍ୟୁଜ ପେପର ଡେଲି ଏଫ୍ଟିର ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶର ରାଷ୍ଟ୍ରପତି ଅନୁରା କୁମାରା ଡିସନାୟକେଙ୍କ ନେତୃତ୍ୱରେ କ୍ୟାବିନେଟ୍ ଆଦାନୀ ଗ୍ରୁପକୁ ବଡ଼ ଝଟକା ଦେଇଛି । କ୍ୟାବିନେଟ୍ ମନ୍ନାରା ଓ ପୁନାରିନ୍ରେ ୱିଣ୍ଡ ଏନର୍ଜି ପ୍ଲାଣ୍ଟ ନିର୍ମାଣର କନଟ୍ରାକ୍ଟ ଆଦାନୀ ଗ୍ରୀନ୍ ଏନର୍ଜୀ ଏସ୍ଏଲ ଲିମିଟେଡକୁ ଦେବାର ନିଷ୍ପତ୍ତିକୁ ପ୍ରତ୍ୟାହାର କରିଛି । ଏହା ସହ ପାୱାର ପରଚେଜ୍ ଏଗ୍ରିମେଣ୍ଟ ରଦ୍ଦ ହୋଇଯାଇଛି । ଉଲ୍ଲେଖନୀୟ ଯେ, ବର୍ତ୍ତମାନର ରାଷ୍ଟ୍ରପତି ନିଜର ନିର୍ବାଚନ ଅଭିଯାନ ସମୟରେ ପ୍ରତିଶ୍ରୁତି ଦେଇଥିଲେ ଏହି ଡିଲକୁ ରଦ୍ଦ କରିବେ । କେବଳ ସେତିକି ନୁହେଁ ଶ୍ରୀଲଙ୍କାରେ ୱିଣ୍ଡ ଏନର୍ଜିର ବିକାଶ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଟ୍ରେଡର୍ସଙ୍କୁ ଆମନ୍ତ୍ରିତ କରିବେ । ସେ ନିଜର ପ୍ରତିଶ୍ରୁତି ପାଳନ କରି ୩୦ ଡିସେମ୍ବରରେ କ୍ୟାବିନେଟକୁ ଏହି ଡିଲ୍ ରଦ୍ଦ କରିବାକୁ ନିଷ୍ପତ୍ତି ନେବାକୁ ରାଜି କରାଇଥିଲେ । ଗୁରୁବାର ବଜାର ବନ୍ଦ ହେବାପରେ ଆଦାନୀ ଗ୍ରୀନ୍ ଏନର୍ଜି ନିଜର ଋଣ ୨୫ ର ତୃତୀୟ ତ୍ରୟମାସିକ ଆର୍ଥିକ ଫଳାଫଳ ଜାରି କରିଛି । କମ୍ପାନୀର ପରିଚାଳନାରୁ ମିଳିଥିବା କନସୋଲିଡେଟେଡ୍ ରେଭିନ୍ୟୁ ବାର୍ଷିକ ଆଧାରରେ ୨.୩୩% ବଢ଼ି ୨,୩୬୫ କୋଟି ହୋଇଯାଇଛି, ଯାହାକି Q3 FY24 ରେ ୨,୩୧୧ କୋଟି ଥିଲା । ସେଭଳି ପ୍ରଫିଟ୍ ଆଫ୍ଟର ଟ୍ୟାକ୍ସରେ ୮୫%ବାର୍ଷିକ ବୃଦ୍ଧି ହୋଇଯାଇଛି । ଏହି ଲାଭ ୪୭୪ କୋଟି ଟଙ୍କା ରହିଛି, ଯାହାକି ଗତ ବର୍ଷ ସମାନ ତ୍ରୟମାସିକରେ ୨[illegible] କୋଟି ଥିଲା।

# ଦିଲ୍ଲୀ ଭୋଟରଙ୍କୁ କେଜ୍ରିୱାଲଙ୍କ ଅପିଲ୍

**ନୂଆଦିଲ୍ଲୀ, ୨୪।୧ (ମହାଭାରତ):** ଆମ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ (ଶୁକ୍ରବାର) ପୁଣି ଥରେ ଗଣମାଧ୍ୟମ ସାମ୍ନାକୁ ଆସିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ ଦିଲ୍ଲୀବାସୀଙ୍କୁ ନିବେଦନ କରିଛନ୍ତି ଯେ, ଜୋତା, କମ୍ବଳ, ଶାଢ଼ି ଏବଂ ୧୧୦୦ ଟଙ୍କା ବଦଳରେ ନିଜର ଭୋଟ୍ ବିକ୍ରି ନ କରନ୍ତୁ । ସେ କହିଛନ୍ତି ଯେ, ବାବା ସାହେବ ଆମ୍ବେଦକର ଆପଣଙ୍କୁ ଭୋଟ ଦେବାର ଅଧିକାର ଦେଇଛନ୍ତି । ତାଙ୍କୁ ସମ୍ମାନ ଦିଅ । ତୁମେ ଯାହାକୁ ଚାହୁଁଛ ଭୋଟ ଦିଅ, କିନ୍ତୁ ଯିଏ ତୁମର ଭୋଟ କିଣିବାକୁ ଚେଷ୍ଟା କରୁଛି ତାଙ୍କୁ ଭୋଟ ଦିଅ ନାହିଁ । କେଜରିୱାଲ କହିଛନ୍ତି ଯେ, ଦିଲ୍ଲୀରେ ଭୋଟ୍ ହାସଲ କରିବା ପାଇଁ ଶାଢ଼ି, ଜୋତା, କମ୍ବଳ, ଜ୍ୟାକେଟ୍, ରାସନ୍ ଏବଂ ସୁନା ଚେନ୍ ବଣ୍ଟନ କରାଯାଉଛି । ଏତେ ଟଙ୍କା କେଉଁଠୁ ଆସୁଛି ? ଏହି ସମସ୍ତ ଟଙ୍କା ଦୁର୍ନୀତିରୁ ଆସିଛି । ସେମାନେ ଦେଶର ଲୋକଙ୍କୁ ଲୁଟ କରି ଏହି ଟଙ୍କା ରୋଜଗାର କରିଛନ୍ତି । କେଜରିୱାଲ ଦିଲ୍ଲୀବାସୀଙ୍କୁ ଆହ୍ୱାନ କରି କହିଛନ୍ତି କି,



ସେମାନେ ଯାହା ବାଣ୍ଟୁଛନ୍ତି ତାହା ନିଅ, କିନ୍ତୁ ଗୋଟିଏ କଥା ମନେରଖ, ନିଜ ଭୋଟ ବିକ୍ରି କର ନାହିଁ । କେଜରିୱାଲ କହିଛନ୍ତି ଯେ, ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ଆପଣ ସେମାନଙ୍କ ଠାରୁ ଯଥାସମ୍ଭବ ଟଙ୍କା ଲୁଟନ୍ତୁ କିନ୍ତୁ ଏହି ଲୋକ ମାନଙ୍କୁ ଭୋଟ ଦିଅନ୍ତୁ ନାହିଁ । ମତଦାନ ଅଧିକାର ବାବା ସାହେବ ଆମ୍ବେଦକର ଦେଇଥିଲେ । ଏହା ସମ୍ବିଧାନ ସଭାରେ ଆଲୋଚନା ହୋଇଥିଲା । କିଛି ଲୋକ କହିଥିଲେ ଯେ ଯେଉଁମାନେ ନିରକ୍ଷର ସେମାନଙ୍କୁ ଭୋଟ ଦେବାର ଅଧିକାର ମିଳିବା ଉଚିତ ନୁହେଁ । କିନ୍ତୁ ବାବା ସାହେବ ସେହି ଲୋକଙ୍କ ବିରୁଦ୍ଧରେ ଲଢ଼ିଥିଲେ ଏବଂ ଆପଣଙ୍କୁ ଭୋଟ ଦେବାର ଅଧିକାର ଦେଇଥିଲେ । ତେଣୁ ଏହି ଭୋଟ ଦେବାର ଅଧିକାରକୁ ସୁରକ୍ଷିତ ରଖନ୍ତୁ ।

# ଆମେରିକାରେ ୫୩୮ ବେଆଇନ ଅନୁପ୍ରବେଶକାରୀ ଗିରଫ

**ୱାଶିଂଟନ, ୨୪।୧ (ମହାଭାରତ):** ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଆମେରିକା ନିଜ ସୀମାରୁ ବିଭିନ୍ନ ଦେଶର ୫୦୦ରୁ ଅଧିକ ଅନୁପ୍ରବେଶକାରୀଙ୍କୁ ଗିରଫ କରିଛି । ହ୍ୱାଇଟ୍ ହାଉସ୍ ଅନୁଯାୟୀ, ୫୩୮ ଅନୁପ୍ରବେଶକାରୀଙ୍କୁ ଆମେରିକା ସେନା ଧରିଛି । ଏହାବ୍ୟତୀତ ୩୭୩ ଜଣ ବନ୍ଦୀଙ୍କୁ ମଧ୍ୟ ଅଟକ ରଖାଯାଇଛି । ହ୍ୱାଇଟ୍ ହାଉସ୍ ଅନୁଯାୟୀ, ଶତାଧିକ ଲୋକଙ୍କୁ ସାମରିକ ବିମାନରେ ଫେରାଇ ଦିଆଯାଇଛି । ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ମାତ୍ରେ ସେ ସୀମାରେ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ । ଏହାପରେ ସୀମାରେ ଅନୁପ୍ରବେଶ ରୋକିବା ପାଇଁ ଆମେରିକା ସେନା ଅଧିକ ସଜାଗ ହୋଇଛି । ଇତିମଧ୍ୟରେ ପେଣ୍ଟାଗନ ମେକ୍ସିକୋ ସୀମାକୁ ୧୫୦୦ ଅତିରିକ୍ତ ସୁରକ୍ଷା କର୍ମୀ ପଠାଇଛି । ଏବେ ଯେଉଁମାନେ ଆମେରିକାରେ ଅନୁପ୍ରବେଶ କରିବେ ସେମାନଙ୍କୁ ଗିରଫ କରାଯିବ । ଟ୍ରମ୍ପ ପ୍ରଶାସନ ଲକ୍ଷ ଲକ୍ଷ ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସେମାନଙ୍କ ଦେଶକୁ ପଠାଇବା ପାଇଁ ପ୍ରସ୍ତୁତି ଚଳାଇଛି । ଏଥିରେ ହଜାର ହଜାର ଭାରତୀୟ ମଧ୍ୟ ସାମିଲ ଅଛନ୍ତି । ଟ୍ରମ୍ପ ଏକ ନୂଆ ଇମିଗ୍ରେସନ୍ ପଲିସି ପ୍ରସ୍ତୁତ କରିଛନ୍ତି, ଯାହା ଅଧୀନରେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରୁଥିବା ପ୍ରବାସୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସେମାନଙ୍କ ଦେଶକୁ ପଠାଇବାର ବ୍ୟବସ୍ଥା ରହିଛି । କାରଣ ଏହି ଲୋକମାନଙ୍କୁ ଦେଶର ସୁରକ୍ଷା ପ୍ରତି ବିପଦ ବୋଲି ବର୍ଣ୍ଣନା କରାଯାଇଛି । ନିର୍ବାଚନ ଜିତିବା ପୂର୍ବରୁ ଟ୍ରମ୍ପ ଏକ ନୂଆ ଇମିଗ୍ରେସନ୍ ପଲିସି ଆଣି ପ୍ରବାସୀ ଅନୁପ୍ରବେଶକାରୀଙ୍କୁ ସେମାନଙ୍କ ଦେଶକୁ ପଠାଇବାକୁ ଘୋଷଣା କରିଥିଲେ ।

## ୱାକଫ ସଂଶୋଧନ ସଂଶୋଧନ ବିଲ୍

# ଜେପିସି ବୈଠକରେ ହଙ୍ଗାମା

ନୂଆଦିଲ୍ଲୀ, ୨୪।୧ (**ମହାଭାରତ**): ୱାକଫ୍ ସଂଶୋଧନ ବିଲ୍ ଉପରେ ଥିବା ଜେପିସି ବୈଠକରେ ହଙ୍ଗାମା। ଏହି ଉତ୍ତେଜନାକୁ ଦୃଷ୍ଟିରେ ରଖି ମାର୍ଶାଲମାନଙ୍କୁ ଡକାଯାଇଥିଲା କିନ୍ତୁ ବିରୋଧ ଥମିନଥିଲା। ଏଥିପାଇଁ ଅସଦୁଦ୍ଦିନ ଓୱେସି ଏବଂ କଲ୍ୟାଣ ବାନାର୍ଜୀଙ୍କ ସମେତ ୧୦ ଜଣ ବିରୋଧୀ ସାଂସଦଙ୍କୁ ଜେପିସି ସଦସ୍ୟତାରୁ ଦିନକ ପାଇଁ ନିଲମ୍ବିତ କରାଯାଇଛି। ବିରୋଧୀ ସାଂସଦମାନେ ଅଭିଯୋଗ କରିଛନ୍ତି ଯେ ସେମାନଙ୍କ କଥା ଶୁଣାଯାଉନାହିଁ। ଏହା ପ୍ରଥମ ଥର ନୁହେଁ ଯେ ଜେପିସି ବୈଠକରେ ବିଶୃଙ୍ଖଳା ହୋଇଛି। ଏହି ବୈଠକରେ ପୂର୍ବରୁ ମଧ୍ୟ ବିବାଦ ଦେଖାଦେଇଛି। ୱାକଫ୍ ଉପରେ ଜେପିସିର ଏହି ବୈଠକ ଦୁଇ ଦିନ ଧରି ଚାଲିବ। ତେବେ ଜେପିସି ରିପୋର୍ଟ ୨୭ କିମ୍ବା ୨୮ ଜାନୁଆରୀରେ ଦାଖଲ କରାଯାଇପାରେ।



ବୈଠକରେ ବିଲ୍ ଉପରେ ଆଲୋଚନା କରାଯିବ ଏବଂ ଡ୍ରାଫ୍ଟ ରିପୋର୍ଟକୁ ଚୂଡ଼ାନ୍ତ କରାଯିବ। କିନ୍ତୁ ବୈଠକର ପ୍ରଥମ ଦିନରେ ହିଁ ଏହାକୁ ନେଇ ପ୍ରବଳ ହଙ୍ଗାମା ହୋଇଥିଲା। ଅରବିନ୍ଦ ସାୱନ୍ତ କହିଛନ୍ତି ଯେ ସମୟ ଦିଆଯାଇ ନଥିଲା, ସେମାନେ ଶୀଘ୍ର ହେଉଛନ୍ତି। ଶୁକ୍ରବାର ପାଇଁ ୧୦ ଜଣ ସଦସ୍ୟଙ୍କୁ ନିଲମ୍ବିତ କରାଯାଇଛି। ଆମେ ୩୧ ତାରିଖରେ ଧାରା ଉପରେ ଆଲୋଚନା ଚାହୁଁଥିଲୁ କିନ୍ତୁ ସେମାନେ ୨୭ ଜାନୁଆରୀରେ ଜିଦ୍ ଧରିଛନ୍ତି।

କମିଟି ସଦସ୍ୟମାନଙ୍କର ଦାବି ଥିଲା ଯେ ରିପୋର୍ଟ ଗ୍ରହଣ କରିବାର ତାରିଖ ୩୧ ଜାନୁଆରୀ ସ୍ଥିର କରାଯାଉ। ୱାକଫ ଉପରେ ଜେପିସିରେ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନଙ୍କ ହଟ୍ଟଗୋଳର ମୁଖ୍ୟ କାରଣ ଥିଲା। ପୂର୍ବରୁ କମିଟିର ରିପୋର୍ଟ ପ୍ରସ୍ତୁତ କରିବା ପୂର୍ବରୁ ଧାରା ସଂଶୋଧନ ଉପରେ ଆଲୋଚନା ପାଇଁ ଜାନୁଆରୀ ୨୪ ଏବଂ ୨୫ ତାରିଖ ସ୍ଥିର କରାଯାଇଥିଲା। କିନ୍ତୁ ଗୁରୁବାର ବିଳମ୍ବିତ ରାତିରେ ତାରିଖକୁ ୨୭ ଜାନୁଆରୀକୁ ପରିବର୍ତ୍ତନ କରାଯାଇଥିଲା। କମିଟିରେ ଥିବା ବିରୋଧୀ ଦଳର ସାଂସଦମାନଙ୍କର ଦାବି ଥିଲା ଯେ ଧାରା ଅନୁସାରେ ଧାରା ବୈଠକ ୨୭ ଜାନୁଆରୀ ପରିବର୍ତ୍ତେ ୩୧ ଜାନୁଆରୀରେ କରାଯାଉ। ବିରୋଧୀ ଦଳଗୁଡ଼ିକର ସାଂସଦମାନଙ୍କ ଦାବି ପାଇଁ କମିଟିର ଅଧ୍ୟକ୍ଷ ପ୍ରସ୍ତୁତ ନଥିଲେ। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ଆଜି ୨୪ ଜାନୁଆରୀରେ ଧାରା ଅନୁସାରେ ସଂଶୋଧନ ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ଥିଲା। କମିଟିର ୨୧ ଲୋକସଭା ଏବଂ ୧୦ ରାଜ୍ୟସଭା ସଦସ୍ୟଙ୍କ ମଧ୍ୟରୁ ୧୩ ଜଣ ବିରୋଧୀ ଦଳର। ତଳ ସଦନରେ ନଅ ଜଣ ଏବଂ ଉପର ସଦନରେ ଚାରି ଜଣ ସଦସ୍ୟ ଅଛନ୍ତି। ଏହା ବିଶ୍ୱାସ କରାଯାଉଛି ଯେ କମିଟି ଆଗାମୀ ବଜେଟ ଅଧିବେଶନରେ ଏହାର ୫୦୦ ପୃଷ୍ଠାର ରିପୋର୍ଟ ଉପସ୍ଥାପନ କରିପାରେ।

ଭୁବନେଶ୍ୱର, ଶନିବାର ୨୫,ଜାନୁଆରୀ ୨୦୨୫
Bhubaneswar, Saturday 25, January, 2025
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ଆଜି ଭାରତ-ଇଂଲଣ୍ଡ ଦ୍ୱିତୀୟ ଟି୨୦



ଚେନ୍ନାଇ,୨୪।୧(ଏଜେନ୍ସି):: ଆସନ୍ତାକାଲି ଚେନ୍ନାଇର ଏମ୍ଏ ଚିଦାମ୍ବରମ୍ ପିଚରେ ଭାରତ-ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟି୨୦ ମ୍ୟାଚ୍ ହେବ। ପ୍ରଥମ ମ୍ୟାଚ୍ ଜିଣି ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ପ୍ରଥମ ମ୍ୟାଚ୍ ହାରିବା ପରେ ଟିମ୍ ଇଣ୍ଡିଆଠୁ ମ୍ୟାଚ୍ ଛଡ଼ାଇ ନେବାକୁ ବ୍ଲୁ ପ୍ରିଣ୍ଟ କରିଛି ଜସ୍ ବଟଲରଙ୍କ ଇଙ୍ଗଲିଶ୍ ଟିମ୍ । ସେଥିଲାଗି ପ୍ଲେଇଙ୍ଗ ଇଲେଭେନକୁ ଫୋକସ୍ କରିଛି ଭ୍ରମଣକାରୀ ଦଳ । ଦ୍ୱିତୀୟ ଟି-୨୦ ପାଇଁ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇଛନ୍ତି ଦ୍ରୁତ ବୋଲର ବ୍ରେୟଣ୍ଡନ୍ କ୍ରେସ୍ । ଦ୍ୱାଦଶ ଖେଳାଳି ଭାବେ ଟିମ୍ରେ ଅଛନ୍ତି ଜେମି ସ୍ମିଥ। ଶୁକ୍ରବାର ଇଂଲଣ୍ଡ ଟିମ୍ ପକ୍ଷରୁ ଘୋଷିତ ହୋଇଛି ଦ୍ୱିତୀୟ ଟି-୨୦ର ଚୂଡ଼ାନ୍ତ ଟିମ୍ । ଜାନୁଆରୀ ୨୫ରେ ମୁକାବିଲା। ଦିନକ ପୂର୍ବରୁ ଟିମ୍ ବଟଲର୍ ଭେନ୍ୟୁରେ ପ୍ରାକ୍ଟିସ୍ ଆରମ୍ଭ କରିଛି। ତେବେ ଭାରତୀୟ ଦଳରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

କୋଲକାତାର ଇଡନ୍ ଗାର୍ଡେନ୍ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚରେ ଇଂଲଣ୍ଡ ଟିମକୁ ଅତି ସହଜରେ ମାତ ଦେଇଥିଲା ଭାରତୀୟ ଟିମ୍ । ମ୍ୟାଚରେ ଇଂଲଣ୍ଡ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିବା ଗସ୍ ଏଟକିଂସନଙ୍କୁ ଦ୍ୱିତୀୟ ଟି-୨୦ରୁ ଡ୍ରପ୍ କରାଯାଇଛି। ଏଟକିଂସନଙ୍କ ସ୍ଥାନରେ ବ୍ରେୟଣ୍ଡନ କ୍ରେସଙ୍କୁ ପ୍ଲେଇଙ୍ଗ ଇଲେଭେନରେ ସାମିଲ କରାଯାଇଛି । ୨୯ ବର୍ଷୀୟ ଗ୍ରେସ୍ ଇଂଲଣ୍ଡ ପାଇଁ ବର୍ତ୍ତମାନ ସୁଦ୍ଧା ୫ଟି ଟେଷ୍ଟ, ୧୯ଟି ଦିନିକିଆ। ଏବଂ ୪ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଅନ୍ତରାଷ୍ଟ୍ରୀୟ ଟେଷ୍ଟରେ ୨୭, ଦିନିକିଆରେ ୨୩ ଏବଂ ଟି-୨୦ରେ ୬ ୱିକେଟ୍ ନେଇଛନ୍ତି ।

ସିରିଜର ପ୍ରଥମ ଟି-୨୦ରେ ଇଂଲଣ୍ଡ ଟିମ୍ କେବଳ ୧୩୨ ରନ୍ କରିବାରେ ସକ୍ଷମ ହୋଇଥିଲା। ବ୍ୟାଟର ବିଫଳ ହେବା ପରେ ବୋଲିଂ ଡିପାର୍ଟମେଣ୍ଟ ବି ପ୍ରଭାବ ପକାଇ ପାରିନଥିଲା । ଭାରତୀୟ ଓପନର ଅଭିଷେକ ଶର୍ମାଙ୍କ ଧୁଆଁଧାର ଅର୍ଦ୍ଧଶତକ ବଳରେ ଟିମ୍ କେବଳ ୧୨.୫ ଓଭରରେ ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା।

ଦ୍ୱିତୀୟ ଟି-୨୦ ପାଇଁ ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ: ବେନ୍ ଡକେଟ୍, ଫିଲ ସଲ୍ଟ (ୱିକେଟ୍ କିପର), ଜସ୍ ବଟଲର୍ (ଅଧିନାୟକ), ହ୍ୟାରି ବ୍ରୁକ୍, ଲିୟାମ ଲିଭିଙ୍ଗଷ୍ଟନ, ଜ୍ୟାକବ ବେଥେଲ୍, ଜେମି ଓବରଟନ୍, ବ୍ରେୟଡନ୍ କ୍ରେସ୍, ଜୋଫ୍ରା ଆର୍ଚର, ଆଦିଲ ରସିଦ, ମାର୍କ ଉଡ୍।

## ପୁଣି ବାଦ୍ ପଡ଼ିଲେ ଶାମି ?

ନୂଆଦିଲ୍ଲୀ,୨୪।୧: ଭେଟେରାନ ଦ୍ରୁତ ବୋଲର୍ ମହମ୍ମଦ ଶାମୀଙ୍କ ପ୍ରଶଂସକଙ୍କ ପାଇଁ ନିରାଶାଜନକ ଖବର। ଆହତ ସମସ୍ୟା ଯୋଗୁ ଦୀର୍ଘ ୧୪ ମାସ ଧରି ଦଳରୁ ସେ ବାଦ୍ ପଡ଼ିଥିବା ବେଳେ ଇଂଲଣ୍ଡ ବିପକ୍ଷ ସିରିଜରେ ଖେଳିପାରନ୍ତି ବୋଲି କୁହାଯାଉଥିଲା। ହେଲେ ପ୍ରଥମ ମ୍ୟାଚ୍ରେ ତାଙ୍କୁ ସୁଯୋଗ ମିଳି ନ ଥିଲା।



ଏବେ ଦ୍ୱିତୀୟ ଟି୨୦ ମ୍ୟାଚ୍ରୁ ମଧ୍ୟ ବାଦ୍ ପଡ଼ିବେ ବୋଲି କୁହାଯାଉଛି। ଏଣୁ ପୁଣିଥରେ ନୀଳ ଜର୍ସିରେ ତାଙ୍କୁ ଦେଖିବାକୁ ଅପେକ୍ଷା କରିବାକୁ ହେବ। ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ଦ୍ୱିତୀୟ ଟି୨୦ ଜାନୁଆରୀ ୨୫ରେ ଚେନ୍ନାଇରେ ଖେଳାଯିବ। ଶାମି ଏହି ମୁକାବିଲାରୁ ବାଦ୍ ପଡ଼ିପାରନ୍ତି। କାରଣ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇନାହାନ୍ତି। ତେବେ କୋଲକାତାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ପରେ ଯୁବ ବ୍ୟାଟ୍ସମ୍ୟାନ ଅଭିଷେକ ଶର୍ମା କହିଥିଲେ ଶାମି ଏବେ ସମ୍ପୂର୍ଣ୍ଣ ଫିଟ। ହେଲେ ତାଙ୍କୁ ଦଳରେ କାହିଁକି ସାମିଲ କରାଯାଇନାହିଁ ତାହା ମ୍ୟାନେଜମେଣ୍ଟର ନିଷ୍ପତ୍ତି। ଏବେ ସତ କ'ଣ ତାହା ଶାମି ନଚେତ ଚୟନକର୍ତ୍ତା କହିପାରିବେ।

ଅପରପକ୍ଷେ ଇଂଲଣ୍ଡ ବିପକ୍ଷରେ ଭାରତ ୫ ମ୍ୟାଚ୍ ଖେଳିବ। ଏଣୁ ଶାମିଙ୍କ ଉପରେ ବୋର୍ଡ କୌଣସି ଚାପ ଦେବାକୁ ଚାହୁଁ ନ ଥାଇପାରେ। ସେହିଭଳି ଚାମ୍ପିଅନ୍ସ ଟ୍ରଫିକୁ ଧ୍ୟାନରେ ରଖି ଦଳ ତାଙ୍କୁ ଅଧିକ ବିଶ୍ରାମ ଦେବାକୁ ଚାହୁଁଛି।

# ଅଷ୍ଟ୍ରେଲିଆନ୍ ଓପନରୁ ବାଦ ପଡ଼ିଲେ ଜୋକୋଭିକ୍

ନୂଆଦିଲ୍ଲୀ,୨୪।୧: ଷ୍ଟାର ଟେନିସ୍ ଖେଳାଳି ନୋଭାକ ଜୋକୋଭିଚ୍ ୨୦୨୫ ଅଷ୍ଟ୍ରେଲିଆନ୍ ଓପନରୁ ବାଦ ପଡ଼ିଛନ୍ତି। ଜୋକୋଭିଚ୍ ଆଘାତ ଯୋଗୁଁ ସେମିଫାଇନାଲ ମ୍ୟାଚ୍ ମଝିରେ ରିଟାର୍ଡ ନେଇଥିଲେ। ଜର୍ମାନୀର ଆଲେକଜାଣ୍ଡାର ଜେଭରେଭଙ୍କ ବିପକ୍ଷରେ ସେ ଖେଳୁଥିଲେ। ତାଙ୍କର ଜେଭରେଭ୍ ପ୍ରଥମ ସେଟ୍ ୭-୬ରେ ଜିତିଥିଲେ କିନ୍ତୁ ପରେ ଜୋକୋଭିଚ୍ ଅବସର ନେଇଥିଲେ। ଯାହା ଜର୍ମାନ ଖେଳାଳିଙ୍କୁ ୱାକଓଭର ଦେଇଥିଲା। ଏହାସହ ଫାଇନାଲକୁ ଏଣ୍ଟ୍ରି କରିଛନ୍ତି ଜେଭେରେଭ୍। ସେପଟେ ଦ୍ୱିତୀୟ ସେମିଫାଇନାଲରେ ଇଟାଲୀର ଯାନିକ୍ ସିନର ଏବଂ ଆମେରିକାର ବେନ୍ ସେଲଟନଙ୍କ ମଧ୍ୟରେ ମୁକାବିଲା ହେବ। ଏହାର ବିଜେତା ଫାଇନାଲରେ ଜେଭେରେଭଙ୍କ ଭେଟିବେ।

ପ୍ରକାଶଥାଉକି- ଜୋକୋଭିଚ୍ ସର୍ବାଧିକ ସିଙ୍ଗଲ୍ସ (ପୁରୁଷ ଏବଂ ମହିଳା ସିଙ୍ଗଲ୍ସ) ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା କ୍ଷେତ୍ରରେ ପୂର୍ବତନ ଅଷ୍ଟ୍ରେଲିୟ କିମ୍ବଦନ୍ତୀ ମାର୍ଗାରେଟ କୋର୍ଟଙ୍କ ସହ ସମକକ୍ଷ। ସେମାନେ ମିଳିତ ଭାବରେ ମୋଟ ୨୪ଟି ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତ।



ଜୋକୋଭିଚଙ୍କ ସ୍ୱପ୍ନ ଥିଲା ୨୦୨୪ରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ ମାରାଗେଟଙ୍କ ରେକର୍ଡ ଭାଙ୍ଗିଥାନ୍ତେ। କିନ୍ତୁ ତାଙ୍କର ଏହି ସ୍ୱପ୍ନ ପୁଣି ଭାଙ୍ଗି ଯାଇଛି।

ସର୍ବାଧିକ ଗ୍ରାଣ୍ଡସ୍ଲାମ (ପୁରୁଷ ଏବଂ ମହିଳା ସିଙ୍ଗଲ୍ସ)

୧. ନୋଭାକ ଜୋକୋଭିଚ୍ (ପୁରୁଷ-ସର୍ବିଆ)- ୨୪ (ଅଷ୍ଟ୍ରେଲିଆ-୧୦, ଫରାସୀ-୩, ୱିମ୍ବଲଡନ-୭, ଆମେରିକା-୪)

୨. ମାର୍ଗାରେଟ କୋର୍ଟ (ମହିଳା-ଅଷ୍ଟ୍ରେଲିଆ)- ୨୪ (ଅଷ୍ଟ୍ରେଲିଆ-୧୧, ଫରାସୀ-୫, ୱିମ୍ବଲଡନ-୩, ଆମେରିକା-୫)

୩. ସେରେନା ୱିଲିୟମ୍ସ (ମହିଳା-ଆମେରିକା)- ୨୩ (ଅଷ୍ଟ୍ରେଲିଆ-୭, ଫରାସୀ-୩, ୱିମ୍ବଲଡନ-୭, ଆମେରିକା-୬)

୪. ରାଫେଲ ନାଡାଲ (ପୁରୁଷ-ସ୍ପେନ)- ୨୨ (ଅଷ୍ଟ୍ରେଲିଆ-୨, ଫରାସୀ-୧୪, ୱିମ୍ବଲଡନ-୨, ଆମେରିକା-୪)

୫. ଷ୍ଟେଫି ଗ୍ରାଫ୍ (ମହିଳା-ଜର୍ମାନୀ)- ୨୨ (ଅଷ୍ଟ୍ରେଲିଆ-୪, ଫରାସୀ-୬, ୱିମ୍ବଲଡନ-୭, ଆମେରିକା-୫)।

୬. ରୋଜର ଫେଡେରର (ସ୍ୱିଜରଲ୍ୟାଣ୍ଡ)- ୨୦ (ଅଷ୍ଟ୍ରେଲିଆ-୬, ଫରାସୀ-୧, ୱିମ୍ବଲଡନ-୮, ଆମେରିକା-୫)।

# ୨୦୩୬ ଅଲିମ୍ପିକ୍ସରେ ସାମିଲ ହୋଇପାରେ ଖୋ ଖୋ

## କ୍ରିକେଟ୍, କବାଡ଼ି, ଚେସ୍ ଓ ସ୍କ୍ୱାସ୍ ଉପରେ ମଧ୍ୟ ରହିଛି ନଜର

ନୂଆଦିଲ୍ଲୀ,୨୪।୧: ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଭାରତ ସରକାର ଅନ୍ତର୍ଜାତୀୟ ଅଲିମ୍ପିକ୍ସ ପରିଷଦ (ଆଇଓସି)କୁ ଆଗ୍ରହ ପତ୍ର ପଠାଇଛନ୍ତି। କେବଳ ଆଗ୍ରହ ପତ୍ର ପଠାଇ ନାହାନ୍ତି ଭାରତ ଯେମିତି ଆଗାମୀ ଦେଢ଼ ଦଶନ୍ଧି ଭିତରେ ଅନ୍ୟତମ ଅଲିମ୍ପିକ୍ସ ଆୟୋଜକର ମର୍ଯ୍ୟାଦା ଲାଭ କରିବ, ସେ ଦିଗରେ କାମ କରିବା ମଧ୍ୟ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯଦି ୨୦୩୬ ଅଲିମ୍ପିକ୍ସ ଆୟୋଜନ ଅଧିକାର ଭାରତକୁ ମିଳେ, ତା'ହେଲେ ଏଥିରେ ଖୋ ଖୋ ସହ ୬ଟି ସ୍ୱଦେଶୀ ଖେଳ ସାମିଲ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର କହିଛନ୍ତି। ଅଲିମ୍ପିକ୍ସ ପୂର୍ବରୁ ଏସୀୟ କ୍ରୀଡ଼ାରେ ଏସବୁ ଖେଳକୁ ସାମିଲ କରିବାକୁ କ୍ରୀଡ଼ା ମନ୍ତ୍ରାଳୟ ଜୋରଦାର ଉଦ୍ୟମ କରିବ। ଖୋ ଖୋ ଛଡ଼ା ଟ୍ୱେଣ୍ଟି-୨୦ କ୍ରିକେଟ୍, କବାଡ଼ି, ଚେସ୍ ଓ ସ୍କ୍ୱାସ୍ ଭଳି ଖେଳକୁ ଅଲିମ୍ପିକ୍ସ ସ୍ୱୀକୃତି ଲାଗି ସରକାରଙ୍କ ନଜରରେ ଥିବା ସୂଚନା ଦେଇଛନ୍ତି ସେ।



ଖୋ ଖୋ ବିଶ୍ୱକପ୍ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଦଳକୁ ସମ୍ବର୍ଦ୍ଧିତ କରିବା ଅବସରରେ ଶ୍ରୀ ମାଣ୍ଡବ୍ୟ ଆଜି ନୂଆଦିଲ୍ଲୀରେ ପ୍ରଥମ ଖୋ ଖୋ ବିଶ୍ୱକପ୍ର ସଫଳ ଆୟୋଜନକୁ ଭୂୟସୀ ପ୍ରଶଂସା କରିଛନ୍ତି। ଖୋ ଖୋ ଆଗାମୀ ଭବିଷ୍ୟତରେ ଏକ ବିଶ୍ୱସ୍ତରୀୟ ଖେଳ ହୋଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରି ସେ କହିଛନ୍ତି, ସରକାରଙ୍କ ଲକ୍ଷ୍ୟ ହେଉଛି ୨୦୩୬ ଅଲିମ୍ପିକ୍ସରେ ଖୋ ଖୋକୁ ସାମିଲ କରିବା। ଏଥିଲାଗି ଆମ ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଲଗାତାର ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ମହାସଂଘର ଭୂମିକା ଏହି କ୍ଷେତ୍ରରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। କ୍ରୀଡ଼ା ମନ୍ତ୍ରାଳୟ ସମସ୍ତ ଆନୁସଙ୍ଗିକ ସହଯୋଗ ଯୋଗାଇ ଦେବ। ପାରମ୍ପରିକ ଖେଳ ନମନିୟତା ଓ ଏକତାର ବାର୍ତ୍ତାବହ ହୋଇଥା'ନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେମାନେ ପାରମ୍ପରିକ କ୍ରୀଡ଼ା ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିଥା'ନ୍ତି। ଆମ ପାରମ୍ପରିକ ଖେଳରୁ ବିଶ୍ୱ ଅନେକ କିଛି ଶିଖି ପାରିବ। ଖୋ ଖୋ ବିଶ୍ୱକପ୍ରେ ଭାରତର ଐତିହାସିକ ସଫଳତାର ଶ୍ରେୟ ମହିଳା ଦଳର ପ୍ରଶିକ୍ଷକ ସୁମିତ ଭାଟିଆ ୬୦ ଦିନିଆ ପ୍ରଶିକ୍ଷଣ ଶିବିରକୁ ଦେଇଛନ୍ତି। ''ଆମ ଦଳରେ କଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଖେଳାଳି ଥିଲେ। ଏହି ପ୍ରଶିକ୍ଷଣ ଶିବିର ପାଇଁ ସେମାନଙ୍କ ତାଳମେଳ ବିବା ସହ ଦଳଗତ ଭାବନା ବିଥିଲାୟ ଏହା ହିଁ ଆମ ସଫଳତା ରହସ୍ୟ'' ବୋଲି କହିଥିଲେ ସେ।

## ଦ୍ୱିତୀୟ ଥର ପାଇଁ ଫେଲ୍ ହେଲେ ରୋହିତ

ନୂଆଦିଲ୍ଲୀ,୨୪।୧: ପୂର୍ବଭଳି ଖେଳିପାରୁନାହାନ୍ତି ଅଧିନାୟକ ରୋହିତ ଶର୍ମା। ଅନ୍ତର୍ଜାତୀୟ କ୍ରିକେଟରେ ଫେଲ୍ ହେବା ପରେ ଏବେ ସେ ଘରୋଇ କ୍ରିକେଟ ଖେଳୁଛନ୍ତି। ହେଲେ ରଣଜୀ ଟ୍ରଫିର ଦୁଇଟିଯାକ ମ୍ୟାଚରେ ସେ ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଛନ୍ତି। ଜମ୍ମୁ-କଶ୍ମୀର ବିପକ୍ଷ ପ୍ରଥମ ଇନିଂସରେ ଉମର ନଜିରଙ୍କ ବିପକ୍ଷରେ ସେ ସଂଘର୍ଷ କରୁଥିବା ନଜର ଆସିଥିଲା। ସେ ମାତ୍ର ୩ ରନ୍ କରି ଉଇକେଟ ହରାଇଥିଲେ। ସେହିଭଳି ଦ୍ୱିତୀୟ ଇନିଂସରେ ରାଜସ୍ଥାନ ରୟାଲ୍ସର ଏକ ବୋଲର ତାଙ୍କୁ ଆଉଟ୍ କରିଛନ୍ତି। ବୋଲରଜଣଙ୍କ ହେଲେ ଯୁଦ୍ଧବୀର ସିଂ, ଯାହାଙ୍କ କୋଚ୍ ହେଉଛନ୍ତି ରାହୁଲ ଦ୍ରାବିଡ଼। ରାଜସ୍ଥାନ ଟିମ୍ ଆଇପିଏଲ୍ ଲାଗି ତାଙ୍କୁ ୩୫ ଲକ୍ଷ ଟଙ୍କାରେ କିଣିଛି। ଜମ୍ମୁ କଶ୍ମୀରର ବିପକ୍ଷ ଦ୍ୱିତୀୟ ଇନିଂସରେ ସେ ଭଲ ଖେଳିବେ ବୋଲି ଆଶା କରାଯାଉଥିଲା। ହେଲେ ତାଙ୍କ ଉଇକେଟ ଯୁଦ୍ଧବୀର ନେଇଥିଲେ। ରୋହିତଙ୍କ ବ୍ୟତିତ ଅନ୍ୟତମ ଓପନିଂ ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୈସୱାଲ ରଣଜୀର ଉଭୟ ଇନିଂସରେ ଭଲ ପ୍ରଦର୍ଶନ କରିନାହାନ୍ତି।

# ମେଘାଳୟକୁ ୧୯୮, ପୋଦ୍ଦାରଙ୍କ ଶତକରେ ଓଡ଼ିଶା ଅଗ୍ରଣୀ

ଭୁବନେଶ୍ୱର,୨୪।୧: ଅଧିନାୟକ ପରିବର୍ତ୍ତନ ସହ ଓଡ଼ିଶା କ୍ରିକେଟ୍ ଦଳର ଆତ୍ମବିଶ୍ୱାସ ଢେର୍ ବଢ଼ିଛି। ଯାହାର ଝଲକ ଗୁରୁବାରଠାରୁ ଶିଲଂରେ ଆରମ୍ଭ ହୋଇଥିବା ମେଘାଳୟ ବିପକ୍ଷ ରଣଜୀ ଟ୍ରଫି ଷଷ୍ଠ ରାଉଣ୍ଡ ମୁକାବିଲାରେ ଦେଖିବାକୁ ମିଳିଛି। ମେଘାଳୟ ୬୪.୩ ଓଭରରେ ମାତ୍ର ୧୯୮ ରନ୍ରେ ଅଲଆଉଟ୍ ହୋଇଯାଇଛି। ଜବାବରେ ଓଡ଼ିଶା ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୫୨୭ ରନ୍ କରି ୭ ୱିକେଟ ହରାଇଛି। ଗୋବିନ୍ଦ ପୋଦ୍ଦାର ୧୨୧ ରନ୍ କରିଥିବାବେଳେ ସ୍ୱସ୍ତିକ ସାମଲ ୮୦ ରନ୍, ସନ୍ଦୀପ ପଟ୍ଟନାୟକ ୭୮ ରନ୍, କାର୍ତ୍ତିକ ବିଶ୍ୱାଳ ୬୮ ରନ୍, ରାଜେଶ ଧୂପର ଅପରାଜିତା ୮୦ ରନ୍ ଓ ଶାନ୍ତନୁ ମିଶ୍ର ୩୭ ରନ୍ କରିଛନ୍ତି। ଫଳରେ ଓଡ଼ିଶା ୩୨୫ ରନ୍ରେ ଅଗ୍ରଣୀ ହାସଲ କରିଛି। ବିଶେଷ କରି ଦ୍ରୁତ ବୋଲର ତାପସ ଦାସ (୬/୬୭)ଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିବା ରାଜ୍ୟ ଦଳ ପାଇଁ ଟ୍ରମ୍ପ୍ କାର୍ଡ ସାବ୍ୟସ୍ତ ହୋଇଛି। ଏହି ମ୍ୟାଚ୍ରେ ପ୍ରଥମ ଶ୍ରେଣୀ କ୍ରିକେଟ୍ ଜୀବନ ଆରମ୍ଭ କରିଥିବା ତାପସ ଘାତକ ବୋଲିଂ କରି ଘରୋଇ ମେଘାଳୟର ୬ ଜଣ ବ୍ୟାଟର୍ଙ୍କୁ ଶିକାର କରିନେବା ସହ ଓଡ଼ିଶାକୁ ପ୍ରଥମ ଦିନରୁ ହିଁ ସୁଯୋଗ ପ୍ରଦାନ କରିଛନ୍ତିଙ ତାଙ୍କ ସହ ଅନ୍ୟତମ ଦ୍ରୁତ ବୋଲର ସୁନୀଲ ରାଉଳ (୩/୩୧) ଏବଂ ସ୍ପିନର୍ ସୁମିତ ଶର୍ମା (୧/୨୮) ଉପଯୋଗୀ ଅବଦାନ ରଖିବା ପରେ ମେଘାଳୟ ୬୪.୩ ଓଭରରେ ମାତ୍ର ୧୯୮ ରନ୍ରେ ଅଲଆଉଟ୍ ହୋଇଯାଇଛି।

# 'ଅନୁଷ୍କାଙ୍କ ଚିନ୍ତାରେ ଖେଳିପାରୁ ନାହାନ୍ତି ବିରାଟ'

ନୂଆଦିଲ୍ଲୀ,୨୪।୧: ପୂର୍ବତନ ଅଷ୍ଟ୍ରେଲିୟ କ୍ରିକେଟର ବ୍ରାଡ ହଗ୍ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଷ୍ଟାର ଇଣ୍ଡିଆ। ବ୍ୟାଟ୍ସମ୍ୟାନ୍ ବିରାଟ କୋହଲିଙ୍କ ଖରାପ ପ୍ରଦର୍ଶନ ପଡ଼ିଆରେ ଘଟୁଥିବା ଘଟଣା ଅପେକ୍ଷା ବାହାରେ ଘଟୁଥିବା ଘଟଣା ଯୋଗୁଁ ହୋଇପାରେ। ସେ ଏହା ମଧ୍ୟ କହିଛନ୍ତି ଯେ ଅନ୍ତର୍ଜାତୀୟ ଗସ୍ତ ସମୟରେ ପରିବାର ଉପରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ର ନୂତନ ନୀତି ବିରାଟଙ୍କ ଉପରେ ଅଧିକ ଚାପ ପକାଇପାରେ।

ସମ୍ପ୍ରତି ସମାପ୍ତ ହୋଇଥିବା ବର୍ଡର-ଗାଭାସ୍କର ଟ୍ରଫିରେ ୧୦ ଇନିଂସରେ କେବଳ ୧୯୦ ରନ୍ କରିପାରିଥିବା ବିରାଟ ଅଷ୍ଟ୍ରେଲିଆ। ବିପକ୍ଷରେ ୧-୩ ସିରିଜ୍ ପରାଜୟ ପରେ ପ୍ରଶ୍ନ ଘେରକୁ ଆସିଥିବା ଖେଳାଳିଙ୍କ ମଧ୍ୟରେ ଅଛନ୍ତି। ବିରାଟ ଗତ ବର୍ଷ ୨୩ ମ୍ୟାଚ୍ ଏବଂ ୩୨ ଇନିଂସରେ ମାତ୍ର ୬୫୫ ଅନ୍ତର୍ଜାତୀୟ ରନ୍ କରି ଶେଷ କରିଥିଲେ, ଯାହାର ହାରା ୨୧.୮୩ ଥିଲା, ଯେଉଁଥିରେ ତାଙ୍କ ନାମରେ ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ଥିଲା। ତାଙ୍କର ସର୍ବାଧିକ ସ୍କୋର ଥିଲା ୧୦୦ଅ।

ଦଳର ସାମୂହିକ ବିଫଳତା ପରେ, ବିସିସିଆଇ ଖେଳାଳିମାନଙ୍କ ପାଇଁ ଏକ ନୂତନ ନୀତି ପ୍ରଚଳନ କରିଛି, ଯେଉଁଥିରେ ଲଗେଜ୍, ଟୁରରେ ପରିବାରର ସମ୍ପୃକ୍ତି, ଘରୋଇ କ୍ରିକେଟ୍ ଖେଳିବା ଇତ୍ୟାଦି ଅନେକ ଦିଗ ଉପରେ ଆଲୋକପାତ କରାଯାଇଛି। ନୂତନ ନୀତି ଅନୁଯାୟୀ, ଖେଳାଳିଙ୍କ ବିଦେଶ ଗସ୍ତ ସମୟରେ ପରିବାର ସମୟକୁ ମାତ୍ର ୧୪ ଦିନ ପାଇଁ ସୀମିତ କରାଯାଇଛି।



ଅଷ୍ଟ୍ରେଲିଆର ୨୦୦୩ ଏବଂ ୨୦୦୭ କ୍ରିକେଟ୍ ବିଶ୍ୱକପ୍ ସ୍କ୍ୱାର୍ଡର ସଦସ୍ୟ ହଗ୍ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ କହିଛନ୍ତି ଯେ ବିରାଟଙ୍କ ପାଖରେ ବର୍ତ୍ତମାନ ଅତ୍ୟଧିକ କିଛି ଅଛି ଯାହା ତାଙ୍କୁ ତାଙ୍କର ସର୍ବୋତ୍ତମ ପ୍ରଦର୍ଶନ କରିନାହାନ୍ତି।

ତାଙ୍କର ଏବେ ଏକ ପରିବାର ଅଛି। ପଡିଆ। ବାହାରେ ତାଙ୍କର ଅନ୍ୟାନ୍ୟ ପ୍ରତିବଦ୍ଧତା ଅଛି ଯାହା ସେ ବିଶ୍ୱର ସମସ୍ତ ତିନୋଟି ଫର୍ମାଟରେ ପ୍ରକୃତରେ ପ୍ରଭାବଶାଳୀ ଥିବା ସମୟରେ ତାଙ୍କ ପାଖରେ ନଥିଲା। ତେଣୁ, ତାଙ୍କ ପ୍ରଦର୍ଶନ କେବଳ ପଡିଆରେ ଘଟୁଥିବା ଘଟଣା ନୁହେଁ, ଏଥିରେ ପଡିଅର ବାହାରେ ଘଟଣା ମଧ୍ୟ ସାମିଲ, ହଗ୍ କହିଛନ୍ତି। ମୁଁ ଭାବୁଛି ଏହା ବିରାଟଙ୍କ ପାଇଁ ପଡିଆ ବାହାରେ ଘଟଣା ଅଧିକ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ତାଙ୍କ ଉପରେ ବହୁତ ଚାପ ରହୁଛି ଯାହା ତାଙ୍କୁ ଏହି ମୁହୂର୍ତ୍ତରେ ଭଲ ପ୍ରଦର୍ଶନ ନ କରିବାରୁ ବାଧ କରୁଛି, ସେ ଆହୁରି କହିଛନ୍ତି। ପରିବାର ସମ୍ପର୍କରେ ବିସିସିଆଇର ନିୟମ ବିଷୟରେ ଆହୁରି କହିବାକୁ ଯାଇ ହଗ୍ କହିଛନ୍ତି, ପରିବାର ସମ୍ପର୍କରେ ବିସିସିଆଇ ଯେଉଁ ନୂତନ ନିୟମ ଆଣିଛି, ତାହା ବିରାଟଙ୍କ ଉପରେ, ତାଙ୍କ ପତ୍ନୀ ଏବଂ ପରିବାର ପାଇଁ ମଧ୍ୟ ଅଧିକ ଚାପ ପକାଇବ କାରଣ ଆପଣଙ୍କୁ ସେହି ସନ୍ତୁଳନ ରଖିବାକୁ ପଡିବ। ମୁଁ ଭାବୁଛି ଖେଳାଳିମାନେ ଯଥାସମ୍ଭବ ସେମାନଙ୍କ ପରିବାରକୁ ଗସ୍ତରେ ରଖିବା ଉଚିତ, ବିଶେଷକରି ବର୍ତ୍ତମାନ ସମୟରେ ଭାରତ ଯେତିକି କ୍ରିକେଟ୍ ଏବଂ ଭ୍ରମଣ କରୁଛି ତାହା ସହିତ। ହଗ୍ ଏହା ମଧ୍ୟ କହିଛନ୍ତି ଯେ ବର୍ଡର-ଗାଭାସ୍କର ଟ୍ରଫି ସମୟରେ ଭାରତର ସମସ୍ୟା ସେମାନଙ୍କ ପରିବାର ପାଖରେ ରହିବା ଯୋଗୁଁ ନୁହେଁ, ବରଂ ଏହା ନୂତନ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଡ୍ରେସିଂ ରୁମରେ ସହାୟକ କର୍ମଚାରୀଙ୍କ ଦ୍ୱାରା ନିର୍ମିତ ନିୟମ ବିଷୟରେ ଥିଲା।

ବିରାଟ ତାଙ୍କ ଟେଷ୍ଟ ପ୍ରଦର୍ଶନରେ ଏକ ବଡ଼ ହ୍ରାସର ସମ୍ମୁଖୀନ ହୋଇଛନ୍ତି ଯାହା ୨୦୨୦ ଆରମ୍ଭରୁ ଆରମ୍ଭ ହୋଇଛି। ୨୦୨୦ ଆରମ୍ଭରୁ ୩୯ ଟେଷ୍ଟ ମ୍ୟାଚ୍ ରେ, ବିରାଟ ୩୦.୭୨ ହାରରେ କେବଳ ୨,୦୨୮ ରନ କରିଛନ୍ତି, ଯେଉଁଥିରେ କେବଳ ତିନୋଟି ଶତକ ଏବଂ ନଅଟି ଅର୍ଦ୍ଧଶତକ ରହିଛିୟ ତାଙ୍କର ସର୍ବୋତ୍ତମ ସ୍କୋର ହେଉଛି ୧୮୬।ବିରାଟ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ୨୦୨୩-୨୫ ଚକ୍ରରେ ୧୪ ମ୍ୟାଚ୍ ଏବଂ ୨୫ ଇନିଂସରେ ୩୨.୬୫ ହାରରେ ୭୫୧ ରନ କରି ଦୁଇଟି ଶତକ ଏବଂ ତିନୋଟି ଅର୍ଦ୍ଧଶତକ ସହିତ ଶେଷ କରିଥିଲେ। ତାଙ୍କର ସର୍ବୋତ୍ତମ ସ୍କୋର ଥିଲା ୧୨୧। ଗତ ବର୍ଷ ୧୦ଟି ଟେଷ୍ଟରେ, ସେ ୨୪.୫୨ ହାରରେ ମାତ୍ର ଗୋଟିଏ ଶତକ ଏବଂ ଅର୍ଦ୍ଧଶତକ ସହିତ ମାତ୍ର ୪୧୭ ରନ କରିଥିଲେ, ଯାହା ଏକ ନିରାଶାଜନକ ବର୍ଷ ଥିଲା।

# ରେକର୍ଡ ବୁକରେ ସିଦ୍ଧାର୍ଥ

ନୂଆଦିଲ୍ଲୀ,୨୪।୧: ଗୁଜରାଟ ବୋଲର୍ ସିଦ୍ଧାର୍ଥ ଦେଶାଇ ପ୍ରଥମ ଶ୍ରେଣୀ କ୍ରିକେଟରେ ଏକ ଅସାଧାରଣ ରେକର୍ଡ କରିଛନ୍ତି। ପ୍ରତିପକ୍ଷ ଉତ୍ତରାଖଣ୍ଡର ୯ ଜଣ ବ୍ୟାଟର୍ଙ୍କୁ ଆଉଟ୍ କରି ଗୋଟିଏ ପାଳିରେ ସର୍ବାଧିକ ୱିକେଟ୍ ନେବାରେ ଗୁଜରାଟ ପକ୍ଷରୁ ଶ୍ରେଷ୍ଠ ବୋଲିଂ ଚିତ୍ର ପାଇଛନ୍ତି ସେ। ଗୁଜରାଟ କଲେଜ୍ କ୍ରିକେଟ୍ ପଡ଼ିଆରେ ଆୟୋଜିତ ଏହି ମ୍ୟାଚ୍ରେ ବାମହାତୀ ସ୍ପିନର୍ ସିଦ୍ଧାର୍ଥ ୩୬ ରନ୍ ଦେଇ ୯ ୱିକେଟ୍ ନେବା ସହ ରାକେଶ ବିନୁଭାଇ ଧ୍ରୁବଙ୍କ ନାଁରେ ଥିବା ଏହି ଗୁଜରାଟୀ ରେକର୍ଡକୁ ସେ ଭାଙ୍ଗିଥିଲେୟ ରାକେଶ ୨୦୧୨ରେ ସୌରାଷ୍ଟ୍ର ବିପକ୍ଷରେ ୩୧ ରନ୍ ଦେଇ ୮ ୱିକେଟ୍ କରାୟତ୍ତ କରିଥିଲେ। ଯାହା ଏହା ପୂର୍ବରୁ ଗୁଜରାଟର ଶ୍ରେଷ୍ଠ ପ୍ରଥମ ଶ୍ରେଣୀ ବୋଲିଂ ପ୍ରଦର୍ଶନ ଥିଲାୟ ସିଦ୍ଧାର୍ଥଙ୍କ ଘାତକ ବୋଲିଂ ପାଇଁ ଉତ୍ତରାଖଣ୍ଡ ପାଳି ୩୦ ଓଭରରେ ମାତ୍ର ୧୧୧ ରନ୍ରେ ଶେଷ ହୋଇଯାଇଥିଲାୟ ଅବଶିଷ୍ଟ ଗୋଟିଏ ୱିକେଟ୍ ବିଶାଳ ଜୟସ୍ୱାଲ ନେଇଥିଲେ। ଗତ ନଭେମ୍ବରରେ କେରଳର ସମସ୍ତ ୧୦ ୱିକେଟ୍ ନେଇ ହରିୟାଣାର ଅନସୁଲ ଖମ୍ବୋଜ ଇତିହାସ ରଚିଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟ୍ରେ ଗୋଟିଏ ପାଳିରେ ସମସ୍ତ ୧୦ ୱିକେଟ୍ ନେବାରେ ସେ ଷଷ୍ଠ ଭାରତୀୟ ହୋଇଥିଲେ।

# ଧୱନ ଓ ପାଣ୍ଡ୍ୟାଙ୍କ ଲିଷ୍ଟରେ ଯୋଡ଼ି ହେବେ କି ସେହୱାଗ ?

ନୂଆଦିଲ୍ଲୀ,୨୪।୧: ଭାରତୀୟ କ୍ରିକେଟର ସବୁଠାରୁ ଚର୍ଚ୍ଚିତ ଓପନର ବୀରେନ୍ଦ୍ର ସେହୱାଗ ଏବେ ଚର୍ଚ୍ଚାରେ। ସେହୱାଗ ଓ ତାଙ୍କ ପତ୍ନୀ ଆରତୀଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସୋଶାଲ ମିଡିଆରେ ଜୋରଦାର ଚର୍ଚ୍ଚା। ଦୀର୍ଘ ବର୍ଷ ତଳୁ କ୍ରିକେଟରୁ ଅବସର ନେଇ ସାରିଥିବା ସେହୱାଗ ଟେଷ୍ଟ କ୍ରିକେଟରେ ଦୁଇ ଥର ଟ୍ରିପଲ ଟନ୍ ହାସଲ କରିଥିଲେ।

ହେଲେ ଏବେ ହଠାତ କାହିଁକି ସମସ୍ତଙ୍କ ଫୋକସକୁ ଆସିଛନ୍ତି ବୀରେନ୍ଦ୍ର ସେହୱାଗ? କେବଳ ସେ ନୁହନ୍ତି, ତାଙ୍କ ପତ୍ନୀ ଆରତୀ ମଧ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି।ସୋଶାଲ ମିଡିଆରେ ସେହୱାଗ ଓ ଆରତୀଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ବଡ଼ ଦାବି କରାଯିବାରୁ ସମସ୍ତେ ପ୍ରକୃତ ଘଟଣା ଜାଣିବାକୁ ଆଗ୍ରହ ଦେଖାଇଛନ୍ତି।

ଭାରତ ପାଇଁ ୧୦୪ଟି ଟେଷ୍ଟ ଓ ୨୫୧ଟି ଦିନିକିଆ। ଖେଳିଥିବା ସେହୱାଗ ୨୦୦୪ ଡିସେମ୍ବର ମାସରେ ଆରତୀଙ୍କୁ ବିବାହ କରିଥିଲେ। ଇତି ମଧ୍ୟରେ ଉଭୟଙ୍କ ବାହାଘରକୁ ୨୦ ବର୍ଷ ବିତି ଗଲାଣି। ଆରତୀ ୨୦୦୭ରେ ଆର୍ଯ୍ୟବୀର ଓ ୨୦୧୦ରେ ବେଦାନ୍ତଙ୍କୁ ଜନ୍ମ ଦେଇଥିଲେ। ୨ ପୁଅ ଓ ପତ୍ନୀଙ୍କୁ ନେଇ ସେହୱାଗଙ୍କ ସଂସାରର ଗାଡ଼ି ଆଗକୁ ଚାଲିଛି।ହେଲେ ଏବେ ଜଣାପଡ଼ିଛି ଯେ ସେହୱାଗ ଓ ଆରତୀଙ୍କ ମଧ୍ୟରେ ସବୁ କିଛି ଠିକଠାକ ଚାଲି ନାହିଁ।

କୁହାଯାଉଛି ଯେ ବେଶ କିଛି ମାସ ହେଲାଣି ଉଭୟ ଅଲଗା ଅଲଗା ରହୁଛନ୍ତି। ଏପରି କି ଖୁବଶୀଘ୍ର ସେହୱାଗ ଓ ଆରତୀଙ୍କ ମଧ୍ୟରେ ବିବାହ ବିଚ୍ଛେଦ୍ୟ ହେବାର ଆଶଙ୍କା ରହିଛି। କିନ୍ତୁ ଏ ସମ୍ପର୍କରେ କେହି ବି ମୁହଁ ଖୋଲି ନାହାନ୍ତି। ଚର୍ଚ୍ଚାକୁ ନେଇ ଉଭୟ ପକ୍ଷ ଚୁପ ରହିଛନ୍ତି।



ସେହୱାଗ ଓ ଆରତୀଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଏପରି ଖବର ଆସିବା ପରେ ସୋଶାଲ ମିଡିଆରେ ଅନେକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବୀରେନ୍ଦ୍ର ସେହୱାଗ ବେଶ କିଛି ମାସ ହେଲାଣି ଆରତୀଙ୍କ ସହ କୌଣସି ପ୍ରକାରର ଫଟୋ ସୋଶାଲ ମିଡିଆରେ ପୋଷ୍ଟ କରୁ ନାହାନ୍ତି। ତଥାପି ଉଭୟଙ୍କ ଗୋଟିଏ ପୁରୁଣା ଫଟୋ ସେହୱାଗଙ୍କ ପ୍ରୋଫାଇଲ ଭାବେ ଏବେ ବି ରହିଛନ୍ତି।

ସେହୱାଗ ଇନଷ୍ଟାଗ୍ରାମରେ ଆରତୀଙ୍କୁ ଅନଫୋଲ କରି ଦେଇଛନ୍ତି। ଆରତୀ ମଧ୍ୟ ସେହୱାଗଙ୍କ ବିରୋଧରେ ସମାନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏପରି ଖବର ସାମ୍ନାକୁ ଆସିବା ପରେ ସେହୱାଗ ଖୁବଶୀଘ୍ର ପୂର୍ବତନ କ୍ରିକେଟର ଶିଖର ଧୱନ ଓ ବର୍ତ୍ତମାନର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିବାହ ବିଚ୍ଛେଦ ଗ୍ରୁପରେ ଯୋଡ଼ି ହେବାକୁ ଯାଉଥିବା ଆଶଙ୍କା ପ୍ରକାଶ ପାଇଛ। ସେହିପରି ଯୁଜି ଚହଲଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସମାନ ଚର୍ଚ୍ଚା ଲାଗି ରହିଛି। ଯୁଜି ଓ ତାଙ୍କ ପତ୍ନୀ ଧନଶ୍ରୀ ବର୍ମାଙ୍କ ମଧ୍ୟରେ ଏବେ ସବୁ କିଛି ଠିକ ଠାକ ନଥିବା କୁହାଯାଉଛି।

୨୦୧୫ ଅକ୍ଟୋବର ମାସରେ ବୀରେନ୍ଦ୍ର ସେହୱାଗ କ୍ରିକେଟରୁ ଅବସର ଘୋଷଣା କରିଥିଲେୟ ଏବେ ସେ ଭାଷ୍ୟକାର ଭୂମିକାରେ ରହିଛନ୍ତିୟ ସେହିପରି ତାଙ୍କ ବିଭିନ୍ନ ସ୍ପୋର୍ଟସ ଟ୍ରେନିଂ ସେଣ୍ଟର ବି ରହିଛିୟ ହେଲେ ପତ୍ନୀ ଆରତୀଙ୍କ ସମ୍ପର୍କରେ ଅନେକ ଲୋକ ଜାଣି ନଥିବେୟ ସେହୱାଗଙ୍କ ପତ୍ନୀ ଆରତୀ ୧୯୮୦ ମସିହା ଡିସେମ୍ବର ୧୬ରେ ନୂଆଦିଲ୍ଲୀରେ ଜନ୍ମ ଗ୍ରହଣ କରିଥିଲେୟ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଢେର ଅଧିକୟ ଆରତୀଙ୍କ ବାପା ସୂରଜ ସିଂହ ଜଣେ ଆଇନଜୀବୀୟ ଲେଡି ଇରୱିନ ସେକେଣ୍ଡାରୀ ସ୍କୁଲ ଓ ଭାରତୀୟ ବିଦ୍ୟା ଭବନରେ ଆରତୀ ସ୍କୁଲ ଶିକ୍ଷା ଶେଷ କରିଥିଲେୟ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟରୁ କମ୍ପ୍ୟୁଟର ସାଇନ୍ସରେ ଡିପ୍ଲୋମା ହାସଲ କରିଥିବା ଆରତୀ ଜଣେ ବ୍ୟବସାୟିକ ମହିଳା ଭାବେ ବେଶ ପରିଚିତ।

ଇଭେନ୍ସରୁରା କ୍ରିଏସନ୍ସ ପ୍ରାଇଭେଟ୍ ଲିମିଟେଡ୍, ଏଭିଏସ୍ ହେଲଥ କେୟାର ଲିମିଟେଡ, ଏଏସ୍‌ଭି ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା:ଲି: ଓ ଏସଏମଇଜେ ଆଗ୍ରୋ ଇମ୍ପେକ୍ସ ପ୍ରା:ଲି ନାମକ ୪ଟି କମ୍ପାନୀର ସେ ନିର୍ଦ୍ଦେଶକୟ ହେଲେ ୨୦୧୯ରେ ତାଙ୍କୁ ଜୋରଦାର ଝଟକା ଲାଗିଥିଲା। ତାଙ୍କ ବ୍ୟବସାୟିକ ପାର୍ଟନର ନକଲି ଦସ୍ତଖତ ଜରିଆରେ ଆରତୀଙ୍କ ନାଁରେ ୪.୫ କୋଟି ଟଙ୍କାର ଋଣ ଉଠାଇ ନେଇଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ଆରତୀ ଆଇନର ଆଶ୍ରୟ ନେବା ସହ ପାର୍ଟନରଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଥିଲେ। ଏବେ ବି ଆରତୀ ନିଜ କମ୍ପାନୀକୁ ଚଳାଉଛନ୍ତି।

ବୀରେନ୍ଦ୍ର ସେହୱାଗ ଓ ଆରତୀଙ୍କ ମଧ୍ୟରେ ପ୍ରଥମେ ଗୋଟିଏ ବାହାଘରରେ ଭେଟଘାଟ ହୋଇଥିଲା। ଏହି ସମୟରେ ସେହୱାଗଙ୍କୁ ୭ ବର୍ଷ ଓ ଆରତୀ ୫ ବର୍ଷ ବୟସର ହୋଇଥିଲେ। ସେହୱାଗ ୨୧ ବର୍ଷରେ ପାଦ ଦେବା ପରେ ୧୪ ବର୍ଷ ହେଲା ଜାଣିଥିବା ଆରତୀଙ୍କୁ ପ୍ରେମ ନିବେଦନ କରିଥିଲେ। ଆରତୀ ତାଙ୍କ ପ୍ରେମ ନିବେଦନକୁ ଗ୍ରହଣ କରିଥିଲେ ହେଁ ପ୍ରାଥମିକ ପର୍ଯ୍ୟାୟରେ ଉଭୟଙ୍କ ଘର ଲୋକ ଏଥିରେ ରାଜି ହୋଇ ନଥିଲେ। କିନ୍ତୁ ସମୟକ୍ରମେ ପରିବାର ଲୋକଙ୍କ ମନ ତରଳି ଥିଲାୟ ଶେଷରେ ୨୦୦୪ରେ ଉଭୟ ବିବାହ କରିଥିଲେ। ଦିବଗଂତ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ବାସଭବନରେ ସେହୱାଗଙ୍କ ବିବାହ ହୋଇଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ